

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୨ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 02 December 2025
Vol.No. 36 ■ No.317 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

## ସଂସଦ ଦେଶ ନିର୍ମାଣର ମଂଚ, ପରାଜୟ-ବିଜୟ ରାଜନୀତିର ଆଖଡା ନୁହେଁ: ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ,୦୧/୧୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ସଂସଦର ଶୀତକାଳୀନ ଅଧିବେଶନର ଆରମ୍ଭ ପୂର୍ବରୁ ସଂସଦ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରି ବିରୋଧୀ ଓ ଶାସକ—ଉଭୟଙ୍କୁ ଅନୁରୋଧ କରିଛନ୍ତି ଯେ ଏହି ଅଧିବେଶନ ପରାଜୟର ଆଖଡା କିମ୍ବା ବିଜୟର ଅହଂକାରର ମଞ୍ଚ ନ ହେଉ। ସେ କହିଛନ୍ତି ଯେ ଗଣତନ୍ତ୍ର ଓ ଅର୍ଥତନ୍ତ୍ରର ସୁଦୃଢତାକୁ ଆଜି ସମଗ୍ର ବିଶ୍ୱ ବହୁତ ଧ୍ୟାନପୂର୍ବକ ନିରୀକ୍ଷଣ କରୁଛି। ଏପରି ପରିସ୍ଥିତିରେ ସଂସଦର ପ୍ରତିଟି ମୁହୂର୍ତ୍ତ ଜାତି ଗଠନ ପାଇଁ ବ୍ୟବହୃତ ହେବା ଉଚିତ, ରାଜନୈତିକ ନକାରାତ୍ମକତାରେ ବ୍ୟର୍ଥ ଯିବା ଉଚିତ ନୁହେଁ। ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି ଯେ ସଂସଦ ଦେଶକୁ ନୂତନ ଗତି ଦେବାରେ ଏବଂ ଭବିଷ୍ୟତର ଦିଗ ନିର୍ଣ୍ଣୟ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ। ସେ ଆଶା ବ୍ୟକ୍ତ କରିଛନ୍ତି ଯେ ଶୀତକାଳୀନ ଅଧିବେଶନ ମଧ୍ୟ ଦେଶର ଉନ୍ନତି ଯାତ୍ରାକୁ ନୂତନ ଉର୍ଜା ଦେବ। ସେ କହିଛନ୍ତି ଯେ ଭାରତ ଗଣତନ୍ତ୍ରକୁ ଜୀବନ୍ତ ରଖିଛି। ଗଣତନ୍ତ୍ରର ଆଶା ଓ ଉତ୍ସାହକୁ ସମୟ ସମୟରେ ଦେଶ ଏପରି ଭାବରେ ପ୍ରକାଶ କରିଛି ଯେ ଗଣତନ୍ତ୍ର ପ୍ରତି ବିଶ୍ୱାସ ଆହୁରି ସୁଦୃଢ଼ ହୋଇଛି। ସେ ନିକଟରେ ହୋଇଥିବା ବିହାର ବିଧାନସଭା ନିର୍ବାଚନର ଉଲ୍ଲେଖ କରି କହିଛନ୍ତି ଯେ ମତଦାନ ପ୍ରତିଶତ ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତିର ପ୍ରମାଣ। ବିଶେଷକରି ମା’–ଭଉଣୀମାନଙ୍କର ବୃଦ୍ଧିଶୀଳ ଭାଗୀଦାରୀକୁ ସେ ଦେଶର ବଦଳୁଥିବା ଚିନ୍ତାଧାରା ଓ ବୃଦ୍ଧିଶୀଳ ବିଶ୍ୱାସର ପ୍ରତୀକ ଭାବରେ ବର୍ଣ୍ଣନା କରିଛନ୍ତି। ବିରୋଧୀ ଉପରେ ଆକ୍ରମଣ କରି ସେ କହିଛନ୍ତି ଯେ କିଛି ଦଳ ଅଛନ୍ତି ଯେମାନେ ନିଜ ପରାଜୟକୁ ସହିପାରୁନାହାନ୍ତି। ବିହାରର ଫଳାଫଳ ପରେ ସମୟ ସହିତ ସବୁ ବଦଳିଯିବ ବୋଲି ଆଶା ଥିଲା କିନ୍ତୁ ସମ୍ପ୍ରତିର ବୟାନବାଜିରୁ ପ୍ରକାଶ ପାଉଛି ଯେ ପରାଜୟର ଯନ୍ତ୍ରଣା ତାଙ୍କୁ ଏଯାଏଁ ପର୍ଯ୍ୟନ୍ତ ବିଚଳିତ କରୁଛି। ଏବଂ ଏହି ନିରାଶାକୁ ସେମାନେ ସଂସଦ ମଧ୍ୟ ନେଇଆସୁଛନ୍ତି — ଏହା ଦୁଃଖଦ। କୌଣସି ଦଳର ନାମ ନନେଇ ସେ କହିଛନ୍ତି ଯେ ସଂସଦ ଦେଶର ନୀତି ଓ ଭବିଷ୍ୟତ ଉପରେ ଆଧାରିତ ହେବା ଉଚିତ, କୌଣସି ରାଜ୍ୟର ରାଜନୀତିର ମଞ୍ଚ ନୁହେଁ। ଏହି ପ୍ରବୃତ୍ତିକୁ ସେ ଦେଶ ପାଇଁ ଅସ୍ୱାସ୍ଥ୍ୟକର ପରମ୍ପରା ଭାବେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ କିଛି ସମୟ ହେବ ସଂସଦ ନିର୍ବାଚନ ପାଇଁ ‘ୱାର୍ମ-ଅପ୍ ଅଖାଡ଼ା’ କିମ୍ବା ନିର୍ବାଚନୀ ପରାଜୟ ପରେ ରୋଷ ପ୍ରକାଶର ମଞ୍ଚ ହୋଇଯାଉଛି। ଏହି ପରମ୍ପରା ବନ୍ଦ ହେବା ଉଚିତ। ସେ କହିଛନ୍ତି ଯେ,“ନେଗେଟିଭ୍ ପଲିଟିକ୍ସର କିଛି ଉପଯୋଗିତା ଥାଇପାରେ, କିନ୍ତୁ ରାଷ୍ଟ୍ର ଗଠନ ପାଇଁ ସକାରାତ୍ମକ ଦୃଷ୍ଟିକୋଣ ଅନିବାର୍ଯ୍ୟ। ଆସନ୍ତୁ, ନକାରାତ୍ମକତାକୁ ସୀମିତ ରଖି ରାଷ୍ଟ୍ର ନିର୍ମାଣରେ ଧ୍ୟାନ କେନ୍ଦ୍ରିତ କରିବା।” ପ୍ରଧାନମନ୍ତ୍ରୀ ଯୁବ ସାଂସଦମାନଙ୍କୁ ଅଧିକ ସୁଯୋଗ ଦେବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ସେ କହିଛନ୍ତି ଯେ ସଂସଦରେ ନୂତନ ପିଢ଼ିର ପ୍ରତିନିଧିମାନେ ନୂଆ ଚିନ୍ତାଧାରା ଓ ସତଜ ସମୀକ୍ଷା ନେଇ ଆସନ୍ତି, ଏବଂ ଦେଶ ତାଙ୍କ ଅନୁଭବ ଓ ଉର୍ଜାରୁ ଲାଭାନ୍ୱିତ ହେବା ଉଚିତ। ସେ କହିଛନ୍ତି ଯେ ସଂସଦ ନାଟକର ମଞ୍ଚ ନୁହେଁ, କାର୍ଯ୍ୟ ସଂପାଦନର ସ୍ଥାନ—ଏଠାରୁ ବାହାରିବା ପ୍ରତ୍ୟେକ ସିଦ୍ଧାନ୍ତ ଦେଶର କୋଟିକୋଟି ନାଗରିକଙ୍କ ଜୀବନକୁ ପ୍ରଭାବିତ କରେ। ଦେଶର ଅର୍ଥନୈତିକ ଅଗ୍ରଗତି ବିଷୟରେ ସେ କହିଛନ୍ତି ଯେ ଭାରତର ଅର୍ଥନୀତି ଆଜି ନୂତନ ଉଚ୍ଚତା ସ୍ପର୍ଶ କରୁଛି ଏବଂ ଏହି ଗତି ‘ବିକସିତ ଭାରତ’ର ସ୍ୱପ୍ନକୁ ଆହୁରି ସୁଦୃଢ଼ କରୁଛି। ବିଶ୍ୱ ଆଜି ଦେଖୁଛି ଯେ ଗଣତାନ୍ତ୍ରିକ ପ୍ରଣାଳୀ କିପରି ଉନ୍ନତିକୁ ତ୍ୱରାନ୍ୱିତ କରିପାରେ। ଶେଷରେ ସେ ସମସ୍ତ ଦଳକୁ ଅନୁରୋଧ କରିଛନ୍ତି ଯେ ଶୀତକାଳୀନ ଅଧିବେଶନକୁ ସକାରାତ୍ମକତା, ସହଯୋଗ ଓ ଗଠନମୂଳକ ଆଲୋଚନାର ମଞ୍ଚ କରନ୍ତୁ, ଯାହାଦ୍ୱାରା ସଂସଦର ଉର୍ଜା ଦେଶକୁ ନୂତନ ଉଚ୍ଚତାକୁ ନେଇଯିବ। ସେ କହିଛନ୍ତି ଯେ,“ସଂସଦ ଦେଶ ପାଇଁ କ’ଣ ଭାବୁଛି ଏବଂ କ’ଣ କରିବାକୁ ଯାଉଛି— ଏହି ଅଧିବେଶନର କେନ୍ଦ୍ରବିଷୟ ହେବା ଉଚିତ। ବିରୋଧୀ ମଧ୍ୟ ନିଜ ଦାୟିତ୍ୱ ନିର୍ବାହ କରୁ, ଦୃଢ଼ ବିଷୟ ଉଠାଉ ଏବଂ ପରାଜୟର ନିରାଶାରୁ ବାହାରିଆସୁ।”



## ବଦଳିଲା ରାଜଭବନର ନାଁ: ଏଣିକି ଭୁବନେଶ୍ୱର ଓ ପୁରୀ ରାଜଭବନ ନାଁ ହେବ ଲୋକଭବନ



ଭୁବନେଶ୍ୱର, ୦୧/୧୨ (ନି.ପ୍ର): ରାଜଭବନର ନାଁ ବଦଳିଛି। କେନ୍ଦ୍ର ସରକାର ଏହାର ନାଁ ବଦଳାଇ ଲୋକଭବନ କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିଷ୍ପତ୍ତି ଆଧାରରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ବିଜ୍ଞପ୍ତି ଅନୁସାରେ ଭୁବନେଶ୍ୱର ଏବଂ ପୁରୀ ରାଜଭବନର ନାଁକୁ ପରିବର୍ତ୍ତନ କରାଯାଇ ଲୋକଭବନ କରାଯାଇଛି। ପୂର୍ବରୁ ସରକାର ରାଜ୍ୟ ସଚିବାଳୟ ନାଁ ବଦଳାଇ ଲୋକସେବା ଭବନ କରିଥିଲେ। ସେପଟେ ବିଧାନସଭାରେ ସଂକଳ୍ପ ପତ୍ରକୁ ଚିରି ଫିଙ୍ଗିଲେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ସଂକଳ୍ପ ପତ୍ର ଚିରିବା ସହ ବିଜେଡି ଓ କଂଗ୍ରେସ ସଦସ୍ୟ କକ୍ଷ ତ୍ୟାଗ କରିଛନ୍ତି। ଜଳ ନିୟନ୍ତ୍ରଣ ଓ ନିବାରଣ ସଂକଳ୍ପ ସମୟରେ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରତି ଉତ୍ତର ରଖୁଥିଲେ। ହେଲେ ଏହାକୁ ପ୍ରତିବାଦ କରିବା ସହ ସଂକଳ୍ପ ପତ୍ରକୁ ଚିରି ଫୋପାଡ଼ି ଦେଇଥିଲେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଯାହା ପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବି କରାଯାଇଛି। ଆଜି ବିଧାନସଭାରେ ମୁହାଁମୁହିଁ ହୋଇଛନ୍ତି ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ଓ ଆଉ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ। ନିଜ ନିଜର ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ମୁହାଁ ମୁହିଁ ହୋଇଛନ୍ତି ଦୁଇ ନେତା। ତେବେ ଆଜି ବିଧାନସଭା ପ୍ରଶ୍ନକାଳରେ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କହିଥିଲେ ସୋନପୁରରେ ଉଏଏର ନିର୍ମାଣ ଶୈଳୀ ଦେଶର ଦ୍ୱିତୀୟ ସ୍ଥାନରେ ରହିଛି, କିନ୍ତୁ ଡାକ୍ତର ନାହାନ୍ତି। ମନ୍ତ୍ରୀ ତାଙ୍କ ଏରିଆକୁ ଭଲ ଡାକ୍ତର ବଦଳି କରି ନେଇଯାଉଛନ୍ତି। ଯେଉଁ କାରଣରୁ ଅନେକ ରୋଗୀ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି।

## ମହାରାଷ୍ଟ୍ରର ସୋଲାପୁରରେ ଦୁଇଟି ଗାଡି ଧକ୍କାରେ ପାଞ୍ଚଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ , ୦୧/୧୨ : ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାରେବାର୍ଶୀ -ଲାତୁର ହାଇୱେରେ ଜାମ୍ବାଲବେଟରେ ଗତ ରାତିରେ ଏକ କାର ଏବଂ ଏକ ଟ୍ରକ ମୁହାଁମୁହିଁଧକ୍କାରେ ପାଞ୍ଚ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଦୁଇଜଣ ଆହତ ହୋଇଛନ୍ତି।ମୃତ୍ୟୁ ହେଉଥିବା ତିନିଜଣ ମହିଳା ଏବଂ ଦୁଇ ପୁରୁଷ ଅନ୍ତର୍ଭୁକ୍ତ। ଆହତଙ୍କୁବାର୍ଶୀ ଜଗଦାଲେ ହସ୍ପିଟାଲରେ ଭର୍ତ୍ତୀ କରାଯାଇଛି। ଏହି ସୁଚନା ବାର୍ଶୀ ପୋଲିସ ଦେଇଛି।ପୋଲିସ ସୋମବାର କହିଛି ଯେ ପନୱେଲରେ ରହୁଥିବା ଅନିକେତ ଗୌତମ କାମ୍ବଲେ (୨୮)ବିବାହ ପାଞ୍ଚଦିନ ପୂର୍ବରୁ ମେଘନା ଅନିକେତ କାମ୍ବଲେ ଙ୍କ ସହିତ ହୋଇଥିଲା।

▶▶ପୃଷ୍ଠା ୭

## କିଟ୍‌ରେ ପୁଣି ଛାତ୍ର ମୃତ୍ୟୁ: ପୁଣି ବିବାଦ, ବର୍ଷକରେ ୩ ଛାତ୍ରଛାତ୍ରୀଙ୍କ ମୃତ୍ୟୁକୁ ନେଇ ଉଠିଲା ପ୍ରଶ୍ନ




ଭୁବନେଶ୍ୱର, ୦୧/୧୨ (ନି.ପ୍ର): ପୁଣି କିଟ୍, ପୁଣି ଛାତ୍ର ମୃତ୍ୟୁ, ପୁଣି ବିବାଦ। ଅକାଳରେ ଚାଲିଗଲା ଆଉ ଜଣେ ଛାତ୍ରଙ୍କ ଜୀବନ। ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ହଷ୍ଟେଲ ରୁମ ଭିତରେ ସନ୍ଦେହଜନକ ସ୍ଥିତିରେ ଆଖି ବୁଜିଛନ୍ତି ଆଉ ଜଣେ ନିରୀହ ଛାତ୍ର। ନାଁ ରାହୁଲ ଯାଦବ। ବୟସ ମାତ୍ର ୧୮ ବର୍ଷ। ଘର ଛତିଶଗଡ଼ର ରାୟପୁରରେ। କଓଓଞ୍ଚରେ ପ୍ରଥମ ବର୍ଷ କମ୍ପ୍ୟୁଟର ସାଇନ୍ସ ପଢୁଥିଲେ ରାହୁଲ। ସମୟ ରବିବାର ରାତି ୧୦ଟା ୪୫। କମିଶନରେଟ୍ ପୋଲିସ ସୂଚନା ଦେଇଛି, ଠିକ୍ ଏଇ ସମୟରେ ଇନଫୋସିଟି ଥାନାକୁ ଆସିଥିଲା ସୂଚନା। କିଟ୍ କିଙ୍ଗ୍ସ ପ୍ୟାଲେସ ହଷ୍ଟେଲର ୧୦ ନମ୍ବର କ୍ୟାମ୍ପସର ରହୁଥିବା ଜଣେ ଛାତ୍ର ରୁମ୍ ଭିତରେ ଝୁଲିପଡ଼ିଛି। ଖବର ମିଳିବା ପରେ ତୁରନ୍ତ ସ୍ପଟକୁ ଯାଇଥିଲା ପୋଲିସ। ଆଉ ଘଟଣାସ୍ଥଳରୁ ଛାତ୍ରଙ୍କୁ ଉଦ୍ଧାର କରି କିମ୍ସ ହସ୍ପିଟାଲରେ ଭର୍ତ୍ତି କରିଥିଲା। ତେବେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ଏ ଘଟଣା ପ୍ରଚାର ପରେ କ୍ୟାମ୍ପସରେ ଦାନା ବାନ୍ଧିଥିଲା ଉତ୍ତେଜନା। ଯେଉଥିପାଇଁ ଗୋଟିଏ ପ୍ଲାଟୁନ୍ ଫୋର୍ସ ମୁତୟନ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ଇନଫୋସିଟି ଥାନା ପୋଲିସ।

▶▶ପୃଷ୍ଠା ୭

## ବଜେଟ୍ ପ୍ରବଳ, ଖର୍ଚ୍ଚ ଦୁର୍ବଳ: ୭ ମାସରେ ଖର୍ଚ୍ଚ ହୋଇଛି ମାତ୍ର ୩୯ ପ୍ରତିଶତ



ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଦୁଇ ଦିନ ତଳେ ସରକାର ଅତିରିକ୍ତ ବଜେଟ୍ ଆଣିଛନ୍ତି। ସରକାର ବଜେଟ ପାଇଁ ଟଙ୍କା ଦେଉଛନ୍ତି, ହେଲେ ଟଙ୍କା ଖର୍ଚ୍ଚ କରିପାରୁ ନାହାନ୍ତି ବିଭାଗ। ବିଧାନସଭାରେ ବଜେଟ ଖର୍ଚ୍ଚରେ ସରକାର ବିଫଳ ହୋଇଥିବା କହି ଘେରିଛନ୍ତି ବିରୋଧୀ। ଯାହାର ଜବାବ ରଖି ଶାସକ ଦଳ କହିଛି, ୪ ମାସରେ ଖର୍ଚ୍ଚ ହେବ ପୁରା ବଜେଟ। ଚଳିତଥର ବଜେଟର ଆକାର ୨ ଲକ୍ଷ ୯୦ ହଜାର କୋଟି ଡେଇଁଥିଲା। ଏହା ସହ ପୁଣି ଥରେ ୧୭ ହଜାର କୋଟିର ଅତିରିକ୍ତ ବଜେଟ୍ ଆଣିଛନ୍ତି ମୋହନ ସରକାର। ଆର୍ଥିକ ବର୍ଷ ଆରମ୍ଭରୁ ଏହି ଅର୍ଥ ଜରିଆରେ ବିକାଶର ନକ୍ସା ଅଙ୍କାଯାଇଥିଲା। ଆର୍ଥିକ ବର୍ଷର ୭ ମାସ ଭିତରେ ଖର୍ଚ୍ଚ ୩୯ ପ୍ରତିଶତରୁ ଆଗକୁ ବଢ଼ିନି। ୩୧ ଅକ୍ଟୋବର ସୁଦ୍ଧା ୧ ଲକ୍ଷ ୧୪ ହଜାର ୫୧୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଯାହାକୁ ନେଇ ସରକାରଙ୍କୁ ବିଧାନସଭାରେ ଘେରିଛି ବିରୋଧୀ ବିଜେଡି। ଜବାବ ରଖିଛନ୍ତି ପୂର୍ତ୍ତମନ୍ତ୍ରୀ। ଐତିହାସିକ ବଜେଟ ପାଇ ସୁଦ୍ଧା ଖର୍ଚ୍ଚ କରିବାରେ ସବୁଠୁ ପଛୁଆ ରହିଛି କ୍ରୀଡ଼ା ଓ ଯୁବସେବା ବିଭାଗ। ୭ ମାସରେ ମାତ୍ର ୮.୮୩ ପ୍ରତିଶତ ଖର୍ଚ୍ଚ କରିଛି କ୍ରୀଡ଼ା ବିଭାଗ। ସେହିଭଳି ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଅନ୍ୟ ବିଭାଗ ଉପରେ ନଜର ପକାନ୍ତୁ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ୩୨.୯୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି। ଖାଦ୍ୟ ଯୋଗାଣ ବିଭାଗ ଏହି ସମୟରେ ସର୍ବାଧିକ ୭୦.୩୨ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଛି। ଆସନ୍ତା ୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ ବଜେଟ ଅର୍ଥ ଖର୍ଚ୍ଚ କରିବାକୁ ବିଭାଗକୁ ଡେଡଲାଇନ ଦେଇଛନ୍ତି ସରକାର। ହେଲେ ପ୍ରଶ୍ନ ଉଠୁଛି, ଏତେ କମ୍ ସମୟ ମଧ୍ୟରେ କେମିତି ଖର୍ଚ୍ଚ ହେବ ପୂରା ବଜେଟ୍ ତରବରିଆ ଭାବେ ଖର୍ଚ୍ଚ କଲେ କାମର ମାନ ସଠିକ୍ ରହିବ ତ ?

## କମର୍ସିଆଲ ସିଲିଣ୍ଡର ୧୦ ଟଙ୍କା ଶସ୍ତା ହେଲା: ନୁଆ ଦର ଲାଗୁ

ନୁଆଦିଲ୍ଲୀ , ୦୧/୧୨ : ବର୍ଷର ଶେଷ ମାସର ପ୍ରଥମ ଦିନ କିଛି ଭଲ ଖବର ଅଛି।ସାର୍ବଜନୀନ କ୍ଷେତ୍ରର ତୈଳ ଏବଂ ଗ୍ୟାସ ମାର୍କେଟିଂ କମ୍ପାନୀ ଗୁଡିକ କମର୍ଶିଆଲ ଗ୍ୟାସ ସିଲିଣ୍ଡରର ମୁଲ୍ୟରେ ୧୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ କରିଛନ୍ତି।ତଥାପି ଘରୋଇ ରନ୍ଧନ ଗ୍ୟାସର ମୁଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ।କମର୍ଶିଆଲ ଗ୍ୟାସର ନୂତନ ଦର ସୋମବାରଠାରୁ କାର୍ଯ୍ୟକାରୀ ହୋଇଛି।ଇଣ୍ଡିଆନ ଅଏଲର ୱେବସାଇଟ ଅନୁଯାୟୀ କମର୍ଶିଆଲ ଗ୍ୟାସର ଦାମରେ ଏହି ହ୍ରାସ ସହିତ ନୁଆଦିଲ୍ଲୀରେ ଏପର୍ଯ୍ୟନ୍ତ ୧୯ କିଲୋଗ୍ରାମର ସିଲିଣ୍ଡର ମୁଲ୍ୟରେ ହ୍ରାସ ଘଟି ୧୫୮୦.୫୦ ଟଙ୍କା ହୋଇଛି,ଯାହା ପୁର୍ବରୁ ୧୫୯୦.୫୦ ଟଙ୍କା ପ୍ରତି ସିଲିଣ୍ଡର ଥିଲା।କୋଲକାତାରେ ବର୍ତ୍ତମା କମର୍ଶିଆଲ ଗ୍ୟାସ ସିଲିଣ୍ଡର ୧୬୯୪ ଟଙ୍କା ରୁ ହ୍ରାସ ପାଇ ୧୬୮୪ ଟଙ୍କାରେ ମିଳିବ। ସେହିପରି ମୁମ୍ବାଇରେ ଏହାର ମୁଲ୍ୟ ୧୫୪୨ ଟଙ୍କାରୁ ହ୍ରାସ ଘଟି ୧୫୩୧.୫୦ ଟଙ୍କାରେ ପହଁଞ୍ଚିଥିବାବେଳେ ଚେନ୍ନାଇରେ କମର୍ଶିଆଲ ସିଲିଣ୍ଡରର ମୁଲ୍ୟ ୧୭୫୦ ଟଙ୍କାରୁ କମ ହୋଇ ୧୭୩୯ .୫୦ ଟଙ୍କା ହୋଇଛି। ସୁଚନାଯୋଗ୍ୟ ଘରୋଇ ରୋଷେଇ ଗ୍ୟାସର ମୁଲ୍ୟରେ କୌଣସି ପରିବର୍ତ୍ତନ ତୈଳ ଏବଂ ଗ୍ୟାସ କମ୍ପାନୀଗୁଡିକ କରାଯାଇନାହିଁ। ଦିଲ୍ଲୀରେ ୧୪.୨ କିଲୋଗ୍ରାମର ଏଲପିଜି ସିଲିଣ୍ଡରର ମୁଲ୍ୟ ମାତ୍ର ୮୫୩ । ମୁମ୍ବାଇରେ ଏହା ୮୫୨.୫୦ ଟଙ୍କା ,ଲକ୍ଷ୍ନୌରେ ୮୯୦.୫୦ ଟଙ୍କା ପ୍ରତି ସିଲିଣ୍ଡର, କରଗିଲରେ ୯୮୫.୫୦ ଟଙ୍କା ,ପୁଲୱାମାରେ ୯୬୯ ଟଙ୍କା ଏବଂ ବାଗେଶ୍ୱରରେ ୮୯୦.୫୦ ଟଙ୍କାରେ ଉପଲବ୍ଧ।

## ଭେନିଜୁଏଲା ରାଷ୍ଟ୍ରପତିଙ୍କୁ ଫୋନରେ ଧମକାଇଲେ ଟ୍ରମ୍ପ

ନୂଆଦିଲ୍ଲୀ,୦୧/୧୨ : ଭେନେଜୁଏଲା ସହିତ ଉତ୍ତେଜନା ବୃଦ୍ଧି ପାଉଥିବାବେଳେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଦେଶ ଛାଡିବାକୁ ଧମକ ଦେଇଛନ୍ତି। ଟ୍ରମ୍ପ ରବିବାର ସ୍ୱୀକାର କରିଥିଲେ ଯେ ସେ ମାଦୁରୋଙ୍କ ସହ ଫୋନ୍ ମାଧ୍ୟମରେ କଥା ହୋଇଥିଲେ, ଯଦିଓ ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାର ବିବରଣୀ ତୁରନ୍ତ ଜଣାପଡିନାହିଁ। ମିଆମି ହେରାଲ୍ଡର ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ନିକୋଲାସ ମାଦୁରୋଙ୍କୁ ଫୋନ୍ ମାଧ୍ୟମରେ ଚେତାବନୀ ଦେଇ କହିଛନ୍ତି, ‘ଯଦି ଆପଣ ନିଜକୁ ଏବଂ ଆପଣଙ୍କ ପରିବାରକୁ ବଞ୍ଚାଇବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ତୁରନ୍ତ ଦେଶ (ଭେନେଜୁଏଲା) ଛାଡିବାକୁ ପଡିବ।‘ ଟ୍ରମ୍ପ ମାଦୁରୋ, ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସ ଏବଂ ସେମାନଙ୍କ ପୁଅକୁ ସୁରକ୍ଷିତ ପଥ ପ୍ରଦାନ କରିଥିଲେ, କିନ୍ତୁ ସର୍ତ୍ତ ଥିଲା ଯେ ସେମାନେ ତୁରନ୍ତ ଚାଲିଯିବାକୁ ପଡିବ। ତଥାପି, ଭେନେଜୁଏଲା ଏହି ସର୍ତ୍ତଗୁଡ଼ିକୁ ଗ୍ରହଣ କରିବାକୁ ମନା କରିଦେଇଥିଲା, ଯାହା ଫଳରେ ଆଲୋଚନା ଭାଙ୍ଗିଗଲା। ଆମେରିକା ଭେନେଜୁଏଲା ଦେଇ ଆମେରିକାକୁ ଔଷଧ ଯୋଗାଣ ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରୁଛି। ନିକଟରେ ଟ୍ରମ୍ପ ଭେନେଜୁଏଲାର ଆକାଶମାର୍ଗ ବନ୍ଦ କରିବାର ଘୋଷଣା କରିଥିଲେ, ଯାହାକୁ ମାଦୁରୋ ସରକାର ଅନ୍ତର୍ଜାତୀୟ ମାନଦଣ୍ଡ ଉଲ୍ଲଂଘନ ଏବଂ ଏକ ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱ ପ୍ରତି ସିଧାସଳଖ ବିପଦ ବୋଲି ବର୍ଣ୍ଣନା କରିଛନ୍ତି।

## ଶ୍ରୀଲଙ୍କା, ଇଣ୍ଡୋନେସିଆ, ଥାଇଲ୍ୟାଣ୍ଡରେ ପ୍ରକୃତିର ପ୍ରଳୟ: ବନ୍ୟା ନେଲାଣି ୧୦୦୦ ଜୀବନ, ନିଖୋଜଙ୍କ ସୀମା ନାହିଁ

ନୂଆଦିଲ୍ଲୀ,୦୧/୧୨ : ଛୋଟ ଦେଶରେ ବଡ଼ ବିପର୍ଯ୍ୟୟ । ଶ୍ରୀଲଙ୍କା, ଇଣ୍ଡୋନେସିଆ, ମାଲେସିଆ, ଥାଇଲ୍ୟାଣ୍ଡରେ ପ୍ରକୃତି ରଚିଛି ପ୍ରଳୟ । ବାତ୍ୟା ପରେ ପ୍ରବଳ ବର୍ଷା ବନ୍ୟା ସ୍ଥିତିକୁ ଭୟଙ୍କର କରିଛି । ପୂର୍ବରୁ ଏମିତି ପ୍ରଳୟ କେବେ ଦେଖିନଥିଲା ଶ୍ରୀଲଙ୍କା । ୨୦୦୪ ସୁନାମୀ ପରଠାରୁ ଏତେ ବଡ ବିପତ୍ତି କେବେ ଆସିନଥିଲା । ଛୋଟ ଦେଶରେ ଏବେ ବିରାଟ ବିପତ୍ତି ଦେଶର ମେରୁଦଣ୍ଡକୁ ଦୋହଲାଇ ଦେଇଥିବା ବେଳେ ଜଳ ପ୍ରଳୟ ଆଗରେ ଜୀବନ ପୋକ ମାଛି ପରି ଭାସିଯାଉଛି । କୁଢ କୁଢ ଶବର ଖବର ଆସୁଛି । ତେବେ ସାମୁଦ୍ରିକ ଝଡ଼ ଡିଟୱା ପ୍ରଭାବରେ ଶ୍ରୀଲଙ୍କାରେ ପାଖାପାଖି ୩୩୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଥାଇଲ୍ୟାଣ୍ଡରେ ୧୭୬ ଜଣଙ୍କ ପ୍ରାଣହାନୀ ହୋଇଛି । ସେହିପରି ପାଣି ପାଟିରେ ସବୁଠାରୁ ଅଧିକ ଜୀବନ ଯାଇଛି ଇଣ୍ଡୋନେସିଆରେ। ପାଖାପାଖି ୬୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ଆଉ ସବୁ ଦେଶରେ କ୍ଷୟକ୍ଷତି ଭୟଙ୍କର ରୂପ ଧାରଣ କରିବା ସହ ନିଖୋଜଙ୍କ ସଂଖ୍ୟା ବଢି ବଢି ଚାଲିଛି । ଘରଦ୍ୱାର, ରାସ୍ତାଘାଟ ସବୁ ବୁଡିଛି । କିଏ ଗଛ ଉପରେ ରାତି ରାତି ଅପେକ୍ଷା କରୁଛି ତ କିଏ ଛାତ ଉପରେ ରିଲିଫ ଅପେକ୍ଷାରେ ବସି ରହିଛି । ପଡୋଶୀ ଦେଶରେ ପ୍ରଳୟ ଦେଖି ଭାରତ ସହାୟତାର ହାତ ବଢାଇଛି। ଉଦ୍ଧାରକାରୀ ଦଳ ଶ୍ରୀଲଙ୍କାରେ ପହଞ୍ଚି ଉଦ୍ଧାରକାମକୁ ଜୋରଦାର କରିଛନ୍ତି । ସେପଟେ ବିଭିନ୍ନ ଦେଶର ବାୟୁସେନା ଓ ନୌସେନାର ଟିମ୍ ଏବେ ଶ୍ରୀଲଙ୍କାକୁ ସହାୟତା କରୁଛି । ଶ୍ରୀଲଙ୍କାରେ ସାମୁଦ୍ରିକ ବାତ୍ୟା ଡିଟୱା ତାଣ୍ଡବ ରଚି ଭୁସ୍ଖଳନ ଭଳି ସ୍ଥିତି ବି ଉପୁଯାଇଛି । ବନ୍ୟା ଜୀବନ ତ ନେଉଛି ନେଉଛି ଏବେ ବି ହଜାର ହଜାର ଲୋକ ନିଖୋଜ ଅଛନ୍ତି । ଏହି ପ୍ରାକୃତିକ ଦୁର୍ବିପାକ ଶ୍ରୀଲଙ୍କା ଭଳି ଛୋଟ ଦେଶକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଘର ଭାଙ୍ଗିଯିବା କାରଣରୁ ଲକ୍ଷାଧିକ ଲୋକ ବାସହୀନ ହୋଇଛନ୍ତି । ଶ୍ରୀଲଙ୍କାର ବିପର୍ଯ୍ୟୟ ପରିଚାଳନା କେନ୍ଦ୍ରର ରିପୋର୍ଟ ଅନୁଯାୟୀ ସାମୁଦ୍ରିକ ବାତ୍ୟା ଡିଟୱା ଦ୍ୱାରା ୯ ଲକ୍ଷ ୯୮ହଜାର ୯୧୮ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ଭାରତ ମହାସାଗରରୁ ଉତ୍ପନ୍ନ ଏହି ଶକ୍ତିଶାଳୀ ସାମୁଦ୍ରିକ ଝଡ଼ ଶୁକ୍ରବାର ଶ୍ରୀଲଙ୍କାର ପୂର୍ବ ଉପକୂଳରେ ସ୍ଥଳଭାଗ ଛୁଇଁଥିଲା, ଯାହା ଫଳରେ ପ୍ରବଳ ବର୍ଷା ହୋଇଥିଲା । ରାଜଧାନୀ କଲମ୍ବୋରେ କେଲନି ନଦୀ ଦ୍ରୁତ ଗତିରେ ବଢ଼ିବାରେ ଲାଗିଥିଲା, ଯାହା ଫଳରେ ବନ୍ୟା ସୃଷ୍ଟି ହୋଇଥିଲା। ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଏଭଳି ସ୍ଥିତିରେ ଦେଶବ୍ୟାପୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବା ସହ ଆନ୍ତର୍ଜାତୀୟ ସହାୟତା ପାଇଁ ଅପିଲ୍ କରିଛନ୍ତି।



# ଭବାନୀପାଟଣାରେ ସାଇବର ସୁରକ୍ଷା ଓ ସାଇବର ବୁଲିଂ ବିଷୟରେ ପ୍ରଶିକ୍ଷଣ କର୍ମଶାଳା

ଭବାନୀପାଟଣା,୦୧/୧୨ (ନି.ପ୍ର): ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଭବାନୀପାଟଣା ମହିଳା ମହାବିଦ୍ୟାଳୟ ପରିସରରେ "ସାଇବର ସୁରକ୍ଷା ଓ ସାଇବର ବୁଲିଂ ସଚେତନତା ପ୍ରଶିକ୍ଷଣ କର୍ମଶାଳା" ଆୟୋଜିତ କରାଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ସିଡିପିଓ, ଅଙ୍ଗନବାଡି କର୍ମୀ, ଶିକ୍ଷକ, କିଶୋର-କିଶୋରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଓ ଏଡ୍ ଏଟ୍ ଆକ୍ସନର ଜିଲ୍ଲା ସଂଯୋଜକ ଦିବ୍ୟରଞ୍ଜନ ଯୋଷୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମ୍ବୋଧନରେ ପ୍ରଶାସନୀୟ ଅଧିକାରୀମାନେ କହିଥିଲେ ଯେ, ଡିଜିଟାଲ ବ୍ୟବହାର ବଢୁଥିବା ଏହି ସମୟରେ ସାଇବର ଠକେଇ, ଅନଲାଇନ ହାରାସମେଂଟ, ନକଲି ଲିଙ୍କ, ଡିଜିଟାଲ ପେମେଂଟ ଝୁମକି ଏବଂ ସାଇବର ବୁଲିଂ ପରି ଅପରାଧ ବଢ଼ିବା ପାଇଁ ସଚେତନତା ଓ ସୁରକ୍ଷିତ ଇଂଟରନେଟ ବ୍ୟବହାର ଅତ୍ୟନ୍ତ ଆବଶ୍ୟକ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଜେନା ଉପସ୍ଥିତ ଥିଲେ। ସହ-ଅତିଥି ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ମୁଜିବୁନ ନିଶା, ଶ୍ରୀମତୀ ସୁମିତା ତ୍ରିପାଠୀ, ତାଲିମଦାତା ରାଜେଶ କୁମାର ନାୟକ, ସ୍ୱର୍ଣ୍ଣଲତା ମହାନ୍ତି ଓ ଅଳକାନନ୍ଦ ସାହୁ ମହତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରିଥିଲେ। ସାଇବର ହେରାସମେଣ୍ଟ, ନିରାପଦ ସୋସିଆଲ ମିଡିଆ ପ୍ରୟୋଗ, ଡିଜିଟାଲ ଅଧିକାର ଓ ଅଭିଯୋଗ ରିପୋର୍ଟିଂ ପ୍ରକ୍ରିୟା ପରି ବିଷୟ ବସ୍ତୁରେ ରୁପରେ ମୁଖ୍ୟତଃ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମର ମଂଚ ପରିଚାଳନା ଜିଲ୍ଲା ମହିଳା ହବଙ୍କ ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆ କରିଥିଲେ। ଶେଷରେ ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ସୁମିତା ଦେବୀ ତ୍ରିପାଠୀ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ଶେଷ କରିଥିଲେ।

# ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ-୨୦୨୫ର ଶୁଭାରମ୍ଭ

ମାଲକାନଗିରି,୦୧/୧୨ (ନି.ପ୍ର): ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ ଓ ତତ୍ତ୍ୱାବଧାନରେ ଜିଲ୍ଲା ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କଳସ ଯାତ୍ରାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ମାଲକାନଗିରି ବ୍ଲକ୍ ଅଧ୍ୟକ୍ଷା ଗୌରୀ ପଡିଆମୀ, ଚିତ୍ରକୋଣ୍ଡା ବ୍ଲକ୍ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, କୋରୁକୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ଜିତୁ ବୁରୁଡ଼ି, ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷ ପ୍ରଦୀପ ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଅଶ୍ୱି ଏ ଏଲ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଉପସ୍ଥିତ ଥିଲେ। ଏହି ଅବସରରେ ମାଲ୍ୟବନ୍ତ ମହୋତ୍ସବ ପୋଷ୍ଟର ଉନ୍ମୋଚନ କରାଯାଇଛି । ଭୈରବ ମନ୍ଦିର ଠାରେ କଳସ ପୂଜନ ଓ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଭୈରବ ମନ୍ଦିରରୁ କଳସ ଶୋଭାଯାତ୍ରାରେ ନାଚଗୀତ ମାଧ୍ୟମରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା । କଳସକୁ ପୂଜାର୍ଚ୍ଚନା କରି ଜଗନ୍ନାଥ ମନ୍ଦିରରେ କଳସ ଗୁଡ଼ିକୁ ରଖାଯାଇଛି। ସୂଚନା ଥାଉ କି, ମାଲ୍ୟବନ୍ତ ମହୋତ୍ସବ ଡିସେମ୍ବର ୧୪ରୁ୧୮ ତାରିଖ ପର୍ଯ୍ୟନ୍ତ ପାଳନ ହେବ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆଙ୍କ ସମେତ ବିଡିଓ, ତହସିଲଦାର, ଜନ ପ୍ରତିନିଧି ଓ ମହୋତ୍ସବ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ନିମନ୍ତେ ସ୍ଥାନୀୟ ସିଡିପିଓ ଶ୍ରୀମତୀ ରେଖା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ର ମାଆ ମାନେ ପୂଜାର୍ଚ୍ଚନା ଓ ରଙ୍ଗୋଲି ଦାୟିତ୍ୱ ନିର୍ବାହ କରିଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ପ୍ରସ୍ତୁତି ଓ ତଦାରଖ କରିଥିଲେ। ଏହି ଶୋଭାଯାତ୍ରାରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, କଲେଜ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନ ସାଧାରଣ ଭାଗ ନେଇଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ଶିକ୍ଷକ ଅଭିଭାବକ କମିଟି ଗଠିତ

ସମ୍ବଲପୁର,୦୧/୧୨ (ନି.ପ୍ର): କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୨ ରେ ଶନିବାର ଶିକ୍ଷକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ସୁସ୍ମିତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଦ୍ୟାଳୟ ଓ ପ୍ରଶାସନିକ ସମନ୍ୱୟ ରକ୍ଷା କରିବାର ଲାଗି ଆଗାମୀ ଦୁଇ ବର୍ଷ ପାଇଁ ନୂତନ ଶିକ୍ଷକ ଅଭିଭାବକ କମିଟୀ ଗଠନ କରାଯାଇଛି । ଏଥିରେ ସର୍ବ ସମ୍ମତି କ୍ରମେ ଅଭିଭାବକ ମାନସ ରଞ୍ଜନ ଜେନା ଉପ-ସଭାପତି, ପ୍ରୀୟଙ୍କା ସାହୁ ସମ୍ପାଦକ, ଶିକ୍ଷୟିତ୍ରୀ ଗାୟତ୍ରୀ ମିଶ୍ର ଯୁଗ୍ମ ସମ୍ପାଦକ, ଅଭିଭାବକ ସୁଧୀର ମହାରଣା, ଶ୍ୱେତା ଅଗ୍ରୱାଲ ଏବଂ ଶିକ୍ଷକ ଭୋଳାନାଥ କରାଲୀ ପ୍ରମୁଖଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ବିଦ୍ୟାଳୟର ସାମୁହିକ ବିକାଶ ପାଇଁ ସମସ୍ତ ଅଭିଭାବକଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ । ବୈଠକରେ ବିଦ୍ୟାଳୟର ଶିକ୍ଷାର ବିକାଶ ପାଇଁ ଅଭିଭାବକ ମାନଙ୍କ ପକ୍ଷରୁ ବିଭିନ୍ନ ପ୍ରସ୍ତାବ ମାନ ଆଗତ କରାଯାଇଥିଲା । ବିଶେଷକରି ନୂତନ ଶିକ୍ଷାନୀତି ଆଧାରରେ ବିଦ୍ୟାଳୟର ପାଠ୍ୟକ୍ରମରେ କରାଯାଇଥିବା ପରିବର୍ତ୍ତନ ଯୋଗୁଁ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟ ପକ୍ଷରୁ ଏହାର ସମାଧାନ ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ସେ ବିଷୟରେ ମଧ୍ୟ ସୂଚନା ଦିଆଯାଇଥିଲା । ବିଦ୍ୟାଳୟରେ ଶତ ପ୍ରତିଶତ ପାସ ହାର ସହ ବିଭିନ୍ନ ଜାତୀୟ ସ୍ତରରର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ ବିଷୟରେ ବିଦ୍ୟାଳୟର ଅଧ୍ୟକ୍ଷା ସୂଚନା ଦେଇଥିଲେ । ବିଶେଷ କରି ମେଟ୍ରୀକ ଏବଂ ଦ୍ୱାଦଶ ଶ୍ରେଣୀର ଦୁର୍ବଳ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ଗ୍ରହଣ କରାଯାଇଥିବା ସ୍ୱତନ୍ତ୍ର ପଦକ୍ଷେପ ବିଷୟରେ ବିଦ୍ୟାଳୟ ପକ୍ଷରୁ ଅଭିଭାବକ ମାନଙ୍କୁ ସୂଚନା ଦିଆଯାଇଥିଲା ।

ବୈଠକରେ ପର୍ବତନ କମିଟୀର ଉପସଭାପତି ଅଧ୍ୟାପକ ଅଶୋକ କୁମାର ପଟନାୟକ, ସମ୍ପାଦକ ଭବାନୀଶ ଭୋଇ, ବରିଷ୍ଠ ଶିକ୍ଷକ ସନାତନ ବାଞ୍ଜୀ, ଅରବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଏସୟୁଜେ ପକ୍ଷରୁ ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଏକ ଆହ୍ୱାନ ଆଲୋଚନାଚକ୍ର

ବଲାଙ୍ଗିର,୦୧/୧୨ (ନି.ପ୍ର): ବଲାଙ୍ଗୀର ସ୍ଥିତ ଜିଲ୍ଲା ସାମ୍ବାଦିକ ଭବନ ଠାରେ ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟସ ସଂଘର ଆଂଚଳିକ ସମାବେଶ ଆଜି ଅନୁଷ୍ଠିତ ହୋଇଯାଇଛି। ଏସୟୁଜେ ର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଦକ୍ଷିଣ ଓ ପଶ୍ଚିମ ଅଂଚଳର ୧୩ଟି ଜିଲ୍ଲାର କର୍ମକର୍ତ୍ତା ଯୋଗଦେଇଥିଲେ। ଏସୟୁଜେ ସାମ୍ବାଦିକ ସଂଘ ଏକ ଶୃଙ୍ଖଳିତ ସଂଗଠନ ଭାବେ ପରିଚୟ ହାସଲ କରିଛି, ସଦସ୍ୟ ମାନଙ୍କ ମଧ୍ୟରେ ଆତ୍ମୀୟତା ଭାବ ଓ ସାମ୍ବାଦିକଙ୍କ ସମ୍ମାନ ଓ ସୁରକ୍ଷା ପାଇଁ ନିରବଛିନ୍ନ ଭାବେ ସଂଘ ସଂଗ୍ରାମ ଜାରି ରଖିଥିବାରୁ ଏଥିରେ ଅନୁପ୍ରାଣିତ ହୋଇ ବଲାଙ୍ଗୀର, ନୂଆପଡା, କଳାହାଣ୍ଡି ଜିଲ୍ଲାର ଅନେକ ପ୍ରତିଷ୍ଠିତ ସାମ୍ବାଦିକ ସଂଘରେ ସାମିଲ ହୋଇଥିଲେ। ମୂଲ୍ୟବୋଧ ଭିତିକ ସାମ୍ବାଦିକତା ଏକ ଆହ୍ୱାନ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ପୌରପାଳିକାର ପୌରାଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ ଯୋଗଦେଇ ସାମ୍ବାଦିକଙ୍କ ସମସ୍ୟା ଗୁଡିକର ସମାଧାନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ।ବଲାଙ୍ଗୀର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅରବିନ୍ଦ ଓଝା ସମାଜ ଗଠନ ଓ ରାଷ୍ଟ୍ର ନିର୍ମାଣରେ ସାମ୍ବାଦିକଙ୍କ ପ୍ରମୁଖ ଭୂମିକା ରହିଥିବା କହିଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତି ଚନ୍ଦ୍ର ସାହୁ, ଟ୍ରିବୁନାଲ ଅଧ୍ୟକ୍ଷ ସନ୍ତୋଷ କୁମାର ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢ଼ି, ଏନୟୁ ଜେ ଆଇ ର ସଂଗଠନ ସମ୍ପାଦକ ଡଃ. ଚିନ୍ତାମଣି ପାଢ଼ି, ରାଜ୍ୟ ଯୋଗାଯୋଗ ପ୍ରମୁଖ ଶଶିଭୂଷଣ ଷଡ଼ଙ୍ଗୀ, ରାଜ୍ୟ ଉପସଭାପତି ମହେନ୍ଦ୍ର କୁମାର ଦର୍ଜି, ସମରେଶ ମିଶ୍ର, ରାଜ୍ୟ ଉପଦେଷ୍ଟା ଗୋପବନ୍ଧୁ ଶତପଥୀ ପ୍ରମୁଖ ଯୋଗଦେଇ ସାମ୍ବାଦିକମାନେ ନିଜର ଦାୟିତ୍ୱ ପ୍ରତି ସଚେତନ ହୋଇ ସମାଜର ହିତକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ସହ ସଂଗଠନକୁ ସଶକ୍ତ କରିବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ।

# ଜୟପୁର ବ୍ଲକସ୍ତରୀୟ ପରବ ଉତ୍ସବ

ଜୟପୁର,୦୧/୧୨ (ନି.ପ୍ର): ଜୟପୁର ବ୍ଲକ ସ୍ତରିୟ ପରବ ଉତ୍ସବ ଆଜି ଅନୁଷ୍ଠିତ ହୋଇଛି । ଜୟପୁରର ମା ଜଗତ ଜନନୀ ମନ୍ଦିରରେ ପୁଜା ପାଠ କରାଯାଇ ମଶାଲ ଶୋଭାଯାତ୍ରା ବାହାରିଥିଲା । ମନ୍ଦିର ଠାରୁ ଶୋଭାଯାତ୍ରା ବାହାରି ଦଶହରା ପଡିଆ ଠାରେ ପହଂଚି ଥିଲା । ଦଶହରା ପଡିଆ ଠାରେ ଉଦଘାଟନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦଶହରା ପଡିଆ ଠାରେ ନାଚ ଗୀତରେ ହୋଇଥିବା ବେଳେ ବିଗତ ଦିନରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତି ପ୍ରତିଯୋଗିଙ୍କୁ ପୁରୁସ୍କୃତ କରାଯାଇଥିଲା ।

ଏଠାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷା ତିଲୋତମା ମୁଦୁଲି, ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଗଣେଷ ପ୍ରସାଦ ପାଢୀ, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ, ରଶ୍ମି ରଥ, ବିଡିଓ ଶକ୍ତି ମହାପାତ୍ର, ବିଧାୟକ ପ୍ରତିନିଧି ବସନ୍ତ ନାୟକ, ସାଂସଦ ପ୍ରତିନିଧି କୃଷ୍ଣ ନେପାକ ଏକାଉଟେଂଟ ତତ୍ୱମସି ଖୁଂଟିଆ, ବ୍ଲକ କଳା ସଂଘର ଉପ ସଭାପତି ଆଦିତ୍ୟ କୁମାର ସାହୁ, ସିଡିପିଓ କାଂଚନ ପଣ୍ଡା, ଗୋଷ୍ଠି ଶିକ୍ଷାଧିକାରି ଚନ୍ଦନ କୁମାର ନାୟକଙ୍କ ସହିତ ସରପଂଚ, ସମିତି ସଭ୍ୟ, ବ୍ଲକ କର୍ମଚାରି ଉପସ୍ଥିତ ଥିଲେ ।

# ମାଲକାନଗିରି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ମାଲକାନଗିରି,୦୧/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ନିମନ୍ତେ ପୂର୍ବ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୋଳମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଡିସେମ୍ବର ୩ରୁ ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା ଓ ଏହି ସ୍ୱାସ୍ଥ୍ୟ ଶିବିରରେ ରାଜ୍ୟ ସ୍ତରୀୟ ମୂତ୍ର ରୋଗ ବିଶେଷଜ୍ଞ), ମସ୍ତିଷ୍କ ବିଶେଷଜ୍ଞ, କିଡ଼ନୀ ବିଶେଷଜ୍ଞ, ହୃଦ୍‌ରୋଗ ବିଶେଷଜ୍ଞ, ପାଚକ ତନ୍ତ୍ରର ବିଶେଷଜ୍ଞ ଏବଂ ଲାପାରୋସ୍କୋପି ଏବଂ ଶଲ୍ୟ ବିଶେଷଜ୍ଞ ଆଦି ଡାକ୍ତରୀଦଳ ଆସି ଏହି ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସା ସେବା ସହ ଅସ୍ତ୍ରୋପଚାର କରିବାର କାର୍ଯ୍ୟକ୍ରମ ରହିଛି ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସହ ସ୍ୱାସ୍ଥ୍ୟ ଶିବିରରେ ଆସୁଥିବା ବିଶେଷଜ୍ଞ ଡାକ୍ତର ସମ୍ପର୍କିତ ବାର୍ତ୍ତା ଦେବା ନିମନ୍ତେ ଜିଲ୍ଲାର ସାତଟି ବ୍ଲକ ଏବଂ ସହରାଚଂଳ ମାଲକାନଗିରିରେ ଡାକବାଜି ଯନ୍ତ୍ର ମାଧ୍ୟମରେ ମଧ ପ୍ରଚାର କରାଯାଉଛି ।

ଏଣୁ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତା ୩ ରୁ ୬ ଡିସେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିରକୁ ବହୁଳ ଭାବେ ରୋଗୀ ଆସି ବିନା ମୂଲ୍ୟରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମାଲକାନଗିରି ଠାରେ ଚିକିତ୍ସା ସୁବିଧା ପାଇବାକୁ।

ଏହି ବୈଠକରେ ଜିଲ୍ଲା ଚିକିତ୍ସା ଅଧିକାରୀ (ଚିକିତ୍ସା ସେବା)-ତଥା -ଅଧିକ୍ଷକ, ମାଲକାନଗିରି ଡା.ବ୍ରଜବନ୍ଧୁ ଦାଶ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ଡା. ମୌସୁମୀ ମିଶ୍ରଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଡାକ୍ତର ଓ ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ ।

# ଓଡିଆ ପାଠ୍ୟକ୍ରମ ରୂପରେଖ ଓ ନୂତନ ପାଠ୍ୟ ପୁସ୍ତକ ଦିଗଦର୍ଶନ କର୍ମଶାଳା ଉଦ୍‌ଯାପିତ

ଜୟପୁର,୦୧/୧୨ (ନି.ପ୍ର): ରାଜ୍ୟର ନୂତନ ଶିକ୍ଷାନୀତି ଅନୁଯାୟୀ ଓଡିଆ ପାଠ୍ୟକ୍ରମର ରୁପରେଖ ଓ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ସଂଚାଳନ ନିମନ୍ତେ ୭ଟି ଜିଲ୍ଲାର ୨୬୨ଟି ମୁଖ୍ୟ ସାଧନ କର୍ମୀଙ୍କୁ ନେଇ ଆରମ୍ଭ ହୋଇଥିବା ତାଲିମ ଶିବିର ଆଜି ଉଦଯାପିତ ହୋଇଛି। ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ବେ ?କ୍ଷୟିକ ଗବେଷଣା କେନ୍ଦ୍ର ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ଆୟୋଜିତ ଏହି ଦିଗଦର୍ଶନ କାର୍ଯ୍ୟକ୍ରମ ଗତ ୨୫ ତାରିଖ ଠାରୁ ଆରମ୍ଭ ହୋଇଥିଲା। ଆଜିର ଏହି ଉଦଯାପନୀ କାର୍ଯ୍ୟକ୍ରମରେ ଟିଇ ଏବଂ ଏସିଇଆରଟି ନିର୍ଦ୍ଦେଶକ ମନୋଜ କୁମାର ପାଢି ଯୋଗ ଦେଇଥିଲେ।

ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ଡ. ରୁପଚନ୍ଦ୍ର ସୋରେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ତରୀୟ ରିସୋର୍ସ ପର୍ସନ ତଥା ପ୍ରଶିକ୍ଷକ ମାନେ ଯୋଗଦେଇ କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି, ଗଞ୍ଜାମ, ଗଜପତି ଏବଂ କଳାହାଣ୍ଡି ଜିଲ୍ଲାର ମୋଟ୍ ୨୬୨ ଜଣ ରିସୋର୍ସ ପର୍ସନଙ୍କୁ ତାଲିମ ତଥା ଦିଗଦର୍ଶନ ପ୍ରଦାନ କରାଯାଇଥିଲା। ଏଠାରୁ ତାଲିମ ଗ୍ରହଣ କରିବା ପରେ ସେମାନେ ନିଜ ନିଜ ଜିଲ୍ଲା ରିସୋର୍ସ ପର୍ସନ ମାନଙ୍କୁ ତାଲିମ ପ୍ରଦାନ କରିବେ।

# ଓଡ଼ିଶା ଅମଲା ସଂଘ ନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ

ଜୟପୁର,୦୧/୧୨ (ନି.ପ୍ର): ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ପୂର୍ବ ନିଷ୍ପତି ଅନୁଯାୟୀ ଆଜି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ନିର୍ବାଚନ ନିମନ୍ତେ ଜୟପୁର ଯାଦବ ଭବନ ଠାରେ ପ୍ରାର୍ଥୀପତ୍ର ଦାଖଲ କରିବା ନିମନ୍ତେ ସଂଘ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଏନେଇ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀଭୂଷଣ ଦାଶ୍ ଏକ ସାମ୍ବାଦିକ ସମ୍ମିଳନୀ କରି ସ୍ପଷ୍ଟ କରିଦେଇଥିଲେ । ସଂଘର ନିର୍ଦ୍ଦେଶନାମା ଅନୁଯାୟୀ ଆଜି ସକାଳ୧୦ଟା ସମୟରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରୀୟା ଆରମ୍ଭ ହୋଇଥିଲା । ସଭାପତି ପଦବୀ ନିମନ୍ତେ ଜଗନ୍ନାଥ ମାଝୀ ବରିଷ୍ଠ ସଦସ୍ୟ ଜଙ୍ଗଲ ବିଭାଗ, ସମ୍ପାଦକ ପଦବୀ ନିମନ୍ତେ ଗଜେନ୍ଦ୍ର ଚୌଧୁରି, ଶିକ୍ଷା ବିଭାଗ ଓ କୋଷାଧ୍ୟକ୍ଷ ପଦବୀ ନିମନ୍ତେ ନାଗେଶ୍ୱର ରାଓ ଶିକ୍ଷା ବିଭାଗ ପ୍ରାର୍ଥୀପତ୍ର ଦାଖଲ କରିଥିବା ନିର୍ବାଚନ କମିଟି ଘୋଷଣା କରିଥିଲେ । ଉକ୍ତ ୩ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ କମିଟି ଘୋଷଣା କରିଥିଲେ ।

ନିର୍ବାଚନ ହେବାକୁ ଥିବା ଆଉ ଦୁଇ ଗୋଟି ପଦବୀ ନିମନ୍ତେ ପୁଣିଥରେ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ତାରିଖ ଘୋଷଣା ହେବ କିମ୍ବା ଚୟନ କରାଯିବ ଏନେଇ ରାଜ୍ୟ ସଂଘ ନିଷ୍ପତି ନେବେ ବୋଲି ସୂଚନା ମିଳିଛି । ନିର୍ବାଚନ କମିଟିରେ କୈଳାସ ସାମନ୍ତରାୟ, ବରିଷ୍ଠ ସହାୟକ ଜିଲ୍ଲା ଶିକ୍ଷ କେନ୍ଦ୍ର ଜୟପୁର, ଜଗନ୍ନାଥ ଦାଶ ବରିଷ୍ଠ ସହାୟକ କ୍ଷୁଦ୍ର ଜଳସେଚନ ବିଭାଗ ଜୟପୁର, ନାଗେଶ୍ୱର ରାଓ କନିଷ୍ଠ ସହାୟକ କୋଲାବ୍ ପ୍ରୋଜେକ୍ଟ ଉଚ୍ଚ ବିଦ୍ୟାଳୟ ଓ ରଜନିକାନ୍ତ ଘଡ଼େଇ କନିଷ୍ଠ ସହାୟକ ସରକାରି ଉଚ୍ଚ ବିଦ୍ୟାଳୟ ଜୟପୁର ନିର୍ବାଚନିକ ଦାୟିତ୍ୱ ପରିଚାଳନା କରିଥିଲେ । ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ। ରାଜ୍ୟ ସଂଘର ଅନୁମୋଦନକୁ ଅପେକ୍ଷା କରାଯାଇଥିବା ସଂଘ ତରଫରୁ ସୂଚନା ଦିଆଯାଇଛି ।

# ଗୌରୀକୁମାର ରାଉତ ବାଲେଶ୍ୱରର ଏକ ଗୌରବମୟ ଅଧ୍ୟାୟ




ବାଲେଶ୍ୱର,୦୧/୧୨ (ନି.ପ୍ର): 'ନିଜକୁ ଜଣେ ସାଧାରଣ ମଣିଷ ପରି ଗଢ଼ି ତୋଳିଥିଲେ ଖୋଦ୍ ଗୌରୀ କୁମାର ରାଉତ। ପିତା ପ୍ରାକ୍ତନ ବିଧାୟକ କାର୍ତ୍ତିକ ଚନ୍ଦ୍ର ରାଉତଙ୍କର ଅଦୃଶ୍ୟ ଆଶୀର୍ବାଦ ଥିଲା ତାଙ୍କ ପ୍ରତି। ପ୍ରାଥମିକ ଶିକ୍ଷା ପରେପରେ ମହାବିଦ୍ୟାଳୟ ପଢ଼ିଲାଠୁ ଗୌରୀଙ୍କ ନେତୃତ୍ୱ ଉପରେ ପଡ଼ିଥିଲା ସବୁରି ଆଖି। ଛାତ୍ରନେତୃତ୍ୱଠୁଁ ସେ ଦୃଶ୍ୟମାନ ହୋଇଥିଲେ ଜଣେ ସୁସମାଜ ନିର୍ମାଣକାରୀ ନେତା।' - ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ପୌରୋହିତ୍ୟରେ 'ଗୌରୀକୁମାରଙ୍କ ପ୍ରଥମ ଶ୍ରାଦ୍ଧ ସ୍ମାରକୀ' ସହର ଉପକଣ୍ଠସ୍ଥିତ ତାଙ୍କ ଜନ୍ମସ୍ଥାନ 'ସାହାଦା' ଗ୍ରାମରେ ଗତ ୩୦ ତାରିଖ ରବିବାର ଦିବସବ୍ୟାପୀ ଶୁଭେଚ୍ଛୁ ଅନୁଗାମୀମାନଙ୍କ ଦ୍ୱାରା ସ୍ମୃତିଚାରଣପୂର୍ବକ କରାଯାଇଥିଲା।

ସର୍ବପ୍ରଥମେ ପରିବାର ସଦସ୍ୟଙ୍କ ଉଦ୍ୟମରେ ଗୌରୀକୁମାରଙ୍କ ଉପବେଶନ ମୁଦ୍ରାର ଶୁଭ୍ର ମର୍ମର ପୂର୍ଣ୍ଣାଙ୍ଗ ପ୍ରସ୍ତର ଅବୟବ ଅନାବରଣ କରାଯିବା ପରେ ଭାଇ, ଭଉଣୀ, ଭିଣୋଇ ଓ ପୁତ୍ର କନ୍ୟାଙ୍କ ଉପସ୍ଥିତିରେ ପରିବାରବର୍ଗ, ଉପସ୍ଥିତ ଅତିଥିବୃନ୍ଦ ପବିତ୍ର ଦୀପାଞ୍ଜଳି ଓ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଏହାପରେ ଜୀବନବାଦୀ ଗୌରୀକୁମାରଙ୍କ ଉଦ୍ଦେଶ୍ୟରେ ବିଶିଷ୍ଟ କବି ଓ ସଂପାଦକ ଶ୍ରୀଦେବଙ୍କ ସଂପାଦନାରେ ପ୍ରକାଶିତ 'ଗୌରୀଗୌରବ' ଗ୍ରନ୍ଥକୁ ଲୋକାର୍ପଣ କରାଯାଇଥିଲା।

ଗୌରୀ କୁମାର ରାଉତଙ୍କୁ ସ୍ମରଣ କରି ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ଦାଶ, ପ୍ରାକ୍ତନ ବିଧାୟକ ସୁଦର୍ଶନ ଜେନା, ଦେବୀପ୍ରସନ୍ନ ଚାନ୍ଦ, ସୁଧାଂଶୁ ଶେଖର ପରିଡ଼ା, ଆଡ୍. ଅଶୋକ ସେନାପତି, ଶରତ କୁମାର ମହାପାତ୍ର, ଚକ୍ରଧର ମହାନ୍ତି, ତୁଷାରକାନ୍ତ ମହାପାତ୍ର, ସାଇରୁଲ୍ ହକ୍, ମହମ୍ମଦ ଇସ୍‌ଲାମ୍, ଗିରୀଶ ପରିଡ଼ା, ବାଲେଶ୍ୱର ପୌରାଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ, ରେମୁଣା ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ରେମୁଣା ଏନ୍.ଏ.ସି. ଅଧ୍ୟକ୍ଷ ବରଦା ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ପ୍ରାକ୍ତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ପୌର ସଦସ୍ୟା ମୀନା ମହାନ୍ତି, ଚିତ୍ରଶିଳ୍ପୀ କେଶୁ ଦାସ, ନାଟ୍ୟକାର ଆଶୀଷ ଚକ୍ରବର୍ତ୍ତୀ, କବି ସିତାଂଶୁ ଲେଙ୍କା, ଅଭୟ ଦାସ, ଅବନୀ ଜେନା, ସମାଜସେବୀ ଅରୁଣ ଜେନା, ଭାସ୍କର ଜେନା, ବିକ୍ରମ ପଣ୍ଡା, ଶୁଭେନ୍ଦୁ ମଙ୍ଗରାଜ, ଯାଦବେଶ ମିଶ୍ର, ସାମ୍ବାଦିକ ବିପ୍ଳବ ମହାନ୍ତି, ସମୀର ଆଚାର୍ଯ୍ୟ ଓ ଆତ୍ମୀୟ ବିଭୁସ୍ମିତା ମହାଳିକ, ଶୁଭ୍ରଜିତ୍ ମଢୁଆଳ, ହରିନାରାୟଣ ମଢୁଆଳ, ନୀଳିମା ପ୍ରିୟଦର୍ଶିନୀ ମଢୁଆଳ, କନ୍ୟା ରଶ୍ମିରାଣୀ ମହାନ୍ତି, ଜ୍ୟେଷ୍ଠପୁତ୍ର ଚନ୍ଦ୍ରଶେଖର ରାଉତ (ବିଠଲ), ବୋହୂ ପ୍ରତିଭା ରାଉତ, କନିଷ୍ଠପୁତ୍ର ସୂର୍ଯ୍ୟଶେଖର ରାଉତ (ସିଠଲ) ପ୍ରମୁଖଙ୍କ ଉପସ୍ଥିତିରେ ଏକ ଅବିସ୍ମରଣୀୟ ସ୍ମୃତିଚାରଣ କରାଯାଇଥିଲା। ସର୍ବଶେଷ ମୁହୂର୍ତ୍ତରେ ପୂର୍ବତନ ମନ୍ତ୍ରୀ ଓ ବିଧାୟକ ପ୍ରଫୁଲ୍ଲ ସାମଲ ଉପସ୍ଥିତ ରହି ଗୌରୀକୁମାର ରାଉତଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତୀରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିବାବେଳେ ଗୌରୀପ୍ରେମୀ ଗୁରୁ ଲଘୁଜନଙ୍କୁ କବି ଶ୍ରୀଦେବ କୃତଜ୍ଞତା ଜ୍ଞାପନ କରିଥିଲେ।

# ସମ୍ବଲପୁରରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

ସମ୍ବଲପୁର,୦୧/୧୨ (ନି.ପ୍ର): ସମ୍ବଲପୁରର ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଉଦଘାଟନୀ ସମାରୋହ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲ୍ଲାପାଳ ସୁଶାନ୍ତ ନାଏକ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଡ. ଦ୍ୱାରିକାନାଥ ନାଏକ, ଶ୍ରବଣ କୁମାର ବାଗ୍, ସଙ୍ଗୀତ ନିର୍ଦ୍ଦେଶକ ଶଙ୍କର ପ୍ରସାଦ ପ୍ରଧାନ, ସହକାରୀ ଜିଲ୍ଲାପାଳ ରୋସେଲିନା ତିର୍କୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ଏହି ଉତ୍ସବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଲୋକ ନୃତ୍ୟ, ଲୋକ ଗୀତ, ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ ଇତ୍ୟାଦି ବିଭାଗ ଗୁଡ଼ିକରେ ପ୍ରତିଯୋଗିତାର ଆୟୋଜନ କରଯାଇଥିଲା। ଜିଲ୍ଲାର ୫ରୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ୧୫ ରୁ ୨୯ ବୟସର ଯୁବକ ଯୁବତୀ ମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଯୁବ ମହୋତ୍ସବ ଉପରେ ନିର୍ଦ୍ଧାରିତ ଲୋକ ନୃତ୍ୟ ପ୍ରତିଯୋଗିତାର ଫଳାଫଳରେ ଭରନି କଳା ପରିଷଦ ପ୍ରଥମ ସ୍ଥାନ, ସ୍ୱୟଂମ ଏକାଡେମୀ ଦ୍ୱିତୀୟ ସ୍ଥାନ ଓ ସରକାରୀ ମହିଳା ମହାବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ଲୋକ ସଙ୍ଗୀତ ପ୍ରତିଯୋଗିତାରେ ବାମରା ର ସରଗମ କଳାପରିଷଦ, ପ୍ରଥମ ସ୍ଥାନ, ସରକାରୀ ମହିଳା ମହାବିଦ୍ୟାଳୟ ଦ୍ୱିତୀୟ ସ୍ଥାନ, କୁଚିଣ୍ଡା ଏନଏସି ମହାବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। କବିତା ରଚନା ପ୍ରତିଯୋଗିତାରେ ବାବୁ ଦୀପ ପ୍ରଥମ ସ୍ଥାନ, ରାଜା ପ୍ରଧାନ ଦ୍ୱିତୀୟ ସ୍ଥାନ ଓ ଜାଗରଣ ପୂଜାରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗଳ୍ପଲିଖନ ପ୍ରତିଯୋଗିତାରେ ମେନକା ମାଝୀ ପ୍ରଥମ ସ୍ଥାନ, ସର୍ମିଷ୍ଠା ରାଣୀ ବିଶି ଦ୍ୱିତୀୟ ସ୍ଥାନ, ସନ୍ଧ୍ୟା ପରେଓ୍ୱନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ସରକାରୀ ମହିଳା ମହାବିଦ୍ୟାଳୟ ର ଖୁସି ସାହ ପ୍ରଥମ ସ୍ଥାନ, ସରକାରୀ ମହିଳା ମହାବିଦ୍ୟାଳୟ ର ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ ଦ୍ୱିତୀୟ ସ୍ଥାନ, ହୀରାକୁଦ କଲେଜ ର ସୌରଭ ପରମାନିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଔପଚାରିକ ବକ୍ତୃତା ପ୍ରତିଯୋଗିତାରେ ଏନଏସି କଲେଜ ର ଶୀତଳ ଶର୍ମା ପ୍ରଥମ ସ୍ଥାନ, କୁଚିଣ୍ଡା କଲେଜ୍ ର ସାଚି ରେ ଦ୍ୱିତୀୟ ସ୍ଥାନ, ଏନଏସସିବି କଲେଜ ର ଜ୍ୟୋତିର୍ମୟୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ ଭୋଇ ଏବଂ କ୍ରୀଡା ଅଧିକାରୀ ସତ୍ୟନାରାୟଣ ତାଣ୍ଡି କାର୍ଯ୍ୟ କ୍ରମ ରେ ଯୋଗ ଦେଇ ପ୍ରତିଯୋଗିତାର ବିଜେତା ମାନଙ୍କୁ ପ୍ରମାଣପତ୍ର ବିତରଣ କରିଥିଲେ। ସୁଚନାଯୋଗ୍ୟ କୃତୀ ଯୁବକ ଯୁବତୀ ମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମକୁ ଅତି ଶୃଙ୍ଖଳିତ ଭାବେ ଅସୀମ ପ୍ରଧାନ ପରିଚାଳନା କରିଥିଲେ।

# ନବାଗତ ଶିକ୍ଷାର୍ଥୀଙ୍କ ପରିଚୟ ସମାରୋହ

କେନ୍ଦୁଝର,୦୧/୧୨ (ନି.ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟର ଆଇଡିପି ସଭାଗୃହ ଠାରେ ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଧରଣୀଧର ବିଶ୍ୱବିଦ୍ୟାଳୟ ଶିକ୍ଷାକେନ୍ଦ୍ରରେ ଜୁଲାଇ ୨୦୨୫ ଶିକ୍ଷା ବର୍ଷ ପାଇଁ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖେଇଥିବା ଶିକ୍ଷାର୍ଥୀ ମାନଙ୍କର ଏକ ବିଷୟ ପରିଚୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହକୁ ଉଦ୍ଘାଟନ କରିଥିଲେ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି। ସେ ତାଙ୍କ ଅଭିଭାଷଣରେ କହିଥିଲେ, ଶିକ୍ଷାର୍ଥୀ ମାନେ କେବଳ ପ୍ରମାଣ ପତ୍ର ପାଇଁ ପାଠ ନ ପଢି ବ୍ୟକ୍ତିତ୍ୱ ନିର୍ମାଣ କରିବା ସଙ୍ଗେ ସଙ୍ଗେ ଆଧାତ୍ମିକ ଜୀବନ ଧାରାକୁ ଆପଣାଇବା ଦରକାର। ଶିକ୍ଷାକେନ୍ଦ୍ରର ସଂଯୋଜକ ଡ଼କ୍ଟର କୃଷ୍ଣ ଚନ୍ଦ୍ର ପ୍ରଧାନ ପାଠ୍ୟକ୍ରମ ଗୁଡ଼ିକର ବ୍ୟାପକ ସୂଚନା ପ୍ରଦାନ କରିବା ସହିତ ଶିକ୍ଷାର୍ଥୀ ମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଶିକ୍ଷାକେନ୍ଦ୍ର ସବୁ ସମୟରେ ପିଲା ମାନଙ୍କର ପାଠ ପଢାରେ ସହଯୋଗ କରିବ।

### ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ

# ‘ବିଶ୍ୱରେ ବୃଦ୍ଧି ପାଉଛି କ୍ରୀତଦାସ ପ୍ରଥା !’



**ଅଲେଖ ଚନ୍ଦ୍ର ସାମଲ**

ପ୍ରତିବର୍ଷ ଡିସେମ୍ବର ଦୁଇ ତାରିଖକୁ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଭାବେ ପାଳନ କରାଯାଇଥାଏ । ମାନବ ଚାଲାଣ ରୋକିବା, ଶ୍ରମ, ବେଶ୍ୟାବୃତ୍ତି ଆଦି କାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ଗୋଲାମ କରି ରଖିବାର କୁପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଥମ ଥର ପାଇଁ ୧୯୮୬ରେ ମିଳିତ ଜାତସଂଘର ସାଧାରଣ ପରିଷଦରେ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଅନୁମୋଦନ ଲାଭ କରିଥିଲା । ସେବେଠାରୁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଏହି ଦିବସ ଉପଲକ୍ଷେ ଦାସତ୍ୱ ପ୍ରଥାର ବିଲୋପ ନିମନ୍ତେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଆନ୍ତର୍ଜାତିକ ସ୍ତରରେ ଦାସତ୍ୱକୁ ବେଆଇନ ଘୋଷଣା କରାଯାଇଛି ।

କ୍ରୀତଦାସ ପ୍ରଥା ସମ୍ପୂର୍ଣ୍ଣ ଲୋପ କରିବାକୁ ଅନେକ ଆଇନ କାନୁନ୍ ବ୍ୟବସ୍ଥା କରାଯାଇଥିଲେ ବି ଏବେ ବି ସାରା ବିଶ୍ୱରେ ୩କୋଟିରୁ ଅଧିକ କ୍ରୀତଦାସ ଥିବାବେଳେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ କେବଳ ଭାରତରେ ଅଛନ୍ତି । ଭାରତରେ ଏବେବି ୧କୋଟି ୪୦ ଲକ୍ଷ କ୍ରୀତଦାସ ଅଛନ୍ତି । ଦାଦନ ଓ ଗୋତି ଶ୍ରମିକପରି ଘୃଣ୍ୟ ପ୍ରଥା ମାଧ୍ୟମରେ ଭାରତରେ କ୍ରୀତଦାସ ପ୍ରଥା ଜୀବିତ ରହିଛି । କ୍ରୀତଦାସ ପ୍ରଥା ବିରୋଧରେ କାର୍ଯ୍ୟ କରୁଥିବା ‘ୱାକ୍ ଫ୍ରି ଫାଉଣ୍ଡେସନ’ ନିକଟରେ ରିପୋର୍ଟରେ ପ୍ରକାଶ କରିଥିବାବେଳେ ସାରା ବିଶ୍ୱରେ କେତେ କ୍ରୀତଦାସ ଅଛନ୍ତି ତାର ତାଲିକା ପ୍ରଦାନ କରିଛି । ଏଥିରେ ୧୬୨ଟି ଦେଶରେ କେତେ କ୍ରୀତଦାସ ରହୁଛନ୍ତି, କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ତଥା ଏହାକୁ ରୋକିବାରେ ସରକାରଙ୍କ ସାମର୍ଥ୍ୟ ଉପରେ ସବିଶେଷ ଅଧ୍ୟୟନ କରାଯାଇଛି । ଯୌନକର୍ମୀ କିମ୍ବା ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଅନେକ ସମୟରେ ହେଉଥିବା ମାନବ ଚାଲାଣ ଏହାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି । ସାରା ବିଶ୍ୱରେ ୨.୯୮ କୋଟି କ୍ରୀତଦାସ ରହୁଥିବାବେଳେ ଏଥିରୁ ପ୍ରାୟ ୭୬ ପ୍ରତିଶତ କେବଳ ୧୦ଟି ଦେଶରେ ରହୁଛନ୍ତି । ସେଗୁଡ଼ିକ ହେଲା ଭାରତ (୧କୋଟି ୩୯ ଲକ୍ଷ), ଚୀନ (୨୯ଲକ୍ଷ), ପାକିସ୍ତାନ (୨୧ଲକ୍ଷ), ନାଇଜେରିଆ (୭ଲକ୍ଷ), ଇଥିଓପିଆ (୬ଲକ୍ଷ ୫୧ ହଜାର), ଋଷିଆ (୫ଲକ୍ଷ ୧୬ ହଜାର), ଥାଇଲ୍ୟାଣ୍ଡ (୪ଲକ୍ଷ ୭୨ ହଜାର), ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ (୪ଲକ୍ଷ ୬୨ ହଜାର), ମିଆଁମାର (୩ଲକ୍ଷ ୮୪ ହଜାର) ଓ ବାଙ୍ଗାଲାଦେଶରେ ୩ଲକ୍ଷ ୪୩ ହଜାର । ଆଧୁନିକ ସମୟରେ କ୍ରୀତଦାସର ଅର୍ଥ ବଦଳି ଯାଇଥିବାବେଳେ ମାନବ ଚାଲାଣ, ଗୋତି ଶ୍ରମିକ ପ୍ରଥା, ଶିଶୁ ନିର୍ଯାତନା ଓ ଜୋରଜବରଦସ୍ତ ବିବାହ ଆଦିକୁ ମଧ୍ୟ ଏଥିରେ ସାମିଲ କରାଯାଇଛି । ବିଶ୍ୱସ୍ତରରେ କ୍ରୀତଦାସଙ୍କ ତାଲିକା ପ୍ରକାଶ କରିବା ଉଦ୍ଦେଶ୍ୟ ହେଉଛି ଏହା ବିରୋଧ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ଦେଶର ସରକାରଙ୍କ ଉପରେ ଚାପ ପକାଇବା । କାରଣ ସାରା ବିଶ୍ୱରେ ଏବେ ଯେତିକି ସଂଖ୍ୟକ କ୍ରୀତଦାସ ଅଛନ୍ତି ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି ଗବେଷକ କେଭିନ୍ ବେଲ୍ସ ପ୍ରକାଶ କରିଛନ୍ତି । ଦାରିଦ୍ର୍ୟ କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ହୋଇଥିବାବେଳେ ଦୁର୍ନୀତି ଏହାର ଅନ୍ୟ ଏକ କାରଣ । ଆଉ କେତେକ ଅଞ୍ଚଳରେ ସେମାନଙ୍କ ପରମ୍ପରା ଏପରି ପ୍ରଥା ସୃଷ୍ଟି କରିଥାଏ । ଯେପରିକି ପଶ୍ଚିମ ଆଫ୍ରିକାର ମରିଟାନିଆର ଜନସଂଖ୍ୟା ମାତ୍ର ୩୮ ଲକ୍ଷ ହୋଇଥିବାବେଳେ ଏଥିରୁ ୧୬୦,୦୦୦ କେବଳ କ୍ରୀତଦାସ । ବାଲ୍ୟ ବିବାହ ଓ ଗୁଲାମଗିରି ଯୋଗୁଁ ଏଠାରେ ଏପରି ପ୍ରଥା ବଞ୍ଚି ରହିଛି ।

ଚୀନରେ ମଧ୍ୟ ଘରୋଇ କାର୍ଯ୍ୟ, ଯୌନ ଓ ଭିକ୍ଷାବୃତ୍ତି ପାଇଁ ମହିଳା, ପୁରୁଷ ତଥା ଶିଶୁମାନଙ୍କୁ କ୍ରୀତଦାସ ହେବା ପାଇଁ ବାଧ କରାଯାଉଛି । ଆଇସ୍‌ଲ୍ୟାଣ୍ଡ, ଆର୍ୟଲ୍ୟାଣ୍ଡ ଓ ବ୍ରିଟେନ ପରି ପାଶ୍ଚାତ୍ୟ ଦେଶ ମଧ୍ୟ କ୍ରୀତଦାସ ମୁକ୍ତ ନୁହଁନ୍ତି ବୋଲି ବେଲ୍ସ ପ୍ରକାଶ କରିଛନ୍ତି । ଏବେବି ୪୪୦୦ ଲୋକ ବ୍ରିଟେନ୍‌ରେ କ୍ରୀତଦାସ ଭାବେ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଆଫ୍ରିକା, ଏସିଆ ଓ ପୂର୍ବ ୟୁରୋପର । ଏମାନଙ୍କୁ ଯୌନକର୍ମୀ, ଘରୋଇ କାର୍ଯ୍ୟ, କୃଷି, ନିର୍ମାଣ, ରେସ୍ତୋରାଁ ପରି ସ୍ୱଳ୍ପ ପାରିଶ୍ରମିକ ଦିଆଯାଉଥିବା କାର୍ଯ୍ୟରେ ନିୟୋଜିତ କରାଯାଉଛି । ଏହି ରିପୋର୍ଟ ଧନୀ ରାଷ୍ଟ୍ରମାନଙ୍କ ପାଇଁ ମଧ୍ୟ ଚେତାବନୀ ସଦୃଶ ହୋଇଛି । ସୂଚନା ପ୍ରଯୁକ୍ତିରେ ଆଜି ଚନ୍ଦ୍ରପୃଷ୍ଠରେ ପାଦ ଥାପୁଥିବା ଆମ ପରି ଗୁଣୀଜ୍ଞାନୀ ଓ କୋଟି କୋଟି ଧନୀ ଅମିର୍‌ଙ୍କ ଭିତରେ ଯେ, ନିଜ ଜୀବନକୁ ପଣ୍ୟ କରୁଥିବା କ୍ରୀତଦାସମାନେ ବି ଅଛନ୍ତି ତାହା ଭାବିଲେ ଯେତିକି ଦୁଃଖଦାୟକ ତତୋଧିକ ନିନ୍ଦନୀୟ ।


ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨


### ପ୍ରଦୂଷଣ ନିରାକରଣ ଦିବସ

# ‘ଇ-ଆବର୍ଜନାର ସଂକଟ’



**ବିକ୍ରମ ମହାପାତ୍ର**

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି ।

ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ ।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୨୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୨୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ ।

ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ଏହି ଇ-ଆବର୍ଜନା କେବଳ ସମାଜ ନୁହେଁ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ବିପଦଜ୍ଜନକ, ଘାତକ ଓ ମାରାତ୍ମକ । ତେଣୁ ଏ କ୍ଷେତ୍ରରେ ଆମ୍ଭମାନଙ୍କ ଭିତରେ ସଚେତନତା ଅତ୍ୟନ୍ତ ଜରୁରୀ ।


‘ଆନନ୍ଦ ଜ୍ୟୋତ୍ସ୍ନା’, ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ





ଭାରତୀୟ ବିବାହରେ ହଳଦୀ, ମେହେନ୍ଦି, ସାତଫେରା ଏବଂ ବରଣମାଳା ଆଦି ରୀତିନୀତି ରହିଥାଏ । ସେଥିମଧ୍ୟରୁ ବରଣମାଳା ରୀତିନୀତିକୁ ସବୁଠାରୁ ମଜାଦାର ଏବଂ ହୃଦୟସ୍ପର୍ଶୀ ବୋଲି ବିବେଚନା କରାଯାଇଥାଏ । ଯେତେବେଳେ କନ୍ୟା ଏବଂ ବର ପରସ୍ପରର ବେକରେ ମାଳା ପିନ୍ଧାନ୍ତି । ସେହି ମୁହୂର୍ତ୍ତ ବିବାହର ଆରମ୍ଭକୁ ଚିହ୍ନିତ କରେ । କିନ୍ତୁ କେବେ ଭାବିଛନ୍ତି କି କନ୍ୟା ସବୁବେଳେ କାହିଁକି ପ୍ରଥମେ ବରଣମାଳା ପିନ୍ଧାନ୍ତି ? ଏହା କେବଳ ଏକ ପରମ୍ପରା ନୁହେଁ, ବରଂ ଗଭୀର ଅର୍ଥ ତଥା ଅନେକ ଶୁଭ ସଙ୍କେତ ବହନ କରିଥାଏ । ଏହି ରୀତି କେବଳ ଏକ ‘ଫଟୋ ମୁହୂର୍ତ୍ତ‘ ନୁହେଁ, ବରଂ ପ୍ରେମ, ସମ୍ମାନ ଏବଂ ଗ୍ରହଣର ଏକ ସୁନ୍ଦର ବାର୍ତ୍ତା ବହନ କରେ । କୁହାଯାଏ ଯେ, ଏହି ମୁହୂର୍ତ୍ତରେ, କନ୍ୟା ତାଙ୍କ ବରକୁ ସମ୍ପୂର୍ଣ୍ଣ ହୃଦୟର ସହିତ ଗ୍ରହଣ କରିଥାନ୍ତି । ଏଥିରେ ବର ତାଙ୍କର ସମ୍ମତି ପ୍ରକାଶ କରିଥାନ୍ତି । ଶାସ୍ତ୍ରଜ୍ଞଙ୍କ ଅନୁସାରେ, ଏହି ରୀତି ସିଧାସଳଖ ଶିବ ଏବଂ ପାର୍ବତୀଙ୍କ ବିବାହ ସହିତ ଜଡିତ । ଯାହା ବୈବାହିକ ଜୀବନରେ ସୁଖ, ସମୃଦ୍ଧି ଏବଂ ପାରସ୍ପରିକ ବୁଝାମଣାକୁ ସୁଦୃଢ଼ କରିଥାଏ । ବିବାହକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ । କୁହାଯାଏ ଯେ, ଏହି ସମୟରେ ବର ଏବଂ କନ୍ୟାଙ୍କୁ ଭଗବାନ ଶିବ ଏବଂ ଦେବୀ ପାର୍ବତୀ ଭାବରେ ପୂଜା କରାଯାଏ । ବରଣମାଳା ରୀତି ମଧ୍ୟ ସମାନ ଭାବରେ ପବିତ୍ର । ଏହି ରୀତିରେ, କନ୍ୟା ପ୍ରଥମେ ମାଳା ପିନ୍ଧାଇଥାନ୍ତି । କାରଣ ବିବାହରେ ଜଣେ ମହିଳାଙ୍କ ସମ୍ମତି ସର୍ବୋପରି ଗୁରୁତ୍ୱପୂର୍ଣ୍ଣ । ଯେତେବେଳେ କନ୍ୟା ବରଙ୍କୁ ବରଣମାଳା ପିନ୍ଧାନ୍ତି, ଏପରି କରି ସେ କୁହନ୍ତି, ‘ମୁଁ ତୁମକୁ ମୋର ଜୀବନସାଥୀ ଭାବରେ ଗ୍ରହଣ କରୁଛି ।‘ ସେହିପରି ଯେତେବେଳେ ବର କନ୍ୟାଙ୍କୁ ବରଣମାଳା ପିନ୍ଧାନ୍ତି ଏହା ସୂଚିତ କରିଥାଏ ଯେ, ‘ମୁଁ ମଧ୍ୟ ତୁମକୁ ସମ୍ପୂର୍ଣ୍ଣ ହୃଦୟ ସହିତ ଗ୍ରହଣ କରୁଛି ।’ ଶାସ୍ତ୍ରଜ୍ଞଙ୍କ ଅନୁସାରେ, ବରଣମାଳାର ପ୍ରଥମ ପର୍ଯ୍ୟାୟରେ ମଙ୍ଗଳ ଏବଂ ଶୁକ୍ର ଗ୍ରହଙ୍କର ଶୁଭ ପ୍ରଭାବ ରହିଥାଏ । ଏହି କାରଣରୁ ବିବାହ ସମୟରେ ଏହି ରୀତି ପ୍ରଥମେ କରାଯାଇଥାଏ, ଯାହା ଦ୍ୱାରା ସମ୍ପର୍କ ପ୍ରେମ, ସୌଭାଗ୍ୟ ଏବଂ ଖୁସିରେ ପରିପୂର୍ଣ୍ଣ ହେବ । ଯେତେବେଳେ କନ୍ୟା ପ୍ରଥମେ ବରଣମାଳା ପିନ୍ଧାନ୍ତି, ଏହା ସୂଚିତ କରେ ଯେ, ସେ ନିଜେ ସେମାନଙ୍କ ସମ୍ପର୍କରେ ପ୍ରେମ ଏବଂ ବୁଝାମଣା ଆରମ୍ଭ କରୁଛନ୍ତି । ଏହା ଦର୍ଶାଏ ଯେ, ଅହଂକାର ନୁହେଁ ବରଂ ପାରସ୍ପରିକ ସମ୍ମାନ ଏବଂ ଘନିଷ୍ଠତା ଯେକୌଣସି ସମ୍ପର୍କକୁ ମଜବୁତ କରେ । ଏହି ରୀତି ବୈବାହିକ ଜୀବନରେ ସକାରାତ୍ମକ ପ୍ରଭାବ ଆଣେ ଏବଂ ଉଭୟଙ୍କ ମଧ୍ୟରେ ଭାବପ୍ରବଣ ବନ୍ଧନକୁ ଆହୁରି ଗଭୀର କରେ । ଯେପରି ଭଗବାନ ଶିବ ଏବଂ ମାତା ପାର୍ବତୀ ପ୍ରେମ ଏବଂ ସମାନତା ସହିତ ସେମାନଙ୍କର ସମ୍ପର୍କ ବଜାୟ ରଖନ୍ତି, ସେହିପରି ଏହି ରୀତି ପ୍ରତ୍ୟେକ ଦମ୍ପତିଙ୍କୁ ସମାନ ଭାବନା ସହିତ ବଞ୍ଚିବାକୁ ଶିଖାଇଥାଏ । ଯେତେବେଳେ କନ୍ୟା ବରଙ୍କୁ ବରଣମାଳା ପିନ୍ଧାନ୍ତି, ଏହା କେବଳ ‘ହଁ‘ କହିବାର ଏକ ଉପାୟ ନୁହେଁ, ବରଂ ଏକ ପ୍ରତିଶ୍ରୁତି ଯେ, ଆମେ ଏକାଠି ରହିବା, ବୁଦ୍ଧିମାନ ଭାବରେ କାର୍ଯ୍ୟ କରିବା ଏବଂ ସମ୍ପର୍କକୁ ପ୍ରାଥମିକତା ଦେବା । ଏହି ରୀତି ବାର୍ତ୍ତା ପ୍ରଦାନ କରେ ଯେ, ବିବାହରେ, କେହି ବଡ଼ କିମ୍ବା ଛୋଟ ନୁହଁନ୍ତି, କିନ୍ତୁ ଉଭୟ ସମାନ । ବରଣମାଳାର ପ୍ରତ୍ୟେକ ଫୁଲ ସମ୍ପର୍କର ପ୍ରତ୍ୟେକ ରଙ୍ଗକୁ ପ୍ରତିନିଧିତ୍ୱ କରିଥାନ୍ତି । ଏହା ଦ୍ୱାରା ଦାମ୍ପତ୍ୟ ଜୀବନରେ ବିଶ୍ୱାସ, ପ୍ରେମ, ସମ୍ମାନ ଏବଂ ସାହଚର୍ଯ୍ୟ ସୃଷ୍ଟି ହୋଇଥାଏ । ଏହା ଦର୍ଶାଇବାର ଏକ ପ୍ରତୀକାତ୍ମକ ଉପାୟ ଯେ, ବର ଏବଂ କନ୍ୟା ଏବେ ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି, ଯେଉଁଠାରେ ପ୍ରତ୍ୟେକ ନିଷ୍ପତ୍ତି ଏକାଠି ନିଆଯିବ ଏବଂ ପ୍ରତ୍ୟେକ ଅସୁବିଧାକୁ ଏକାଠି ସାମ୍ନା କରାଯିବ । ପ୍ରାୟତଃ, ଲୋକମାନେ ବରଣମାଳା ସମାରୋହକୁ କେବଳ ଏକ ‘ମଜାଦାର ମୁହୂର୍ତ୍ତ‘ ଭାବରେ ଭାବନ୍ତି, କିନ୍ତୁ ଏହା ଏକ ବିବାହର ଆଧ୍ୟାତ୍ମିକ ଆରମ୍ଭ । ଏହି ମୁହୂର୍ତ୍ତ ସହିତ ଆସୁଥିବା ଶକ୍ତି ଏବଂ ଭାବନା ବୈବାହିକ ଜୀବନର ଗତିପଥ ନିର୍ଣ୍ଣୟ କରିଥାଏ ।

### ପ୍ରଦୂଷଣ ନିରାକରଣ ଦିବସ

# ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟା

**ପ୍ରଫେସର ଡାକ୍ତର ସମ୍ରାଟ କର**



ଜଳବାୟୁ ପରିବର୍ତ୍ତନ ହେତୁ ପ୍ରବଳବର୍ଷା, ଭୂସ୍ଖଳନ, ଘୂର୍ଣ୍ଣିବଳୟ, ମରୁଡ଼ି ଇତ୍ୟାଦି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି । ଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱସ୍ତରରେ ଜଳବାୟୁ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାନବ ଜୀବନ ଓ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, ଆସାମ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଦେଖା ଦେଉଥିବା ବନ୍ୟା ସ୍ଥିତି ହେଉଛି ଜଳବାୟୁ ପରିବର୍ତ୍ତନର କାରଣ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲୁଏଚ୍ଓ ଅନୁସାରେ ୨୦୩୦ ଓ ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୁ ପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ ଆଦି ଯୋଗୁଁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ । ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମ ସାମ୍ନା କରିବେ ।

ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି, ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁଁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ତିଆରି ହୋଇନାହିଁ । ମୁଖ୍ୟତଃ ଏହାଦ୍ୱାରା ସଂକ୍ରାମକ ରୋଗ ବୃଦ୍ଧି ପାଉଛି । ଯଦି ତାପମାତ୍ରା ବୃଦ୍ଧି ନିୟନ୍ତ୍ରିତ ନ ହୁଏ, ତେବେ ଆଗାମୀ ଦିନରେ ଅର୍ଥାତ ୧୦-୨୦ ବର୍ଷ ମଧ୍ୟରେ ଭୟଙ୍କର ବିନାଶ ମଧ୍ୟ ଘଟିପାରେ । ସେହିପରି ଶରୀରର ଟିସୁ ଭାବେ କାମ କରିବ ନାହିଁ । ମୁଖ୍ୟତଃ ଶୀତରେ ଅତ୍ୟଧିକ ଗରମ ହେଉଥିବାରୁ ମଶା ସଂଖ୍ୟା ବୃଦ୍ଧି ପାଉଛି । ଫଳରେ ଲୋକେ ମ୍ୟାଲେରିଆ, ଡେଙ୍ଗୁ, ଜିକା ଭାଇରସ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି । ବଡ଼ କଥା ହେଉଛି କ୍ୟାନସର ଆଶଙ୍କା ମଧ୍ୟ ବଢ଼ିବ । କ୍ୟାନସର ଭଳି ମାରାତ୍ମକ ରୋଗ ପାଇଁ ଜଳବାୟୁ ପରିବର୍ତ୍ତନର ମଧ୍ୟ ଅନ୍ୟତମ କାରଣ । ନାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏନଭରମେଣ୍ଟାଲ ହେଲଥ ସାଇନ୍ସରେ ଏ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି । ଅତ୍ୟଧିକ ଗରମ କାରଣରୁ ରସାୟନ କଣିକା ପବନରେ ରହିଥାଏ । ଯଦ୍ୱାରା ଶ୍ୱାସକ୍ରିୟା ସମୟରେ ଏହି କଣିକା ଶରୀରକୁ ଯାଇ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ । ସେହିପରି ବାୟୁ ପ୍ରଦୂଷଣର ପ୍ରଭାବ ମଧ୍ୟ କ୍ୟାନସରର ଅନ୍ୟତମ କାରଣ । ଅତ୍ୟଧିକ ପ୍ରଦୂଷଣ ଯୋଗୁଁ ଓଜୋନ ସ୍ତରରେ ଛେଦ ସୃଷ୍ଟି ହୁଏ । ଫଳରେ ଅତିବାଇଗଣୀ ରଶ୍ମୀ ଚର୍ମକୁ କର୍କଟର କାରଣ ହୋଇଥାଏ । ସେହିପରି ଶ୍ୱାସରୋଗୀଙ୍କ ସଂଖ୍ୟା ବଢ଼ିବ । ଅନ୍ୟପଟେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଲେ ବାୟୁ ପ୍ରଦୂଷଣ ବଢ଼ିବ । ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜିବ । ତା ସହ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦେଖାଦେବ । କେବଳ ଏତିକି ନୁହେଁ ଶ୍ୱାସ ରୋଗୀଙ୍କ ସଂଖ୍ୟା ବି ବୃଦ୍ଧି ପାଇବ । ଏଭଳି ହୃଦ୍‌ଘାତ, ଜଳ ଶୁଷ୍କତା ଓ ଚିଡ଼୍‌ଚିଡ଼ାପଣ ଆଦି ସମସ୍ୟା ଦେଖାଦେବ । ଅନ୍ୟପଟେ ତମାମ ସମସ୍ୟା ପିଲାଙ୍କ ମସ୍ତିଷ୍କ ବିକାଶ ଉପରେ ପ୍ରଭାବ ପକାଇବ ।

ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ । ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି । ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ । ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ । ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ । ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି । ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧ୍ୟରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ । ଏହା ସହ ପିଲାମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛନ୍ତି । ମନୋବିଜ୍ଞାନୀଙ୍କ ଅନୁସାରେ, ଛୋଟ ପିଲାଙ୍କ ଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି । ସେହିପରି ପିଲାଙ୍କ ଠାରେ ଦେଖା ଦେଉଥିବା ଏଭଳି ସମସ୍ୟାକୁ ମନୋବିଜ୍ଞାନୀ ଇକୋ ଆନଜାଇଟିଂ ବୋଲି କହିଥାନ୍ତି । ଏବେ ପୃଥିବୀ ବସବାସ କରିବା ଯୋଗୁଁ ନୁହେଁ ବୋଲି ସେମାନେ ଭାବୁଛନ୍ତି । ଆଉ ଏ କଥା ସେମାନଙ୍କ ମନରେ ବସା ବାନ୍ଧି ଗଲାଣି । ଯେତେବେଳେ ସେମାନେ ବଡ଼ ହେବେ, ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀ ଧ୍ୱଂସ ହୋଇଯିବ । ଅନ୍ୟପଟେ ପିଲାଙ୍କ ବ୍ୟବହାରରେ ଆସୁଥିବା ପରିବର୍ତ୍ତନ ପାଇଁ ଅନେକାଂଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି । ତେବେ ଦୁଃଖର ବିଷୟ ହେଉଛି କେବଳ ବଡ଼ ଲୋକ ନୁହଁନ୍ତି ବରଂ ଛୋଟ ଛୋଟ ପିଲାମାନେ ମଧ୍ୟ ମାନସିକ ରୋଗର ଶିକାର ହେଉଛନ୍ତି । ହଠାତ୍ କୌଣସି ବିଷୟକୁ ନେଇ ରାଗିଯିବା, ଚିଡ଼ି ଯିବା, ହତାଶ ହେବା, ଦୁଃଖ କରିବା ଆଦି ଲକ୍ଷଣ ସେମାନଙ୍କ ଠାରେ ଦେଖାଦେଉଛି । ଯାହାକି ମାନସିକ ରୋଗକୁ ହିଁ ଇଙ୍ଗିତ କରୁଛି । ପୁଣି ପ୍ରଦୂଷିତ ସହରରେ ପିଲାଙ୍କ ଠାରେ ଅବସାଦ ଓ ମାନସିକ ରୋଗ ବୃଦ୍ଧି ପାଉଛି ।

ଏଣିକି ଲୋକେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରୀଡ଼ିତ ହେବେ । ଅର୍ଥାତ୍ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପ୍ରକୃତି ଉପରେ ନୁହେଁ ବରଂ ଏହାର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡୁଛି । ସମ୍ପ୍ରତି ଏହା ଏକ ନୂଆ ରୋଗ ଭାବେ ଉଭା ହୋଇଛି । ଏପରିକି ପାଖାପାଖି ଏହାଦ୍ୱାରା ସବୁ ଦେଶ ମଧ୍ୟ ପ୍ରଭାବିତ ହେଲେଣି । ଏହି କ୍ରମରେ ନିକଟରେ କାନାଡ଼ାରେଜଣେ ୭୦ ବର୍ଷୀୟା ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ ହୋଇଛନ୍ତି । ତା ସହ ଏହା ହେଉଛି ବିଶ୍ୱର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଥମ ମାମଲା । କାନାଡାର ବ୍ରିଟିଶ କଲମ୍ବିଆର ଜଣେ ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ । ଅବଶ୍ୟ ମହିଳାଙ୍କ ନାଁ ଏବେ ସାମ୍ନାକୁ ଆସିନାହିଁ । ସମ୍ପୃକ୍ତ ମହିଳାଙ୍କର ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଥିବା ନେଇ କାନାଡ଼ାର କୁଟନି ଲେକ ହସ୍ପିଟାଲର ଡାକ୍ତର କାଇଲ ମେରିଟ୍‌ଙ୍କ ପାଖକୁ ଚିକିତ୍ସିତ ହେବାକୁ ଆସିଥିଲେ । କାଇଲ ତାଙ୍କର ଚିକିତ୍ସା କରିବା ପରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥିବା କହିଥିଲେ । ସାଧାରଣତଃ କାନାଡାକୁ ସବୁଠୁ ଥଣ୍ଡା ଦେଶ ବୋଲି କୁହାଯାଏ । ଏଠାରେ ତୁଷାରପାତ ହେବା ସହ ତାପମାତ୍ରା ମାଇନସ ଡିଗ୍ରୀକୁ ଚାଲିଯାଏ । ମାତ୍ର ଏଥର ଜୁନ-ଜୁଲାଇରେ ଦେଖା ଦେଇଥିବା ହିଟ୍ ୱେଭ ଯୋଗୁଁ କାନାଡା ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହୋଇଛି । ହିଟ୍ ୱେଭ ଯୋଗୁଁ କାନାଡାର ତାପମାତ୍ରା ଥିଲା ୪୯.୬ ଡିଗ୍ରୀ ସେଲସିୟସ । ଯାହାକି କାନାଡ଼ା ଇତିହାସରେ ସର୍ବାଧିକ ତାପମାତ୍ରା । ହିଟୱେଭ ଯୋଗୁଁ ଜଙ୍ଗଲରେ ନିଆଁ ଲାଗିବା ଓ ଧୂଆଁ ଯୋଗୁଁ ପବନର ଗୁଣବତ୍ତା ମଧ୍ୟ ଖରାପ ହେଲା । ଯେଉଁଥି ପାଇଁ ମହିଳାଙ୍କ ଠାରେ ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଓ ସେ ଏବେ ସୁଦ୍ଧା ଏଥିରୁ କାନାଡାରେ ୫୦୦ ଜଣ ପ୍ରାଣ ହରାଇଛନ୍ତି । ଯଦିଓ ମହିଳା ଜଣକ ହାଇଡ୍ରେଟ ରହିବା ପାଇଁ ଚେଷ୍ଟା କରୁଛନ୍ତି, ତଥାପି ଲୁ’ ତାଙ୍କ ଶରୀରକୁ ଅତ୍ୟଧିକ ମାତ୍ରାରେ ପ୍ରଭାବିତ କରିଛି । ସେହିପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଇବ ତାହା ମଧ୍ୟ ଏଥିରୁ ବିଶେଷଜ୍ଞମାନେ ସ୍ପଷ୍ଟ ଭାବେ ବୁଝିପାରୁଥିବା ସେ କହିଛନ୍ତି । ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲୋକମାନେ ଘରଛାଡ଼ି ପଳାୟନ କରିବାକୁ ବାଧ ହେବେ । ବିଶେଷଜ୍ଞଙ୍କ ଅନୁସାରେ ୨୦୫୦ ସୁଦ୍ଧା ପ୍ରାୟ ୨୦ କୋଟି ଲୋକ ଏହା ଯୋଗୁଁ ନିଜ ଭିଟାମାଟି ଛାଡ଼ିବେ । ପ୍ରଦୂଷଣ ଓ ଜଳବାୟୁ ଜନିତ ସମସ୍ୟା ବର୍ତ୍ତମାନର ସମୟରେ ମାନସିକ କ୍ଷେତ୍ରକୁ ଗଭୀର ଭାବରେ ପ୍ରଭାବିତ କରୁଛି । ତେଣୁ ପ୍ରଦୂଷଣକୁ ଯଥା ସମ୍ଭବ ନିରାକରଣ କରିବା ଓ ଏହି ସମସ୍ୟାକୁ ବ୍ୟକ୍ତିଗତ ଭାବରେ କିପରି ସମାଜର ଉନ୍ନତିକଳ୍ପେ ଦୃଢ଼ବୋଧ ହୋଇ ଲୋପ କରିବା ପାଇଁ ସମ୍ମିଳିତ କାର୍ଯ୍ୟ କରିବା ।


+ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ,
ପୁରୀଘାଟ ରୋଡ, କଟକ,
ମୋ : ୯୧୩୨୪୩୩୩୩୩

# ସଙ୍କଟରେ ମାନସିକ ସ୍ୱାସ୍ଥ୍ୟ

ଆଧୁନିକତାର ଦ୍ରୁତ ଗତିରେ ଆଗଉଥିବା ପୃଥିବୀରେ ଆମେ ଅନେକ ବିକାଶର ଗାଥା ଶୁଣୁଛେ, କିନ୍ତୁ ଏହାର ଅନ୍ତରାଳରେ ଏକ ନୀରବ ମହାମାରୀ ନିଜର କାୟା ବିସ୍ତାର କରିଚାଲିଛି । ଏହା ହେଉଛି ମାନସିକ ସ୍ୱାସ୍ଥ୍ୟ ସଙ୍କଟ, ଯାହା ଆଜି ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ନିଜର କରାଳ ରୂପ ଦେଖାଇବାରେ ଲାଗିଛି । ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଦ୍ୱାରା ପ୍ରକାଶିତ ତଥ୍ୟ ଏକ ଭୟାବହ ସତ୍ୟକୁ ପଦାରେ ପକାଇଛି, ଯାହା ଅନୁଯାୟୀ ବିଶ୍ୱବ୍ୟାପୀ ଶହେ କୋଟିରୁ ଅଧିକ ଲୋକ କୌଣସି ନା କୌଣସି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଛନ୍ତି । ଉଦ୍‌ବେଗ (anxiety) ଏବଂ ଅବସାଦ (depression) ଭଳି ସମସ୍ୟା ଆଜି ଘରେ ଘରେ ପହଞ୍ଚି ସାରିଲାଣି, କିନ୍ତୁ ଏହାର ମୁକାବିଲା ପାଇଁ ଆମର ପ୍ରସ୍ତୁତି ଅତ୍ୟନ୍ତ ନଗଣ୍ୟ । ଏହି ସଙ୍କଟ କେବଳ ବ୍ୟକ୍ତିଗତ ସ୍ତରରେ ସୀମିତ ନାହିଁ, ବରଂ ଏହା ସମାଜ, ଅର୍ଥବ୍ୟବସ୍ଥା ଏବଂ ସାମଗ୍ରିକ ଭାବେ ମାନବ ବିକାଶ ଉପରେ ଗଭୀର ପ୍ରଭାବ ପକାଉଛି ।

ମାନସିକ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ଦୀର୍ଘକାଳୀନ ଅକ୍ଷମତାର ଦ୍ୱିତୀୟ ପ୍ରମୁଖ କାରଣ ଭାବେ ଉଭା ହୋଇଛି । ଏହା ସତ୍ତ୍ୱେ ଏହାକୁ ଯେଉଁ ଗୁରୁତ୍ୱ ମିଳିବା କଥା, ତାହା ମିଳୁନାହିଁ । ଅଧିକାଂଶ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ମାନସିକ ସ୍ୱାସ୍ଥ୍ୟକୁ ଏବେବି ଅବହେଳା କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ, ଦେଶଗୁଡ଼ିକ ନିଜ ସ୍ୱାସ୍ଥ୍ୟ ବଜେଟର ମାତ୍ର ଦୁଇ ପ୍ରତିଶତ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ କରୁଛନ୍ତି, ଏବଂ ଏହି ପରିମାଣ ୨୦୧୭ ମସିହାରୁ ସ୍ଥିର ରହିଛି । ଏହି ପରିସଂଖ୍ୟାନରୁ ସ୍ପଷ୍ଟ ଯେ, ଆମେ ଶାରୀରିକ ସ୍ୱାସ୍ଥ୍ୟକୁ ଯେତିକି ଗୁରୁତ୍ୱ ଦେଉଛେ, ମାନସିକ ସ୍ୱାସ୍ଥ୍ୟକୁ ତା'ର ଏକ ଛୋଟ ଅଂଶ ଭାବରେ ମଧ୍ୟ ବିବେଚନା କରୁନାହୁଁ। ଏହି ଅବହେଳାର ପରିଣାମ ଅତ୍ୟନ୍ତ ଭୟଙ୍କର । ବିଶ୍ୱ ଅର୍ଥନୀତିକୁ ଏହା ବାର୍ଷିକ ପ୍ରାୟ ଏକ ଟ୍ରିଲିୟନ ଡଲାରର କ୍ଷତି ପହଞ୍ଚାଉଛି, ଯାହାକି କାର୍ଯ୍ୟକ୍ଷେତ୍ରରେ ଉତ୍ପାଦକତା ହ୍ରାସ ଯୋଗୁଁ ହେଉଛି। ଯେତେବେଳେ ଜଣେ କର୍ମଚାରୀ ମାନସିକ ଅବସାଦରେ ପୀଡ଼ିତ ହୁଏ, ସେତେବେଳେ ତା'ର କାର୍ଯ୍ୟଦକ୍ଷତା କମିଯାଏ, ଯାହାର ସିଧାସଳଖ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିଥାଏ ।

ଏହି ସଙ୍କଟର ଆଉ ଏକ ଦୁଃଖଦ ଦିଗ ହେଉଛି ଏଥିରେ ଥିବା ଭୟଙ୍କର ଅସମାନତା । ଧନୀ ଏବଂ ଗରିବ ଦେଶମାନଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସେବାରେ ଆକାଶ ପାତାଳର ଫରକ ଦେଖିବାକୁ ମିଳେ । ଉଚ୍ଚ-ଆୟକାରୀ ଦେଶଗୁଡ଼ିକ ଯେଉଁଠି ନିଜ ନାଗରିକଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ବାର୍ଷିକ ମୁଣ୍ଡପିଛା ୬୫ ଡଲାର ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି, ସେଠାରେ ନିମ୍ନ-ଆୟକାରୀ ଦେଶଗୁଡ଼ିକରେ ଏହି ପରିମାଣ ମାତ୍ର ଚାରି ସେଣ୍ଟ ଅଟେ । ଏହି ତଥ୍ୟରୁ ସ୍ପଷ୍ଟ ଯେ, ଗରିବ ଦେଶର ନାଗରିକମାନଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟ ସେବା ଏକ ସ୍ୱପ୍ନ ସଦୃଶ । ବିଶ୍ୱ ସ୍ତରରେ ପ୍ରତି ଏକ ଲକ୍ଷ ଲୋକଙ୍କ ପାଇଁ ମାତ୍ର ୧୩ ଜଣ ମାନସିକ ସ୍ୱାସ୍ଥ୍ୟ କର୍ମୀ ଉପଲବ୍ଧ ଅଛନ୍ତି, ଯାହା ସମୁଦ୍ରକୁ ଶଙ୍ଖେ ପାଣି ଭଳି । ଏହି କାରଣରୁ ନିମ୍ନ-ଆୟକାରୀ ଦେଶମାନଙ୍କରେ ୧୦ ପ୍ରତିଶତରୁ କମ୍ ପ୍ରଭାବିତ ବ୍ୟକ୍ତି ଚିକିତ୍ସା ସେବା ପାଇପାରୁଥିବା ବେଳେ ଉଚ୍ଚ-ଆୟକାରୀ ଦେଶମାନଙ୍କରେ ଏହି ସଂଖ୍ୟା ୫୦ ପ୍ରତିଶତରୁ ଅଧିକ । ଏହି ଅସମାନତା କେବଳ ଅର୍ଥନୈତିକ ସ୍ତରରେ ନୁହେଁ, ବରଂ ଲିଙ୍ଗଗତ ସ୍ତରରେ ମଧ୍ୟ ଦେଖାଯାଏ । ମହିଳାମାନେ ପୁରୁଷଙ୍କ ତୁଳନାରେ ଦୁଇଗୁଣ ଅଧିକ ଅବସାଦର ଶିକାର ହେଉଥିବା ରିପୋର୍ଟରୁ ଜଣାପଡ଼ିଛି । ସେହିଭଳି ଯୁବପିଢ଼ି, ବିଶେଷକରି ୧୮ରୁ ୩୪ ବର୍ଷ ବୟସର ଯୁବକଯୁବତୀମାନେ, ଏହି ସଙ୍କଟ ଦ୍ୱାରା ସର୍ବାଧିକ ପ୍ରଭାବିତ ହେଉଛନ୍ତି । କୋଭିଡ-୧୯ ମହାମାରୀ ପରଠାରୁ ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟରେ ଯେଉଁ ନାଟକୀୟ ହ୍ରାସ ଦେଖାଦେଇଥିଲା, ସେଥିରୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁଧାର ଆସିପାରିନାହିଁ ।

ଆତ୍ମହତ୍ୟା ଏହି ମାନସିକ ସ୍ୱାସ୍ଥ୍ୟ ସଙ୍କଟର ସବୁଠାରୁ ଭୟଙ୍କର ପରିଣତି। ୨୦୨୧ ମସିହାରେ ପ୍ରାୟ ୭୨୭,୦୦୦ ଲୋକ ଆତ୍ମହତ୍ୟା କରି ପ୍ରାଣ ହରାଇଥିଲେ, ଏବଂ ଏହା ଯୁବକମାନଙ୍କ ମଧ୍ୟରେ ମୃତ୍ୟୁର ଏକ ପ୍ରମୁଖ କାରଣ ପାଲଟିଛି । ମିଳିତ ଜାତିସଂଘ ୨୦୩୦ ସୁଦ୍ଧା ଆତ୍ମହତ୍ୟା ମୃତ୍ୟୁହାରକୁ ଏକ ତୃତୀୟାଂଶ କମାଇବାକୁ ଲକ୍ଷ୍ୟ ରଖିଥିବା ବେଳେ, ବର୍ତ୍ତମାନର ଗତିରେ ଏହା କେବଳ ୧୨ ପ୍ରତିଶତ ହ୍ରାସ ପାଇବ ବୋଲି ଆକଳନ କରାଯାଉଛି । ଏହା ଦର୍ଶାଉଛି ଯେ ଆମର ପ୍ରୟାସ କେତେ ଅପର୍ଯ୍ୟାପ୍ତ । ସମାଜରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ରହିଥିବା ଲାଞ୍ଛନା (stigma) ଏବଂ ଭୁଲ ଧାରଣା ଏହି ସମସ୍ୟାକୁ ଆହୁରି ଜଟିଳ କରିଦେଉଛି । ଲୋକମାନେ ନିଜର ମାନସିକ ସମସ୍ୟା ବିଷୟରେ ଖୋଲାଖୋଲି ଭାବେ କହିବାକୁ କୁଣ୍ଠାବୋଧ କରନ୍ତି, କାରଣ ସେମାନଙ୍କୁ ପାଗଳ ବୋଲି କହିଦିଆଯିବାର ଭୟ ଥାଏ । ଏହି କାରଣରୁ ଅନେକ ଲୋକ ଠିକ୍ ସମୟରେ ସାହାଯ୍ୟ ନେଇପାରନ୍ତି ନାହିଁ ଏବଂ ସେମାନଙ୍କ ସମସ୍ୟା ଦିନକୁ ଦିନ ବଢ଼ିଚାଲେ ।

ତେବେ ଏହି ଅନ୍ଧକାର ମଧ୍ୟରେ କିଛି ଆଶାର କିରଣ ମଧ୍ୟ ଦେଖାଯାଉଛି। କିଛି ଦେଶ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ସାମିଲ କରିବା ଆରମ୍ଭ କରିଛନ୍ତି । ସ୍କୁଲ ଏବଂ ସାମୁଦାୟିକ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ବୃଦ୍ଧି ପାଉଛି। ଜରୁରୀକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ଏବଂ ମନସ୍ତାତ୍ତ୍ୱିକ ଓ ସାମାଜିକ ସହାୟତା ପ୍ରଦାନ କରୁଥିବା ଦେଶମାନଙ୍କ ସଂଖ୍ୟା ୨୦୨୦ରେ ୪୦ ପ୍ରତିଶତରୁ କମ୍ ଥିବାବେଳେ ଏବେ ତାହା ୮୦ ପ୍ରତିଶତରୁ ଅଧିକ ହୋଇଛି । ଟେଲି-ହେଲ୍ଥ ସେବାର ପ୍ରସାର ମଧ୍ୟ ଏକ ସକାରାତ୍ମକ ପଦକ୍ଷେପ, ଯଦିଓ ଏହାର ଉପଲବ୍ଧତା ସବୁଠାରେ ସମାନ ନୁହେଁ। କିନ୍ତୁ ଏହି ପଦକ୍ଷେପଗୁଡ଼ିକ ସମସ୍ୟାର ବିଶାଳତାକୁ ଦେଖିଲେ ଯଥେଷ୍ଟ ନୁହେଁ । ଏଥିପାଇଁ ଏକ ବ୍ୟବସ୍ଥାଗତ ପରିବର୍ତ୍ତନର ଆବଶ୍ୟକତା ରହିଛି ।

ସରକାରମାନଙ୍କୁ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିବେଶ ବୃଦ୍ଧି କରିବାକୁ ପଡ଼ିବ। ଏହାକୁ କେବଳ ଏକ ସ୍ୱାସ୍ଥ୍ୟ ସମସ୍ୟା ଭାବେ ନ ଦେଖି ଏକ ମାନବିକ ଅଧିକାର ଭାବରେ ଗ୍ରହଣ କରିବାକୁ ହେବ । ସ୍ୱାସ୍ଥ୍ୟ ବଜେଟରେ ଏହାର ଅଂଶ ବଢ଼ାଇବା ସହିତ ଏକ ସୁଦୃଢ଼ ଆଇନଗତ ସୁରକ୍ଷା ବ୍ୟବସ୍ଥା ପ୍ରଣୟନ କରିବା ଜରୁରୀ । ମାନସିକ ସ୍ୱାସ୍ଥ୍ୟ କର୍ମୀଙ୍କ ସଂଖ୍ୟା ବୃଦ୍ଧି କରିବା ଏବଂ ସେମାନଙ୍କୁ ଉପଯୁକ୍ତ ତାଲିମ ଦେବା ପାଇଁ ପଦକ୍ଷେପ ନେବାକୁ ପଡ଼ିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମାନସିକ ରୋଗୀଙ୍କୁ ପାଗଳଖାନାରେ ବନ୍ଦୀ କରି ରଖିବା ପରିବର୍ତ୍ତେ ସାମୁଦାୟିକ ସ୍ତରରେ, ବ୍ୟକ୍ତି-କୈନ୍ଦ୍ରିକ ଚିକିତ୍ସା ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେବାକୁ ହେବ । ଏଥିସହିତ ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରିବା ଅପରିହାର୍ଯ୍ୟ । ଲୋକଙ୍କୁ ବୁଝାଇବାକୁ ପଡ଼ିବ ଯେ ମନର ଅସୁସ୍ଥତା ମଧ୍ୟ ଶରୀରର ଅସୁସ୍ଥତା ଭଳି ଏକ ସାଧାରଣ କଥା ଏବଂ ଏହାର ଚିକିତ୍ସା ସମ୍ଭବ । ଯଦି ଆମେ ତୁରନ୍ତ ଏ ଦିଗରେ କାର୍ଯ୍ୟ ନ କରୁ, ତେବେ ଲକ୍ଷ ଲକ୍ଷ ଲୋକ ବିନା ସହାୟତାରେ କଷ୍ଟ ପାଉଥିବେ ଏବଂ ଆମ ସମାଜକୁ ଏହାର ଭାରୀ ସାମାଜିକ ଓ ଅର୍ଥନୈତିକ ମୂଲ୍ୟ ଦେବାକୁ ପଡ଼ିବ । ମାନସିକ ସ୍ୱାସ୍ଥ୍ୟରେ ନିବେଶ କରିବା କୌଣସି ବିକଳ୍ପ ନୁହେଁ, ବରଂ ଏହା ଲୋକ, ସମାଜ ଏବଂ ଅର୍ଥବ୍ୟବସ୍ଥାରେ କରାଯାଉଥିବା ଏକ ଜରୁରୀ ନିବେଶ, ଯାହାକୁ କୌଣସି ଦେଶ ଅବହେଳା କରିପାରିବ ନାହିଁ ।

# ଶ୍ରୀମନ୍ଦିରର ଭିତର ବେଢ଼ାର ଦର୍ଶନୀୟ ସ୍ଥାନ



## ଭୋଳାନାଥ ସାହୁ

ଶ୍ରୀଜଗନ୍ନାଥଙ୍କୁ ନେଇ ଶ୍ରୀମନ୍ଦିର ଚଳଚଂଚଳ । ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତି ପ୍ରତିଷ୍ଠାଲାଭ କରିବା ପରେ ପ୍ରଭୁ ଶ୍ରୀଜଗନ୍ନାଥ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ମନ୍ଦିର ପରିଚାଳନାର ସମସ୍ତ ନୀତିକାନ୍ତି ସମ୍ପର୍କରେ ସ୍ପଷ୍ଟ ଭାବରେ ଦର୍ଶାଇଥିଲେ । ଯେଉଁ ସମସ୍ତ ନୀତିକାନ୍ତି ଶ୍ରୀମନ୍ଦିର ସ୍ୱତ୍ୱଲିପି, ସ୍କନ୍ଧ ପୁରାଣ, ନୀଳାଦ୍ରିମହୋଦୟ, ବ୍ରହ୍ମପୁରାଣ ଓ ଅନ୍ୟାନ୍ୟ କେତେକ ପୁରାଣ ମାନଙ୍କରେ ବର୍ଣ୍ଣିତ । ଶ୍ରୀମନ୍ଦିରକୁ ସମୁଦ୍ରର ଘୋ ଘୋ ଶବ୍ଦରୁ ନିବୃତ ରଖିବା ପାଇଁ ମହାଲକ୍ଷ୍ମୀ ଚର୍ତୁପାର୍ଶ୍ୱରେ ସୁଉଚ୍ଚ ମେଘନାଦ ପ୍ରାଚୀର ନିର୍ମାଣ କରାଇଥିଲେ । ମନ୍ଦିର ପରିସର ଭିତର ବେଢ଼ା ଓ ବାହାର ବେଢ଼ା- ଏହିପରି ଦ୍ୱିବିଧା ବିଭକ୍ତ । ଶ୍ରୀମନ୍ଦିର ବେଢ଼ା ଭିତରେ ବିଭିନ୍ନ ରାଜାଙ୍କ ସମୟରେ ବହୁ ପାର୍ଶ୍ୱ ଦେବାଦେବୀ ପ୍ରତିଷ୍ଠିତ ହୋଇଛନ୍ତି । ଶ୍ରୀମନ୍ଦିରର ପ୍ରତିଟି ପ୍ରସ୍ତର କିମ୍ବା ମଣ୍ଡପ ପଶ୍ଚାତରେ ଗୋଟିଏ ଗୋଟିଏ କିମ୍ବଦନ୍ତୀ, ଲୋକକଥା ବା ଇତିହାସ ରହିଛି । ଶ୍ରୀମନ୍ଦିରର ଭିତର ବେଢ଼ାରେ ବହୁ କିମ୍ବଦନ୍ତୀ ଭିତିକ ଦର୍ଶନୀୟ ସ୍ଥାନମାନ ଗଢ଼ି ଉଠିଛି । ସେଥିରୁ କେତେକ ମୁଖ୍ୟ ଦର୍ଶନୀୟସ୍ଥାନ ସମ୍ପର୍କରେ ସଂକ୍ଷେପରେ ଆଲୋଚନାର ପରିସରକୁ ଆଣିବାକୁ ପ୍ରୟାସ କରାଯାଇଛି ।

ମହାଲକ୍ଷ୍ମୀ ମନ୍ଦିର:- ଶ୍ରୀମନ୍ଦିରର ଉତର ପଶ୍ଚିମ କୋଣରେ ମହାଲକ୍ଷ୍ମୀ ମନ୍ଦିର ଅବସ୍ଥିତ । ଏହା ଏକ ଶକ୍ତିପୀଠ । ପୁରାଣମତାନୁଯାୟୀ ଭଗବାନ ଲକ୍ଷ୍ମୀଛଡ଼ା ହୋଇ ନାନାସ୍ଥାନରେ ବୁଲିବା ପରେ ମା' ଲକ୍ଷ୍ମୀଙ୍କ କୃପାରୁ ଦିବ୍ୟଜ୍ୟୋତି ଫେରି ପାଇଥିଲେ । ମହାଲକ୍ଷ୍ମୀଙ୍କ ବିନା ମହାପ୍ରଭୁଙ୍କର ଅସ୍ତିତ୍ୱ ନାହିଁ କହିଲେ ଚଳେ । କଳାମୁଗୁନୀ ପଥରରେ ନିର୍ମିତ ମହାଲକ୍ଷ୍ମୀଙ୍କ ମୂର୍ତି ଏହି ମନ୍ଦିରର ରେଖଦେଉଳରେ ପ୍ରତିଷ୍ଠିତା । ମହାଲକ୍ଷ୍ମୀ ମନ୍ଦିର ପାଂଚ ଭାଗରେ ବିଭକ୍ତ । ଯଥା- ଅଚିନ୍ତା ମଣ୍ଡପ, ଜଗମୋହନ, ଭଦ୍ର, ମଝିଗମ୍ଭୀରା ଓ ଗର୍ଭଗୃହ । ମା' ଲକ୍ଷ୍ମୀଙ୍କ ନିକଟରେ ପ୍ରତିଦିନ ନିଃସଂକୁଡ଼ି ଭୋଗ ଲାଗି ହୁଏ । ମହାଲକ୍ଷ୍ମୀଙ୍କ ଏହି ଭୋଗ ପ୍ରସ୍ତୁତି ନିମନ୍ତେ ସ୍ୱତନ୍ତ୍ର ରୋଷଘରର ବ୍ୟବସ୍ଥା ରହିଛି । ମା'ଲକ୍ଷ୍ମୀଙ୍କୁ ଦର୍ଶନ କରିବା ପରେ ଅଚିନ୍ତା ମଣ୍ଡପରେ ଟିକିଏ ବସିପଡ଼ିଲେ ମଣିଷର ସକଳଚିନ୍ତା ଦୂର ହୁଏ ବୋଲି ବିଶ୍ୱାସ ଅଛି । ସାଗରକନ୍ୟା ମହାଲକ୍ଷ୍ମୀ ଏକାନ୍ତ ଭାବରେ କ୍ରୋଧୀ । ମାତ୍ର ପରିସ୍କାର ପରିଚ୍ଛନ୍ନତା ଓ ନୀତିକାନ୍ତି ପାଳନଦ୍ୱାରା ସେ ଭକ୍ତର ଆପଣାର ହୋଇଥାନ୍ତି ।

ବିମଳା ମନ୍ଦିର :- ଶ୍ରୀମନ୍ଦିରର ଦକ୍ଷିଣ ପଶ୍ଚିମ ଦିଗରେ ମା' ବିମଳା ମନ୍ଦିର ଅବସ୍ଥିତ । ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ମୁଗୁନୀ ପଥରର ଚତୁର୍ଭୁଜା ମା' ବିମଳା ରେଖଦେଉଳ ଭିତରେ ଶିବରୂପୀ ବଳଭଦ୍ରଙ୍କ ଶକ୍ତିରୂପେ ଅଧିଷ୍ଠିତା । ସ୍କନ୍ଧପୁରାଣ କହେ - 'ଭଗିନୀ ସ୍ୱୀ ପ୍ରବର୍ତିକା' । ସୁଭଦ୍ରାଙ୍କୁ ବଳଭଦ୍ରଙ୍କ ଶକ୍ତିରୂପେ କଳ୍ପନା କରାଯାଏ । ଆଶ୍ୱିନ ମାସରେ ଷୋଡ଼ଷ ଉପଚାରରେ ଷୋହଳ ଦିନ ଦୁର୍ଗା ଉତ୍ସବ ନୀତି ନିୟମରେ ପାଳନ କରାଯାଏ । ସପ୍ତମୀ, ଅଷ୍ଟମୀ ଓ ମହାନବମୀରେ ସଂଖୁଡ଼ିଭୋଗ ଲାଗିହୁଏ। ମହାଷ୍ଟମୀରେ ବଳୀ ଦିଆଯାଏ । ଦୁର୍ଗାଉତ୍ସବରେ ଦେବୀ ନଅପ୍ରକାରର ବେଶ ଧାରଣ କରନ୍ତି । ମନ୍ଦିର ତରଫରୁ ଦେବୀଙ୍କୁ ମହାପ୍ରସାଦ ସମର୍ପଣ କରାଯାଏ । ଶ୍ରୀଜଗନ୍ନାଥଙ୍କ ପ୍ରସାଦ ବିମଳାଙ୍କ ଠାରେ ଲାଗିହେବା ପରେ ଏହା 'ମହାପ୍ରସାଦ'ରେ ପରିଣତ ହୁଏ । ତନ୍ତ୍ର ଶାସ୍ତ୍ରରେ ବିମଳାଙ୍କୁ ଶ୍ରୀଜଗନ୍ନାଥଙ୍କ ଭୈରବୀ ରୂପେ କଳ୍ପନା କରାଯାଇଛି ।

କଳ୍ପବଟ :- ଶ୍ରୀମନ୍ଦିରର ମୁକ୍ତିମଣ୍ଡପର ପୂର୍ବ ଦିଗକୁ କଳ୍ପବଟ ଅବସ୍ଥିତ । ଏହିକଳ୍ପବଟକୁ ମର୍ତ୍ତ୍ୟର 'କଳ୍ପଦୃମ' କୁହାଯାଏ । ଏହି କଳ୍ପଦୃମ ସ୍ୱର୍ଗରେ ଥାଏ ଏବଂ ଆଶାୟୀଙ୍କ ମାନସିକତା ପୂରଣ କରେ । ଶ୍ରୀମନ୍ଦିରରେ ଅବସ୍ଥିତ ଏହି କଳ୍ପବଟ ନିକଟକୁ ଯାଇ ଭକ୍ତମାନେ ମାନସିକସୂତ୍ର ବାନ୍ଧିଥାନ୍ତି । ଇଚ୍ଛାପୂରଣ ହେବା ପରେ ମହାପ୍ରଭୁଙ୍କ ଠାରେ ଭୋଗ ଲଗାଇଥାନ୍ତି । ଓଡ଼ିଆ ଭାଗବତ ରଚୟିତା ଜଗନ୍ନାଥ ଦାସ ଏହିଠାରେ ବସି ଶ୍ରୀମଦ ଭାଗବତ ରଚନାକରି ମା'ଙ୍କ ଆବଶ୍ୟକତା ମେଂଟାଇଥିଲେ । ଏହିଠାରେ ଶ୍ରୀଚୈତନ୍ୟ ଜଗନ୍ନାଥଙ୍କ ଭକ୍ତି ଓ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ତାଙ୍କୁ "ଅତିବଡ଼ି ଜଗନ୍ନାଥ ଦାସ" ଉପାଧିରେ ଭୂଷିତ କରିଥିଲେ । ଏହା ଜଗନ୍ନାଥ ଭକ୍ତ ମାନଙ୍କର ଆଶା ଆକାଂକ୍ଷା ପୂରଣର କଳ୍ପବଟ ।

ସୂର୍ଯ୍ୟନାରାୟଣ ମନ୍ଦିର :- ସୂର୍ଯ୍ୟନାରାୟଣ ମୂର୍ତି କଳାମୁଗୁନୀ ପଥରରେ ନିର୍ମିତ ମଣିବିଗ୍ରହ । କୋଣାର୍କ ମନ୍ଦିରର ପତନ ପରେ ସେଠାରୁ ଏହିମୂର୍ତିକୁ ଆଣି ଏଠାରେ ଭିତର ବେଢ଼ାରେ ସ୍ଥାପନା କରି ପୂଜା ଆରାଧନା କରାଯାଇ ଆସୁଅଛି । ରେଖ ଦେଉଳରେ ସୂର୍ଯ୍ୟନାରାୟରଙ୍କୁ ପ୍ରତିଷ୍ଠା କରାଯାଇଛି । ଜଗମୋହନରେ ଥିବା ଦୁଇଟି ପ୍ରତୀମା ଧାତୁରେ ନିର୍ମିତ । ଚୈତ୍ର ଶୁକ୍ଳପକ୍ଷ ଶ୍ରୀଗୁଣ୍ଡିଚା ତିଥିରେ ଚଳନ୍ତି ପ୍ରତୀମାକୁ ଗୋଟିଏ ରଥରେ ବସାଇ ଦେଉଳ ଭିତର ବେଢ଼ା ଚାରିପାଖରେ ବୁଲାଇ ଆଣିଥାନ୍ତି । ଏହିଦିନରେ ତାଙ୍କ ପାଖରେ ନିଃସଂକୁଡ଼ିଭୋଗ ଲାଗିହୁଏ । ଏହି ବିଗ୍ରହ ରଜ-ତମ ଗୁଣର ପ୍ରତୀକ । ମଣିବିଗ୍ରହଟି ସତ୍ୱଗୁଣର ପ୍ରତୀକ ଅଟେ । ମାଘ ସପ୍ତମୀ ଓ ଚୈତ୍ର ଗୁଣ୍ଡିଚାଦିନ ଦୁଇଟି ଉତ୍ସବ ଏଠାରେ ପାଳନ କରାଯାଏ ।

ଜଗମୋହନ ମନ୍ଦିର :- ଏହି ମନ୍ଦିରରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଜେ ପ୍ରତୀମାମାନ ପୂଜା ପାଇଥାନ୍ତି । ସାଧାରଣତଃ ମନ୍ଦିର ବାହାରେ ଯେଉଁ ସମସ୍ତ ଉତ୍ସବ ପାଳନ କରାଯାଏ ସେଠାରେ ଏହି ପ୍ରତୀମାମାନ ଅଂଶଗ୍ରହଣ କରିଥାନ୍ତି ।

ନୀଳମାଧବ ମନ୍ଦିର :- କଂଟିଲୋର ନୀଳମାଧବ ମୂର୍ତି ମନ୍ଦିରସ୍ଥ ଭିତର ବେଢ଼ାରେ ଅବସ୍ଥିତ । ନୀଳମାଧବଙ୍କ ରୂପାନ୍ତରୀକରଣହିଁ ଶ୍ରୀଜଗନ୍ନାଥ । ଯେଉଁ ଶ୍ରୀଜଗନ୍ନାଥଙ୍କୁ ବିଶ୍ୱାବସୁ ପୂଜା କରୁଥିଲେ । ତାଙ୍କର ଦାୟାଦ ଦଇତାପତି ମାନେ ଶ୍ରୀମନ୍ଦିରର ଶ୍ରୀଜଗନ୍ନାଥଙ୍କର ମୁଖ୍ୟ ସେବକ । ସେମାନେ ଅଣସରଗୃହରେ ଶ୍ରୀଜୀଉ ପୀଡ଼ିତ ଅବସ୍ଥାରେ ସେବା କରିବା ସହିତ ନବକଳେବର ସମୟରେ ପୁରୁଣାମୂର୍ତିକୁ ପାତାଳି କରିବା ଓ ସୁଦ୍ଧିକ୍ରୀୟା କର୍ମମାନ ସଂପାଦନ କରିଥାନ୍ତି ।

କାଂଚିଗଣେଷ ମନ୍ଦିର :- ଏହିମନ୍ଦିର ଶ୍ରୀମନ୍ଦିରର ପଶ୍ଚାତରେ ଅବସ୍ଥିତ । ପୁରୀର ଗଜପତି ପୁରୁଷୋତମଦେବ କାଂଚି ରାଜାଙ୍କୁ ପରାସ୍ତ କରି ପଦ୍ମାବତୀଙ୍କ ସହିତ କାଂଚିଗଣେଷଙ୍କୁ ଆଣି ଶ୍ରୀମନ୍ଦିର ପରିସରରେ ପ୍ରତିଷ୍ଠା କରି ପୂଜାଆରାଧନା କରିଥିଲେ । ଯୁଦ୍ଧର ସର୍ତଥିଲା ଯଦି ପୁରୀର ଗଜପତିରାଜା ପରାଜୟ ବରଣ କରନ୍ତି ତେବେ କାଂଚିକୁ ଶ୍ରୀଜଗନ୍ନାଥ ସ୍ଥାନାନ୍ତରିତ ହେବେ । ମାତ୍ର ଶ୍ରୀଜଗନ୍ନାଥଙ୍କ ଅଲୌକିକ ମହିମା କାହାକୁ ବା ଅଜଣା ?

ସାକ୍ଷୀଗୋପୀନାଥ ମନ୍ଦିର :- ଶ୍ରୀଜଗନ୍ନାଥଙ୍କ ଆଲୌକିକ ଶକ୍ତି ସହାୟତାରେ ପୁରୁଷୋତମଦେବ କାଂଚି ରାଜାଙ୍କୁ ପରାସ୍ତ କରି ପ୍ରତ୍ୟାବର୍ତନ କରିବା ସୟରେ ସାକ୍ଷୀଗୋପୀନାଥଙ୍କୁ ଆଣି ଶ୍ରୀମନ୍ଦିର ଭିତର ବେଢ଼ାରେ ପ୍ରତିଷ୍ଠା କରିଥିଲେ । ପରେ ପୁରୀଠାରୁ ୨୦କିମି ଦୂର ସାକ୍ଷୀଗୋପାଳ ଠାରେ ପ୍ରତିଷ୍ଠା କରାଇଥିଲେ । ବର୍ତମାନ ଉଭୟସ୍ଥାନରେ ସାକ୍ଷୀଗୋପୀନାଥ ପୂଜା ପାଉଅଛନ୍ତି ।

ସୂର୍ଯ୍ୟମନ୍ତ୍ର ମନ୍ଦିର :- ଏହି ମନ୍ଦିରରେ ନବଉଦିତ ସୂର୍ଯ୍ୟଦେବଙ୍କୁ ପୂଜା କରାଯାଏ । ଏହି ମନ୍ଦିରରେ ସୂର୍ଯ୍ୟଯନ୍ତ୍ର ସ୍ଥାପିତ । ଆଦିବିଷ୍ଣୁ ପୁରାଣ ଅନୁଯାୟୀ ଉକ୍ତ ମନ୍ଦିର ସୂର୍ଯ୍ୟପୂଜା ନିମନ୍ତେ ପ୍ରତିଷ୍ଠିତ । ସୂର୍ଯ୍ରଙ୍କର ସକାଳର ଅରୁଣ କିରଣ ଏଠାରେ ନିପତିତହୋଇ ଜଗତର ମଙ୍ଗଳ ନିମନ୍ତେ ପ୍ରତିବିମ୍ବିତ ହୋଇଥାଏ ।

କ୍ଷେତ୍ରପାଳ ମନ୍ଦିର :- କ୍ଷେତ୍ରପାଳ ମନ୍ଦିରରେ ଶିବଲିଙ୍ଗ ସ୍ଥାପିତ । ଏହାଙ୍କର ଅନ୍ୟନାମ କ୍ଷେତ୍ରପାଳ ଭୈରବ । କ୍ଷେତ୍ରପାଳଙ୍କୁ ପୂଜାଆରାଧନା କରି ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଅନୁମତି ଲାଭ କରିଥାନ୍ତି ।

ପଂଚପାଣ୍ଡବ ମନ୍ଦିର :- ଏହା ଏକ ସ୍ମୃତି ମନ୍ଦିର । ପଂଚପାଣ୍ଡବ ବନବାସ ଦୁଃଖକୁ ଲାଘବ କରିବା ପାଇଁ ଏହିସ୍ଥାନରେ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ । ପଂଚଶିବଲିଙ୍ଗକୁ ନେଇ ଏହି ମନ୍ଦିର ସ୍ମୃତି ବହନ କରିଥାଏ ।

ସର୍ବମଙ୍ଗଳା ମନ୍ଦିର :- ଏହିମନ୍ଦିର ସର୍ବଶକ୍ତିର ପ୍ରତୀକ । ଶକ୍ତିବିନା ବସ୍ତୁସ୍ଥାଣୁ । ମା' ସର୍ବମଙ୍ଗଳା ଶକ୍ତିପ୍ରଦାନ କରି ଭକ୍ତମାନଙ୍କୁ ଦୃଢ କରିଥାନ୍ତି ।

କଳ୍ପଗଣେଶ ମନ୍ଦିର :- ଶ୍ରୀଗଣେଶ ସର୍ବଦେବାଦେବୀଙ୍କ ଅଗ୍ରପୂଜ୍ୟ । ତେଣୁ ତାଙ୍କୁ 'ଆଦିଦେବ' କୁହାଯାଏ । ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବା ପରେ ଶ୍ରୀଗଣେଶ ଏଠାରେ ପ୍ରଥମେ ପ୍ରତିଷ୍ଠାଲାଭ କରି ପୂଜା ପାଇ ଆସୁଛନ୍ତି ।

ଯୋଗେଶ୍ୱର ମନ୍ଦିର :- ଏହିମନ୍ଦିରରେ ଉଭୟ ଦେବଦେବ ମହାଦେବ ଏବଂ ଦ୍ୱାରକାଧିପତି ଶ୍ରୀକୃଷ୍ଣଙ୍କର ପରିବାର ବର୍ଗ ପୂଜାପାଇଥାନ୍ତି । ଏହି ମନ୍ଦିର ଶୈବ ଓ ବୈଷ୍ଣବ ସଂପ୍ରଦାୟର ମିଳନ ପୀଠ ।

ପାଦପଦ୍ମ ମନ୍ଦିର :- ଶ୍ରୀମନ୍ଦିରର ଗରୁଡ଼ସ୍ତମ୍ଭ ପଛପାଖରେ ପ୍ରସ୍ତର ଗାତ୍ରରେ ଅଙ୍କିତ ହୋଇଥିବା ଶ୍ରୀଚୈତନ୍ୟଙ୍କର ପାଦଚିହ୍ନ ସ୍ଥାନାନ୍ତର କରାଯାଇ ଏହି ମନ୍ଦିର ଭିତର ବେଢ଼ାରେ ସ୍ଥାପନ କରାଯାଇଅଛି । ବୈଷ୍ଣବ ମାନଙ୍କ ପାଇଁ ଏହି ମନ୍ଦିର ପବିତ୍ରତମ ଅଟେ ।

ମାଜଣା ମଣ୍ଡପ :- ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ ପ୍ରତିନିଧି ମଦନ ମୋହନ ପ୍ରତିଗୁରୁବାର ଏହି ମଣ୍ଡପରେ ହଳଦୀ ଲାଗିହୋଇଥାନ୍ତି । 'ମାଜଣା' ଶବ୍ଦର ଅର୍ଥ - ସ୍ନାନ, ଆଳତି ଓ ଭୋଗ । ଏହି ମଣ୍ଡପକୁ 'ରୁକ୍ମିଣି ପରିଣୟ' ମଣ୍ଡପ କୁହାଯାଏ ।

ଅନନ୍ତବାସୁଦେବ ମନ୍ଦିର :- ଏହିମନ୍ଦିରରେ ଆଦିଶେଷଙ୍କ ବିଗ୍ରହ ପୂଜାକରାଯାଏ । ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଦଶୀ ତିଥିରେ ଏଠାରେ ଅନନ୍ତବାସୁଦେବଙ୍କର ଉତ୍ସବ ପାଳିତ ହୁଏ ।

କୃତାମଚଣ୍ଡି ମନ୍ଦିର :- ଏହା ଏକ ତନ୍ତ୍ରସାଧନ ମନ୍ଦିର । ମା'ଚଣ୍ଡୀ ଏହି ମନ୍ଦିରରେ ପୂଜା ପାଆନ୍ତି । ଏଠାରେ କେବଳ ତାନ୍ତ୍ରୀକପୂଜା ଅନୁଷ୍ଠିତ ହୁଏ ।

ମହାବକ୍ରେଶ୍ୱରୀ ମନ୍ଦିର :- ଏଠାରେ ମହାବକ୍ରେଶ୍ୱରୀ ପୂଜା ପାଆନ୍ତି । ଏହାଙ୍କର ଅନ୍ୟନାମ 'ରୁଦ୍ରାଣୀଦେବୀ' । ଶିବଙ୍କ ଶକ୍ତି ଭାବରେ ଏହାଙ୍କୁ ଉପାସନା କରାଯାଏ ।

ସତ୍ୟନାରାୟଣ ମନ୍ଦିର :- ଆଧାତ୍ମିକ ସାଧନା ନିମନ୍ତେ ସତ୍ୟନାରାୟଣଙ୍କୁ ପୂଜା କରାଯାଏ । ଏହି ସତ୍ୟନାରାୟଣ 'ଶୁକ୍ଳଅୟରଧର ବିଷ୍ଣୁ' ଅଟନ୍ତି ।

ଅଗ୍ରେଶ୍ୱର ମନ୍ଦିର :- ଅଗ୍ରେଶ୍ୱର କୂର୍ମବେଢ଼ାର ରକ୍ଷକ । ଏହି ମନ୍ଦିର କୂର୍ମବେଢ଼ାର ବାମ ପାର୍ଶ୍ୱରେ ରହିଛି ।

ଯଜ୍ଞନୃସିଂହ ମନ୍ଦିର :- ଯଜ୍ଞନୃସିଂହ ଏହି ମନ୍ଦିରର ଅଧିଷ୍ଠାତା । ଚୋଡ଼ଗଙ୍ଗଦେବ ଶ୍ରୀମନ୍ଦିର ପ୍ରତିଷ୍ଠା ସମୟରେ ପ୍ରଥମେ ଏହି ମନ୍ଦିର ସ୍ଥାପନା କରିଥିଲେ ।

ନବଗ୍ରହ ମନ୍ଦିର :- ଏହି ମନ୍ଦିର ନବଗ୍ରହ ପୂଜା ନିମନ୍ତେ ଉଦ୍ଦିଷ୍ଟ । ସୂର୍ଯ୍ୟ ଏହାର ଆଧାର । ମାତ୍ର ବୈଶିଷ୍ଟ୍ୟ ହେଉଛି ଏଠାରେ ସୂର୍ଯ୍ୟଙ୍କୁ ଶେଷରେ ରଖାଯାଇଛି ।

ମୁକ୍ତିମଣ୍ଡପ :- ଶ୍ରୀମନ୍ଦିର ମଧ୍ୟରେ ମୁକ୍ତିମଣ୍ଡପ ଧାର୍ମିକ ଓ ସାମାଜିକ ସଚେତନତାର ବାର୍ତାବହନ କରେ । ଅପକର୍ମ ଓ ଏହାର ଫଳକୁ ନେଇ ଶାସ୍ତ୍ରଜ୍ଞ ପଣ୍ଡିତ ମାନେ ବିଚାର ବିମର୍ଶ କରି ଭକ୍ତମାନଙ୍କୁ ଉତମ ଦିଗଦର୍ଶନ ଦେଇଥାନ୍ତି ।

ଗାରଦ ମନ୍ଦିର :- ଏହା ଶ୍ରୀମନ୍ଦିରର କାର୍ଯ୍ୟାଳୟ । ଭିତର ବେଢ଼ା ସହିତ ବଡ଼ଦାଣ୍ଡରେ ମଧ୍ୟ ଗାରଦଗୃହ ରହିଛି । ଏହା ମନ୍ଦିର ମୁଖ୍ୟପରିଚାଳକଙ୍କ କାର୍ଯ୍ୟାଳୟ । ଏହି କାର୍ଯ୍ୟାଳୟ ତୀର୍ଥଯାତ୍ରୀ ଓ ସମସ୍ତଭକ୍ତଙ୍କ ସୁବିଧା ଅସୁବିଧା ବୁଝିଥାଏ । ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଦାନ ଓ ଚାନ୍ଦାର ସମସ୍ତ ରସିଦ ଏଠାରୁ ମିଳିଥାଏ ।

ହିନ୍ଦୁଧର୍ମରେ ତ୍ରେତିଶକୋଟି ଦେବାଦେବୀ ଉପାସନାର ବିଶ୍ୱାସ ରହିଛି । ସବୁ ନିରାଶା ଭିତରେ ଆଶା, ସବୁ ଅସମ୍ଭବ ଭିତରେ ସମ୍ଭାବନା, ସବୁ ଅପୂର୍ଣ୍ଣତା ଭିତରେ ପୂର୍ଣ୍ଣତା, ସବୁ ଦୁର୍ବଳତା ଭିତରେ ସବଳତା, ସବୁ ଅସଫଳତା ଭିତରେ ସଫଳତା, ସବୁ ଅଶାନ୍ତି ଭିତରେ ଶାନ୍ତି, ସବୁ ଅନୈକ୍ୟ ଭିତରେ ଐକ୍ୟ, ସବୁ ତିରସ୍କାର ଭିତରେ ପୁରସ୍କାର ଲାଭ କରି ଆଗକୁ ଆଗେଇବାର ଭରଷା ଭରିଦେଉଥିବା ଠାକୁର ହେଉଛନ୍ତି ଶ୍ରୀଜଗନ୍ନାଥ । 'ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର' - ତତ୍ୱକୁ ନେଇ ଏହା ପ୍ରତିଷ୍ଠିତ । ଯେଉଁ ମନ୍ଦିର ବେଢ଼ା ଭିତରେ ସର୍ବଶକ୍ତି ଲାଭର ଆଶାଅଛି, ସେଠାରେ ଜଗନ୍ନାଥଙ୍କ ଠାରେ ସମର୍ପିତ ହେବାର କାର୍ପଣ୍ୟତା ଭକ୍ତଙ୍କ ଠାରେ ରହିବ ବା କାହିଁକି ?

ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ
ଶିକ୍ଷାବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା,
ମୟୂରଭଞ୍ଜ
ଦୂରଭାଷ- ୯୯୩୭୧୫୧୩୧୦

# ମହାପ୍ରଭୁଙ୍କ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ

## କବୀର କୁମାର ଜେନା

ମହାପ୍ରଭୁଙ୍କ ଲୀଳା ଅତୀବ ବିଚିତ୍ର। ଷାଠିଏ ପଉଟି ଭୋଗ ଗ୍ରହଣ କରୁଥିବା ମହାପ୍ରଭୁଙ୍କ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ ମହାପ୍ରଭୁଙ୍କ ନୀତିକାନ୍ତି ବ୍ୟବସ୍ଥାରେ ଅତିବ ଗୁରୁତ୍ୱପୂର୍ଣ୍ଣ। ଅନେକ ହୁଏତ ଜାଣି ନଥାନ୍ତି ଏହି ବ୍ୟଞ୍ଜନ ଦ୍ୱାଦଶୀ ପରମ୍ପରା ମହାପ୍ରଭୁଙ୍କ ସତ୍ତ୍ୱଲିପି ଓ ମାଦଳା ପାଞ୍ଜିରେ ମଧ୍ୟ ଉଲ୍ଲେଖ ରହିଛି। କୃଷି ଓ କୃଷକର ରାଜ୍ୟ ଓଡ଼ିଶାର ଖାଦ୍ୟ ପରମ୍ପରା ଅଦ୍ୱିତୀୟ। ଖାଦ୍ୟ ପ୍ରସ୍ତୁତି ସହ ଖାଇବା ଓ ଖୁଆଇବାରେ ଓଡ଼ିଆଙ୍କର ବଡ଼ ଆଗ୍ରହ। ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମଧ୍ୟ ଷାଠିଏ ପଉଟିରୁ ସାମାନ୍ୟ ଊଣା ହୋଇପାରେନି। ମହାପ୍ରଭୁଙ୍କ ପ୍ରତି ମା'ଯଶୋଦାଙ୍କ ବାତ୍ସଲ୍ୟ ମମତାର ଅନନ୍ୟ ନିଦର୍ଶନ ଭାବେ ପାଳିତ ହୁଏ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ। ଯେଉଁଥିରେ ଶତାଧିକ ବ୍ୟଞ୍ଜନ ଲାଗି କରାଯାଏ।

ମଣିଷଜୀବନକୁ ଆନନ୍ଦମୟ ଏବଂ ଉତ୍ସବମୁଖର କରିବାରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟ ଉତ୍ପାଦିତ ହେଉଥିବାବେଳେ ସେ ସବୁ ଖାଦ୍ୟ ଶସ୍ୟର ଉତ୍ପାଦନ ସମୟକୁ ନେଇ ଓଡ଼ିଆ ଘରେ ମଧ୍ୟ ବାରମାସରେ ତେର ଯାତପରି ପାଳନ କରାଯାଏ ଅନେକ ପର୍ବପର୍ବାଣି। ସାରା ଭାରତ ବର୍ଷରେ ଖାଦ୍ୟ ଉପରେ ହୋଇଥିବା ଗବେଷଣାର ପ୍ରମୁଖ ଭାଗରେ ସାମିଲ ହୋଇଛି ଓଡ଼ିଶାର ଖାଦ୍ୟ। କାଞ୍ଜିଠାରୁ କ୍ଷୀର ସାଗର ଯାଏ, ମୋହନ ଭୋଗରୁ ମିଠା କାନିକା ପର୍ଯ୍ୟନ୍ତ ଖାଦ୍ୟ ସାମଗ୍ରୀକୁ ନେଇ ରନ୍ଧନଶାଳାରେ ବହୁ ପରୀକ୍ଷା ନିରୀକ୍ଷା କରିଛନ୍ତି କୁଶଳୀ ଓଡ଼ିଆଣୀ। ଓଡ଼ିଶା ସଂସ୍କୃତିର ମହାର୍ଘ ଅଙ୍ଗ ଜଗନ୍ନାଥ ମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମ ସହ ମଧ୍ୟ ଖାଦ୍ୟ ପରମ୍ପରା ଓତଃପ୍ରୋତଃ ଭାବେ ଜଡ଼ିତ। ଏହା ମଧ୍ୟରୁ ଅନ୍ୟତମ ବ୍ୟଞ୍ଜନ ଦ୍ୱାଦଶୀରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅର୍ପଣ ହୋଇଥାଏ ଶତାଧିକ ସୁସ୍ୱାଦୁ ବ୍ୟଞ୍ଜନ।

ଜଗନ୍ନାଥିଆର ଶ୍ରୀମହାପ୍ରସାଦ ପାଗଳ କଲାରେ ଭାଇ... / ସହିଲାନି ତର ହୋଇ ଆଗଭର ଶ୍ରୀକ୍ଷେତ୍ର ଆସିଲି ଧାଇଁ / ମତେ କାଳିଆ କଲାରେ ବାଇ....। ଭଜନ ସମ୍ରାଟ ଭିକାରୀ ବଳଙ୍କ କଣ୍ଠନିଃସୃତ ଏଇ କେଇ ପଦ ଭଜନ କୋଟି ଜନମାନସରେ ମହାପ୍ରସାଦ ପ୍ରତି ରହିଥିବା ଭକ୍ତିପୂର୍ଣ୍ଣ ଉତ୍କଣ୍ଠାକୁ ଯୁଗ ଯୁଗ ଧରି ବହୁ ଗୁଣିତ କରିଆସିଛି।

ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ନୀଳାଚଳ ହିଁ ପରଂବ୍ରହ୍ମ ପରମାତ୍ମାଙ୍କ ନିତ୍ୟ ନିବାସସ୍ଥଳୀ, ଯାହାଙ୍କୁ ସମର୍ପିତ ହେଉଥିବା ନୈବେଦ୍ୟ ସାଧାରଣ ନୁହେଁ, ସାକ୍ଷାତ ବ୍ରହ୍ମସ୍ୱରୂପ। ଏହାର କଣିକାଏ ପ୍ରାପ୍ତିରେ ଜୀବ ମୁକ୍ତି ଲାଭ କରିଥାଏ। ଭାରତ ବର୍ଷର ଅନ୍ୟତମ ବୃହତ ଭୋଜନାଳୟ ଶ୍ରୀମନ୍ଦିରର ଆନନ୍ଦ ବଜାର। ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଈପସିତ ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ପ୍ରାପ୍ତ କରିବା ବଡ଼ ସୌଭାଗ୍ୟର କଥା। ଏହି ମହାପ୍ରସାଦ ରନ୍ଧନ ପ୍ରକ୍ରିୟା କେବଳ ଭାରତ ନୁହେଁ ସମଗ୍ର ପୃଥିବୀରେ ଅଦ୍ୱିତୀୟ। ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ଷାଠିଏ ପଉଟିର ଛପନ ଭୋଗ ମଣୋହି କରିଥାନ୍ତି।

ଭାରତବର୍ଷରେ ରହିଥିବା ପ୍ରସିଦ୍ଧ ଚାରିଧାମ ମଧ୍ୟରେ ଏହି ପୁରୀ ଧାମ ହିଁ ଭୋଗ କ୍ଷେତ୍ର। ହିମାଦ୍ରିର ବଦ୍ରିଧାମ ତ୍ୟାଗକ୍ଷେତ୍ର, ରାମେଶ୍ୱର ବା ରାମନାଥ କର୍ମ କ୍ଷେତ୍ର ଓ ଦ୍ୱାରିକାଧାମ ହିଁ ଐଶ୍ୱର୍ଯ୍ୟର କ୍ଷେତ୍ର। ପରମପୁରୁଷ ପ୍ରଭୁ ପରମେଶ୍ୱର ରାମେଶ୍ୱରରେ ସ୍ନାନ କରିଥାନ୍ତି। ଦ୍ୱାରିକାରେ ଅଙ୍ଗ ବେଶ ହୋଇଥାନ୍ତି। ଶ୍ରୀକ୍ଷେତ୍ରରେ ଭୋଜନ କରିଥାନ୍ତି ଏବଂ ଦ୍ୱାରିକାରେ ଶୟନ କରିଥାନ୍ତି ବୋଲି ଶାସ୍ତ୍ରକାରମାନେ କହନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ପୁରୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ନିତ୍ୟ ନିବାସ କରନ୍ତି। ଏହି ଠାରେ ହିଁ ପ୍ରଭୁ ଭୋଜନ କରିଥାନ୍ତି। ସ୍ୱୟଂ ମହାଲକ୍ଷ୍ମୀ ଏହି ଅନ୍ନକୁ ରୋଷେଇ କରନ୍ତି। ତେଣୁ ମହାପ୍ରଭୁଙ୍କ ମହାପ୍ରସାଦ ପାଇବା ମଣିଷ ଜୀବନର ସବୁଠାରୁ ବଡ଼ ଆକାଂକ୍ଷା। ଭାରତର ଧର୍ମୀୟ ଇତିହାସରେ ଅନ୍ୟ କୌଣସି ଦେବାଦେବୀଙ୍କ ପ୍ରସାଦକୁ ମହାପ୍ରସାଦ ବୋଲି କୁହାଯାଇ ନାହିଁ। ଶ୍ରୀମନ୍ଦିରରେ ଶ୍ରୀମହାପ୍ରସାଦ କାଣିକାଏ ପାଇଲେ ମଣିଷ ଜୀବନ ଧନ୍ୟ ହୋଇଯାଏ। ବ୍ୟଞ୍ଜନ ଦ୍ୱାଦଶୀର ପ୍ରସାଦ କଣିକା ପାଇବା ପାଇଁ ଶ୍ରୀମନ୍ଦିରରେ ଅନେକ ଭକ୍ତଙ୍କ ସମାଗମ ହୋଇଥାଏ।

+ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ




## ବିଶ୍ୱ ଏଡ଼୍‌ସ ଦିବସ

### ପ୍ରଦୀପ୍ତ କୁମାର ଦାସ

ସବୁଠୁ ଭୀଷଣ ମାରାତ୍ମକ ବ୍ୟାଧି
ଭାବରେ ଏଡ଼୍‌ସ ଗଣା
ଯାହାର ପ୍ରଭାବେ ମାନବ ଜୀବନ
ହୋଇଯାଏ ବାଟବଣା,
ଏଯାଏଁ ତା ପାଇଁ ହୋଇ ପାରିନାହିଁ
ଚିକିତ୍ସାର ସୂତ୍ରପାତ
ସାରା ସଂସାରରେ ଆତଙ୍କ ଖେଳାଇ
ହୁଏ ସେତ ଆତଯାତ,
ଆକ୍ୱାର୍ଡ ଇମ୍ୟୁନ୍ ଡେଫିସିଏନ୍ସି ସିନ୍
ଡ୍ରୋମ୍ ତା ପୁରା ନାମ
ଭୂତାଣୁ ଜନିତ ଏହି ବ୍ୟାଧି ହେଲେ ଭାଗ୍ୟ
ହୋଇଯାଏ ବାମ,
ଆଫ୍ରିକାର କେରେ ବାନର ଶରୀରେ
ଏଚ୍.ଆଇ.ଭି. ଥିଲା
ଯୌନ ପିପାସୁ ଆଦିବାସୀ ଦେହେ
ଆସିକି ତା ପ୍ରବେଶିଲା,
ସେଇଠୁ ସମଗ୍ର ବିଶ୍ୱକୁ ବ୍ୟାପିଲା
ଏ ଏଡ଼୍‌ସ ମହାମାରୀ
ରୋଗ ପ୍ରତିରୋଧ ଶକତି ସକଳ
ଶରୀରରୁ ଦେଲା ସାରି,
ସମଲିଙ୍ଗି ଯୌନ ସଂସର୍ଗ କାରଣୁ
ଏ ରୋଗ ସହଜେ ବ୍ୟାପେ
ସଂକ୍ରମିଲା ପରେ ଅନେକ ମରନ୍ତି
ଦୁଷ୍ଚିନ୍ତା ଓ ଅନୁତାପେ,
ଇଞ୍ଜେକ୍ସନ୍‌ର ଅଶୋଧିତ ଛୁଞ୍ଚି
ଅବା ସିରିଞ୍ଜ୍‌ର ପାଇଁ
ଏଡ଼୍‌ସ ଭୂତାଣୁ ରୋଗୀର ଦେହରୁ
ସୁସ୍ଥ ଦେହେ ଆସେ ଧାଇଁ,
ରକ୍ତ ନେଲା ବେଳେ, ଦାଢ଼ି ଖେର
ବେଳେ ଏହା ବି ପ୍ରବେଶି ଥାଏ
ଚିତା କୁଟାଳିର ଅଶୋଧିତ ଛୁଞ୍ଚି
ଏଡ଼୍‌ସ କାରଣ ହୁଏ,
ଏଡ଼୍‌ସ ଆକ୍ରାନ୍ତ ଜନନୀ ଜଠରୁ
ଏଡ଼୍‌ସ ଯୁକ୍ତ ଶିଶୁ ଆସେ
ଜନମ ବେଳରୁ ଅଶୁଭର ରାହୁ
ଜୀବନକୁ ତାର ଗ୍ରାସେ,
ଯୌନ ଜୀବନରେ ରହିଲେ ସଂଯତ
ନହୋଇବ ଏଡ଼୍‌ସ ରୋଗ
ହୋଇ ଶ୍ରେଷ୍ଠ ଜୀବ କରି ଶ୍ରେଷ୍ଠ କର୍ମ
ଐଶ୍ୱର୍ଯ୍ୟ କରିବ ଭୋଗ,
ଏତିକି ବିନତି କରୁ ଅଛି ମୁହିଁ ବିଶ୍ୱ
ଏଡ଼୍‌ସ ଦିବସ ଦିନ
ମାନବିକତାର ଦିବ୍ୟ ପରଶରେ ଏଡ୍ସ
ହେଉ ଶକ୍ତି ହୀନ ।

+କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର,ଯାଜପୁର
ମୋ - ୮୫୯୪୮୮୫୮୯୮

## ଚାଷୀର ଦୁଃଖ

### ସରସ୍ୱତୀ ମେହେର

ଖରା, ବରଷା, ଶିତ
ଖଟି ଥାଏ ବିଲରେ
ଭୋକ ଶୋସକୁ ନ କରି ଖାତିର
ଆକାଶକୁ ଦେଖି କରେ ଆଶା
ହେବ ବୋଲି ବରଷାର ଧାର।

କେବେ ବର୍ଷା ଅନିୟମିତ
ଆକାଶ ହୁଏ ନିଷ୍ଠୁର ଭାବ
ଧାନ ଗଛ ପାଣି ନ ପାଇ
ନାଲି ହୋଇ ଦେଖାଦିଏ ସଙ୍କଟ।

କେବେ ପୁଣି ହୁଏ ବନ୍ୟା
ଫସଲ ଉଜାଡି ଦିଏ
ମାସ ମାସ କଷ୍ଟ ସହି ଥାଏ
ଚାଷୀ ର ମନ ଭାଙ୍ଗି ଯାଏ ।

କରଜ କରି କରଇ ଚାଷ
ଅମଳ ହେଲେ ଋଣ ଶୁଝିବ ବୋଲି
ଧନ ଦେଇ ଋଣ ସୁଝିଲେ ମଧ୍ୟ
ହାତରେ ରହେ ବାକିଆ ଟଙ୍କା ବଳି।

ପୁଅ,ଝିଅ ଙ୍କୁ ପଢ଼ାଇବା ପାଇଁ
ହାତ ରେ ନାହିଁ ପଇସା
କରମ ଆଦରି ଧରମକୁ ଚାହିଁ
ବସିଛି ବିଚରା ଚଷା ।

ସିନାପାଲି

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୦୨ ଡିସେମ୍ବର ୨୦୨୫, ମଙ୍ଗଳବାର

# କବିତାମାଳା

## ଈଶ୍ୱର ଏବେ ନୀରବ ମୁଦ୍ରାରେ
### ଅଧ୍ୟାପକ ଶ୍ରୀ ଶରତ କୁମାର ଦାସ



ଦେଖିଛ କି କିଏ କେବେ କୁହ
ଝରୁଥାଏ କେମିତି
ବୁନ୍ଦା ବୁନ୍ଦା ଲୁହ ଆଉ ଲହୁ
ଆଲୋକର ଶିରାପ୍ରଶିରାରୁ ?

ଦେଖିଛ କି କିଏ କେବେ କୁହ
ନକ୍ଷତ୍ରମାନଙ୍କ ରୋଶଣି ଭିତରେ
ରାତିର ଛାତିକୁ ଜଡ଼େଇ ଧରି
ଫୁଟୁଥାଏ କେମିତି ହସର କଢ଼ିଟିଏ
ଅନ୍ଧାରର କଅଁଳ ଓଠରେ ?

ଦେଖିଛ କି କିଏ କେବେ କୁହ
ସଂଜ ହେଲେ କେମିତି ଗୀତ ଗାଇଗାଇ
ଫେରୁଥାଏ ନାଉରିଆ ନାଆ ବାହି
ଶୁଖିଲା ମରୁର ବିସ୍ତୀର୍ଣ୍ଣ ବୁକୁରେ ?

ଏଠି ସବୁ ତ ଓଲଟପାଲଟ
କେତେବେଳେ ନିଆଁ ଗିଳେ ଧୂଆଁକୁ ତ
ଆଉ କେତେବେଳେ କଲବଲ ହେଉଥାଏ
ନିଆଁର ପିଣ୍ଡୁଳାଟିଏ
ଧୂଆଁର ମସ୍ତବଡ଼ ଆଁ'ର ଘେରରେ ।

କେତେବେଳେ ଦେହକୁ ବିଦୀର୍ଣ୍ଣ କରି
ଉଡ଼ିଯାଏ ପ୍ରାଣପକ୍ଷୀ ତ
ଆଉ କେତେବେଳେ ଥକିଯାଏ ସେ
ବାଟ ଖୋଜିଖୋଜି ଏକାଏକା
ଫେରିଆସେ ଘଟକୁ ପୁନଶ୍ଚ ।

ଚିହ୍ନିବା ସମ୍ଭବ ନୁହେଁ ଜମା
ରକ୍ତର ଗାର ଅବା ପାଦର ଅଳତା କିଏ;
କିଏ ଶବ ପୁଣି ଶିବ ଅବା କିଏ ।

କ୍ଷଣିକେ ଝରିଯାଏ ରକ୍ତର ଝରଣା
ଚକମକ ଦିନ ଆଲୁଅରେ
ଗୁଳିଗୋଳା ଓ ବୋମାର ବର୍ଷାରେ ।
କଟାମୁଣ୍ଡ, କଟାହାତ, କଟାଗୋଡ଼
ସାମିଲ୍ ହୋଇଯାଆନ୍ତି ଶୋଭାଯାତ୍ରାରେ
ଗାଆଁଦାଣ୍ଡ ଅବା ସହରର ଗହଳି ରାସ୍ତାରେ ।

ଜଳନ୍ତା ଅଙ୍ଗାରଖଣ୍ଡ ଭଳି ଜଳୁଥାଏ
ସ୍ୱପ୍ନ ସବୁ କାମନାର ଜଉଘରେ ।
ପାପ-ପଖଳା ହାତ ଦ୍ୱୟ ଲମ୍ବୁଥାଏ
ଅନ୍ତରରୁ ଅନ୍ତରୀକ୍ଷ ।

କେହି କିଛି ଶୁଣନ୍ତି ନି କେବେ
ମଣିଷର ଖୋଳପା ଭିତରେ ଶୁଭୁଥାଏ
କେମିତି ଗୋଟେ ମୁର୍ଦ୍ଦାରର ସୁଁ ସୁଁ କାନ୍ଦ
ପୋକଜୋକ, ଶାଗୁଣା, ବିଲୁଆଙ୍କ
ହୋହାଲ୍ଲା ଥଟ୍ଟାମଜାର ଆସର ତଳେ ।

ଖସିପଡ଼େ ମୋତିର ଟୁକୁରା
ଈଶ୍ୱରଙ୍କ ଚକାଚକା ନୀଳଆଖିର
ସୁବର୍ଣ୍ଣ ପରଦା ଡେଇଁ ମାଟିର ଛାତିକୁ ?

ବିଚରା ନାଚର ବି ସେ ତ !
ଅପଲକ ନୟନରେ
ଦୁଇହାତ ଟେକି ଚାହିଁଥାନ୍ତି ଶୂନ୍ୟକୁ
ନୀରବ ମୁଦ୍ରାରେ
ଆସ୍ଥାହୀନ ତାଙ୍କ ଆସ୍ଥାନ ଉପରେ ।

♥ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ,ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଦଶଟି ଏକପଦୀ
### ଡ.ଭରତ ଚନ୍ଦ୍ର ଦାଶ



॥ ଏକ ॥
ଅନନ୍ୟ ତୁମର ଦୃଷ୍ଟି ଗୋ ରୂପସୀ
ଅଧରରେ ଝରେ ମହୁ
ନୟନର ଭାଷା ପଢିଲି ଯେବେ ଗୋ
ବସନ୍ତେ କୋକିଳ କୁହୁ ।
॥ ଦୁଇ ॥
ଦେହ ମନ ପ୍ରାଣ ପ୍ରୀତିର ନିର୍ବାଣ
ଅରପି ଥିଲ ତ ତୁମେ
ହୃଦ ଉପବନେ ପ୍ରଣୟୀ ଭ୍ରମର
ଭ୍ରମୁଛି ଅମିୟ ଭ୍ରମେ ।
॥ ତିନି ॥
ଆଖିରେ ତୁମର ଅସୁମାରି ସ୍ୱପ୍ନ
ଅଧରେ ମଧୁର ଝର
ରୂପସୀ ଗୋ ତୁମ ଚାହାଣିରେ ହୃଦେ
ମରମେ ପ୍ରୀତିର ଧାର ।
॥ ଚାରି ॥
ଗୋରା ଦେହ ସହ ରକ୍ତିମ ରଙ୍ଗର
ସମ୍ବଲପୁର'ର ବାସ
ଚଷମା ତଳର ଦୁଇ ଆଖି ତୁମ
ରଚେ ମିଳନର ରାସ ।
॥ ପାଞ୍ଚ ॥
ଚଷମା ତଳର ଦୁଇ ଆଖି ତୁମ
ଭବିଷ୍ୟ ସପନ ଦେଖେ
ଉଚ୍ଚ ଅଭିଳାଷ ନବ ସମ୍ଭାବନା
ହୃଦୟେ ଅଭିପ୍ସା ରଖେ ।
॥ ଛଅ ॥
ମୁଁ ଦେଖୁଛି ତୁମ ଶ୍ରୀତନୁର ଶୋଭା
ପଢେ ଅଧରର ଭାଷା
ନିରବତା କହେ ଦୁଇ ନୟନର
ସ୍ନିଗଧ ମଧୁର ଆଶା ।
॥ ସାତ ॥
ପ୍ରେମର ପଥରେ ଆମେ ଦୁଇ ଜଣ
ପଥିକ ମିଳନ ଆଶେ
ଦେହ ମନ ପ୍ରାଣ ଅରପିଛୁ ଦୁହେଁ
ସ୍ନିଗଧ ପ୍ରଣୟ ରସେ ।
॥ ଆଠ ॥
ଏ ଜନମେ ସଖି ମିଳନ ନ ହେଲେ
ପର ଜନମକୁ ଆଶା
ମୋ ପ୍ରେମର ତୁମେ ଅନଙ୍ଗ ଅନଳ
ଜ୍ୱଳନେ ଦୁର୍ବାର ନିଶା ।
॥ ନଅ ॥
ମୁଁ ଜଳୁଛି ସଖି ପ୍ରଣୟ ଯୂଇରେ
ହୃଦୟେ ପ୍ରୀତିର ନିଆଁ
ପ୍ରୀତି ସରସୀରେ ଅବଗାହନର
କୁହୁଳେ ଅନଙ୍ଗ ଧୂଆଁ।
॥ ଦଶ ॥
ପ୍ରଣୟୀ କି କେବେ ସହିପାରେ ସଖୀ
ଅତନୁ କୁସୁମ ବାଣ
ସିଂହ ହୋଇଥିଲେ ଶ୍ୱାନ ସମ ଲଭେ
ଭାଙ୍ଗେ ତା' ପୁରୁଷପଣ ।

♥ପ୍ରାକ୍ତନ ସଦସ୍ୟ
ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର -୭୫୬ ୧୨୬
ମୋ: ୮୯୮୪୪୩୯୧୬୬

## ଶୀତରାତି
### ସୁଜିତ କୁମାର ମିଶ୍ର



ପାହାନ୍ତି ସକାଳ ଗୀତ ବୋଲୁଥିବା ତୁମେ ଭୁଆସୁଣୀ ପ୍ରେମ,
ତୁମ ଛୁଆଁରେ ସେ ଅତନ୍ଦ୍ରପ୍ରହରୀ ସଂସାର ତୋଳିବା ନାମ ।
ନିଧିବୁଡ଼ା ହାଡ ରକତ ମାଂସରେ ତୁମେ ଠିକଣାର ନଈ,
ବୟସକୁ ସିଏ ପରାଜିତ କରି ତୁମ ସହ ଯାଏ ବହି ।

ଚଉରା ମୂଳର ଝୋଟିଚିତା ତୁମ ଗୁଣୁଗୁଣୁ ଛନ୍ଦ ଗୀତି,
ଉଷୁମ ହାତର ତାରକସୀ ତୁମେ ଉଲ୍ଲସିତ ଉଭାଭକ୍ତି ।
ଗାଆଁ ପୋଖରୀର ତୁମେ ସ୍ନିଗ୍ଧ ସ୍ନାନ ଘନଘନ ଜଳକ୍ରୀଡା,
ନିଦାରୁଣ ତୁମ ଅନ୍ତର ଲହରୀ ନାହିଁ ନାହିଁ ଲମ୍ବା ପୀଡା।

ଦରଦୀ ଭାବର ଭାଇଚାରା ତୁମେ ଦିବାନିଶି ପାର୍ବଣର,
ତୋଳୁଥାଅ ସ୍ୱପ୍ନ ଜହ୍ନରାତି ତୁମେ ତମସାରେ ନିରନ୍ତର।

ତୁମେ ପ୍ରଣୟର ବିଧୁରା ନାୟିକା ଛାତିର ତୋରଣ ତଳେ,
ମିଠାଗୀତ ତୁମ ମନ ରାଇଜରେ ମନ୍ଦିରର ଦୀପ ଜାଳେ।

ଶ୍ରଦ୍ଧା ଗଜଲର ଶୀତରାତି ତୁମେ ସହଜେ କି ଛାଡି ଯାଅ,
ଲଳିତ ସ୍ୱରର ଲଘୁଗୀତ ତୁମ ଅଭୁଲା ପ୍ରୀତିର ସୁଅ ।

♥ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ହେ ବିଧାତା କୁହ
### ରତ୍ନକାନ୍ତି ମିଶ୍ର



ସଜାଇବି ବୋଲି ସୌଭାଗ୍ୟ ସାଜକୁ ଅସଜଡା ରହିଗଲା
ପୂର୍ଣ୍ଣମୀ ରାତିର ଆକାଶକୁ କିଏ ବାଦଲରେ ଘୋଡାଇଲା
ଚାହିଁଥିଲି ଆଖି ମିଟି ମିଟି କରି ନଦିଶିଲା ତାରା ଫୁଲ
ବୁଝି ପାରିଲିନି ପ୍ରାରବଧ ଅଥବା କୃତକର୍ମର ଏ ଫଳ ॥

କେତେ ଯେ ସପନ ରଚିଥିଲା ମନ ପାରିଲାନି ତାକୁ ଛୁଇଁ
ଇଛା ସବୁ ଏବେ ଲୁହ ହୋଇ ବହେ ଆଖିର ବନ୍ଧନୀ ଡେଇଁ,
ହୋଇଛି ପ୍ରତୀତ ଆଙ୍କିଥିବା ଛବି ତୁଚ୍ଛା ଏକ ମରୀଚିକା
ବୃଥା ସେଇ ଆଶା ବୃଥା ଅଭିଳାଷା ବୁଦ୍ ବୁଦ୍ ପରି ଏକା ॥

ସୁଖର ସଂସାର ହେଲା ଛାରଖାର ମଳିନ ଜୀବନ ରଙ୍ଗ
ଧଇର୍ଯ୍ୟର ଡଙ୍ଗା ବୁଡି ବୁଡି ଯାଏ ଧରିପାରେ ନାହିଁ ମଙ୍ଗ,
ଅଦିନିଆ ମେଘ ପ୍ରଳୟ ରଚିଲା ଭାଗ୍ୟ ମୋ ହୋଇଲା ବାମ
ହାତେ ଗଢିଥିବା ନୀଡ଼ ମୋ ଭାଙ୍ଗିଲା ବୃଥା ମୋର ପରିଶ୍ରମ ॥

କପଟର ଚୋରାବାଲି ପରେ ମୁଁ ଯେ ପାଦ ଦୁଇ ଦେଲି ଥାପି
ହେ ବିଧାତା କୁହ ଏମିତି କିପାଇଁ ଲେଖିଛ ମୋ ଭାଗ୍ୟ ଲିପି ॥

♥ଆଳି, କେନ୍ଦ୍ରାପଡା



## ପ୍ରୀତି ପ୍ରଣୟର ରାସ
### ପ୍ରଶାନ୍ତ କୁମାର ଦାଶ

କଥାରେ କଥାରେ ରଖିଚ ତମେତ
ପ୍ରୀତିପୂର୍ଣ୍ଣ ଅନୁରାଗ
ସପନର ଢେଉ ହେଇ ରାତିଦିନ
ପ୍ରୀତି ମହୁ ମତେ ମାଗ ॥

ରାତିର ବିଜନ ବେଳାରେ ବସି ମୁଁ
ଭାବୁଥାଏ ତମକଥା
ନୀଳ ସାଗରର ଲୁହ ଢେଉ ହେଇ
ମରମକୁ ଦିଏ ବ୍ୟଥା ॥

ଶ୍ରାବଣୀର ଗପ ଶୁଣି ଆସିଯାଏ
ଆଖି ଦୁଇଟିକୁ ନିଦ
ତମ ଚାହାଣୀର ଚାରୁ ଚିତ୍ରପଟ
ମତେ ଦିଏ ଖାଲି ଖେଦ॥

ବାଟ ଚାଲିବାତ ଆମେ ସାଥୀ ହେଇ
ଦେଇଥିଲ ଦିନେ କଥା
ଭୁଲିଗଲ ଦେଇ ପ୍ରଣୟର ତୃଷ୍ଣା
ଘୂରିଯାଏ ଆଜି ମଥା ॥

ମନଆକାଶର ଜହ୍ନ ହେଇ ତମେ
ତାରାମେଳେ ଗଲ ଫୁଟି
ହସି ହସି ମୁଁଯେ ଜୀବନର ପଥେ
ଯିବିତ ଦୂରକୁ ଛୁଟି ॥

କଥାରେ କଥାରେ ରହିଗଲା ସବୁ
ପ୍ରୀତି ପ୍ରଣୟର ରାସ
ମଉଳିଲା ସଜ ଗୋଲାପ ସଜନୀ
ମରିନାହିଁ ତାର ବାସ ॥

♥କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## ପ୍ରଜାପତି: ଉଡିଗଲା ପରେ
### ସ୍ୱାବିତ କୁମାର ପାତ୍ର



ସରଳତା ଠିକ୍ ଯେ ,
ଏତେ ଆତ୍ମୀୟତା କଣ ପାଇଁ ?
ମନ ଖୋଲି ଗପିଯିବାର ଅଭିପ୍ରାୟ ?
ସାନ୍ତ୍ୱନା ଦରକାର ?
ମୁଣ୍ଡରେ କେହି ଆଉଁସି ଦେବେ ?
ଏକ୍ଲାପଣକୁ ସାଉଁଟି ନେବେ ?
ଏଯାବତ୍ ଭ୍ରମିତ କି ?

ତଳି ତଳାନ୍ତ କରି ଛାଡ଼ି ଦେବେ ।

ପ୍ରତାରଣାର ପରିସୀମା ମାପିବାକୁ
ମନସ୍ଥ ଯଦିଓ କରିଛ !
ଘରେ ଘରେ ପହଞ୍ଚ ।

ଘନିଷ୍ଠତା ଅପହଞ୍ଚ ଇଲାକାରେ
ଜୁଡୁବୁଡୁ କୋଉଠି ଏକ
ଘଞ୍ଚ ଅରଣ୍ୟ ମଧ୍ୟରେ ।

ବ୍ୟସ୍ତବହୁଳ ବ୍ୟକ୍ତିବିଶେଷ
ଏବେ ଭାଗବଣ୍ଟାରେ ମସଗୁଲ୍
ହିସାବ-ନିକାଶ କଲେ ଜଣାପଡ଼ିବ
କେତେ ଡେସିମିଲି କମ୍
ସେମାନେ କ'ଣ ଦେବେ ଗୁରୁ ଜ୍ଞାନ !

♥ ମେରଘରା, କଳାହାଣ୍ଡି
ମୋ- ୮୪୫୬୮୦୩୫୯୦

## ଅଚିହ୍ନା ପକ୍ଷୀ
### ଶୁଭସ୍ମିତା ତ୍ରିପାଠୀ



ମୁଁ ସେଇ ଅଚିହ୍ନା ଧୂସର ପକ୍ଷୀକୁ କହେ
ଆଙ୍କନା ସୂର୍ଯ୍ୟ, ଭେଦ କରନା ବାଦଲ
କି ଯାଅନା ପରଦେଶ

ସେ ସବୁଥର ହାଲ୍କା ନୀଳରଙ୍ଗର
ଡିସେମ୍ବର ଫୁଲରୁ ଗୋଛେ ଆଣିଦେଇ
ହସିକହେ
'ମୋର ଛାତ ନାହିଁ,
ସାରା ଆକାଶ ମୋର ଘର... !'

ମୁଁ ତାକୁ ମନାକରେ ସବୁଥର
ଆଉ କାହାଲାଗି ଗାଅନା ଗୀତ,
ଡାକନା ବର୍ଷା, ଗୁନ୍ଥନା ଫୁଲ,
କି ବସା ଭିତରେ ବିଛାଅନା
କଅଁଳ ସବୁଜ ଦୁବ,
ଖୋଜନା ଆଉ କାହାର ପାଉଁଜିରୁ
ଖସି ପଡିଥିବା ଝୁମକା

ବର୍ଷା ଆସିଲେ ଆଉ କାହାକୁ ଦେଖାଅନା
ଓଦା ହେଉଥିବା ଜହ୍ନ, ଲାଜ କରୁଥିବା କଇଁ,
ଗୋଟାଅନା ଆଉ କାହାଲାଗି
ଶୁଖିଲା ମାଟିର ବାସ୍ନା,
କି ଡେଣା ତଳରେ ଆଉଁସି ଦିଅନା
ଆଉ କାହାର ଶୀତରେ ବତୁରା ସଞ୍ଜ,
ଗାଅନା ଆଉ କାହା ଗୀତ ଖାତାର ଗୀତ

ସେ ହସିଦେଇ କହେ,
'ଯାଯାବରର ମୋହ ନାହିଁ, ମାୟା ନାହିଁ
ମୁଁ ବୁଝେନା ମିଛମିଛ ଥକିଯିବା
କି ମୋ ପତ୍ରର କାନଭାସରେ ଆଙ୍କେନା
ଏମିତି ସ୍ୱପ୍ନ ରଙ୍ଗର ଛନ୍ଦିହେବା
ଆବେଗ ଯାକ !'

♥ବ୍ରହ୍ମପୁର, ଗଞ୍ଜାମ
ମୋ: ୮୪୮୦୮୬୭୧୯୦

## ଶୀତ ଆଗମନେ
### ମନୋଜ କୁମାର ମେହେର



ଶୀତ ଆଗମନେ.....
ହିମାଦ୍ରିର ହିମଗହ୍ୱରରୁ
ବହି ଆସେ ହିମ ପବନ,
ଥୀରି ଥିରି ଶୀତରେ
କମ୍ପି ଯାଏ ସମଗ୍ର ତନୁ ମନ ।

ଶୀତ ଆଗମନେ.....
ସକାଳରୁ ଝରିପଡ଼େ
ପତ୍ର ଡ଼ାଳରେ କାକରର ମୋତି,
ସୂର୍ଯ୍ୟଙ୍କ କଅଁଳ କିରଣରେ
ଚମକୁଥାଏ ଜ୍ୟୋତି ।

ଶୀତ ଆଗମନେ.....
ମାଟିର ସନ୍ତାନ,
ହଳଦୀ ଗୁରୁଗୁରୁ ସୁନା କ୍ଷେତରେ,
ବର୍ଷ ଯାକର ଅର୍ଜିତ
ସୁନାର ଫସଲ ଅମଳ କରେ ।

ଶୀତ ଆଗମନେ....
ପ୍ରଜାପତି ଉଡ଼ିବୁଲେ
ଅତି ଆନନ୍ଦ ଉଲ୍ଲାସରେ,
ବୁଲୁ ଥାଏ ଏଣେତେଣେ
ରଙ୍ଗ ବେରଙ୍ଗର ଫୁଲ ଉପରେ ।

ଶୀତ ଆଗମନେ....
ସୋରିଷ କ୍ଷେତରେ
ସୁନେଲି ଫୁଲର ଦୃଶ୍ୟ
ଆନମନା କରେ ହୃଦୟକୁ
ଶାନ୍ତି ଦିଏ ନେତ୍ରକୁ ।

ଶୀତ ଆଗମନେ......
ନିଶା କାଳେ, ଶୁଣାଯାଏ
ଦୂରରୁ ଝିଙ୍କାରିର ଝିଙ୍କାର,
ସୃଷ୍ଟିକରେ ସଙ୍ଗୀତର ମୂର୍ଚ୍ଛନା,
ମଧୁମୟ ପରିବେଶ, ଲାଗେ ସୁନ୍ଦର ।

♥ବାଣ୍ଡିବସୁଲ, ଜୁନାଗଡ଼
କଳାହାଣ୍ଡି
ମୋ-୯୩୩୭୭୯୩୧୫୭

## ବାପା
### ପବିତ୍ର ବେହେରା



ବାପା
ଶ୍ରୀମନ୍ଦିରର ପତିତପାବନ ବାନା ଠାରୁ
ଉର୍ଦ୍ଧ୍ୱରେ ଥିବା ଏକ ଶକ୍ତ ବ୍ରହ୍ମାସ୍ତ୍ର ଅଟନ୍ତି।

ବାପା
ଶ୍ରୀମନ୍ଦିରର ବାଇଶି ପାହାଚ ପରି
ଯାହାର ଛାତି ଶକ୍ତ ଅଟେ ପୁଣି
ସେ କଠିନତାରେ ଏତେ ପରିମାଣର
ଭଲପାଇବା ଓ ଆଶୀର୍ବାଦ ରହିଥାଏ
ନିଜ ଶିଶୁ ପ୍ରତି ତାହା ଅକଳ୍ପନୀୟ ।

ହଁ ମୋର ମନେ ଅଛି
ମୁଁ ଛୋଟ ସମୟରେ ଥରେ ବାପାଙ୍କ ସହିତ
ପୁରୀ ଯାଇଥାଏ, ଆଉ ସେ ଜଗାଙ୍କୁ
ଦେଖାଇବା ପାଇଁ ତାଙ୍କ ନିଜ କାନ୍ଧରେ
ବସାଇ ଦେଇଥିଲେ।
ଆଜି ମୁଁ ଅନୁଭବ କରିପାରୁଛି
ଜୀବନ୍ତ ଠାକୁରଙ୍କ କାନ୍ଧରେ ମୁଁ ବସିଥିଲି।
ସେହି ସମୟ ରେ ମନରେ ପ୍ରଶ୍ନ ଆସୁଥାଏ
ବାପାଙ୍କ ଉଚ୍ଚତା କଣ
ଶ୍ରୀମନ୍ଦିରର ଉଚ୍ଚତା ଠାରୁ ଅଧିକ
ତାହା ନହେଲେ ବାପା ତାଙ୍କ କାନ୍ଧରେ ସମ୍ପୂର୍ଣ୍ଣ
ଶ୍ରୀମନ୍ଦିର ଦେଖାଇ ପାରିଛନ୍ତି।

ବାପା
ସେ ପୁରୀର ଅଶାନ୍ତ ସମୁଦ୍ର ପରି
ମୋ ଉପରେ ଅଶାନ୍ତ ହୁଅନ୍ତି ସତ
କିନ୍ତୁ ବାପାଙ୍କ ହୃଦୟରେ
ମୋ ପ୍ରତି ଶ୍ରୀମନ୍ଦିରର ଭୂଗୃହରେ ଥିବା
ଶୀତଳତା ଠାରୁ ଅଧିକ ଭଲ ପାଇବା
ଲୁଚି ରହିଥାଏ।

♥ବାହାଲପୁର, ଗଞ୍ଜାମ
ମୋ: ୭୭୮୮୮୮୬୬୦୨

## ଅଭିଶପ୍ତ
### ଶରତ ଚନ୍ଦ୍ର ଜାଲି



ଦାଗ ଲାଗିଗଲେ ଜୀବନ କାନ୍ଥରେ
ଲିଭେନା କଦାପି କେବେ
କଳଙ୍କିତ ହୋଇ ଛଳନା ରଙ୍ଗରେ
ବଞ୍ଚିବାକୁ ହୁଏ ଭବେ ।
ଆନ୍ଦୋଳିତ ହୁଏ ଆପାଦ ମସ୍ତକ
ଅବୁଝା ସାଜଇ ମନ
ବିବର୍ଣ୍ଣ ଦିଶଇ ସ୍ୱର୍ଗ ଶୋଭାଶିରୀ
ଫିକାଫିକା ଲାଗେ ଜହ୍ନ ।
ଆପଣାର ଲହୁ ଲୁହ ହୋଇ ବହେ
କୋହର ବାଲୁକା ଶେଯେ
ତମସା ପଥରେ ତମାମ ଜୀବନ
ଅନୁତାପ କରି ହେଜେ ।
ବିଶ୍ୱାସ ତୁଟଇ ଶୂନ୍ୟ ମୁଲକରେ
ସ୍ମୃତି ଭିଡି ଯାଏ ହଜି
ମରଣ ଦୁଆରେ ମନ୍ଦିର ତୋଳଇ
ଅତୀତର ସ୍ମୃତି ଖୋଜି ।
ଘନ ଅନ୍ଧକାରେ ସମୟ ଚାଲଇ
ଶୁଭେ ତା ପାହୁଣ୍ଡ ଶବ୍ଦ
ଚଉଦିଗ ଲାଗେ ନୀରବ, ନିର୍ଜନ
ନିସ୍ପନ୍ଦ ହୃଦୟ ସ୍ତବ୍ଧ ।
ଆଶା, ଆଶ୍ୱାସନା ଭୂଲୁଣ୍ଠିତ ସତେ
ଝାଉଁଳେ ସତେଜ ଦେହ
ମାୟା ମରୀଚିକା ଛାୟା ଛାଡେନାହିଁ
ଅଭିଶପ୍ତ ସୁଖ, ସ୍ନେହ ।

♥ ଶିକ୍ଷକ
ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ,
କୋଦଳା, ଗଞ୍ଜାମ
ମୋ-୮୨୪୯୫୩୪୨୭୪

# ସେଲ ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଇଡି (ୱର୍କ୍ସ) ଉତ୍କର୍ଷତା ପୁରସ୍କାର ପ୍ରତିଯୋଗିତାର ଶୁଭାରମ୍ଭ




ରାଉରକେଲା,୦୧/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ନଭେମ୍ବର ୨୮ ତାରିଖ ଦିନ ଇଡି (କାର ?ୟ) ଦକ୍ଷତା ପୁରସ୍କାର ପାଇଁ ଦକ୍ଷତା ପରୀକ୍ଷା ଆରମ୍ଭ ହୋଇଥିଲା। ଏହି ପ୍ରତିଯୋଗୀତା କୁ ମେନଟ୍ନେନେସ୍ ବିଭାଗ ର ସି ଜି ଏମ ଶ୍ରୀ ଏସ୍ ଏସ୍ ରାୟ ଚୌଧୁରୀ, ଏଚଆର – ଏଲ ଏଣ୍ଡ ଡି ବିଭାଗ ର ସିଜିଏମ ଶ୍ରୀ ପି କେ ସାହୁ, ଏବଂ ମେକାନିକାଲ ବିଭାଗ ର ସିଜିଏମ ଶ୍ରୀ ଡି କେ ପାଲୋଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହାର ଉଦଘାଟନୀ କାର୍ଯ୍ୟକ୍ରମରେ କାରଖାନାର ବହୁ ବରିଷ୍ଠ ଅଧିକାରୀ, ବୈଷୟିକ କମିଟି ସଦସ୍ୟ ଏବଂ ଏଲ୍ ଆଣ୍ଡ ଡି ସେଣ୍ଟରର ବିଭିନ୍ନ ଟ୍ରେଡ ପ୍ରଶିକ୍ଷକମାନେ ଉପସ୍ଥିତ ଥିଲେ। ଉକ୍ତ ପ୍ରତିଯୋଗୀତା ନିମନ୍ତେ ଚଳିତ ବର୍ଷ ସମୁଦାୟ ୮ଟି ଟ୍ରେଡ ପ୍ରାୟ ୨୦୦ ଆବେଦନକାରୀ ପ୍ରତିଯୋଗିତା ପାଇଁ ଆବେଦନ କରିଛନ୍ତି। ଏହି ଅବସରରେ ନିଜର ଅଭିଭାଷଣରେ ଶ୍ରୀ ରାୟଚୌଧୁରୀ ଏହି ପ୍ରତିଯୋଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଯାହା ବ୍ୟକ୍ତିବିଶେଷଙ୍କ ଅଭିଜ୍ଞତାକୁ ସ୍ୱୀକୃତି ଦେବା ସହିତ ଜାତୀୟ ସ୍ତରରେ କମ୍ପାନୀ ପାଇଁ ଗୌରବ ଆଣିବା ପାଇଁ ଉତ୍ତମ ଦକ୍ଷତା ପ୍ରଦର୍ଶନ ଉପରେ ଆଲୋକପାତ କରିଥିଲେ। । ଏହି ପ୍ରତିଯୋଗୀତା ପାଇଁ ବିଭିନ୍ନ ଟ୍ରେଡ ଗୁଡ଼ିକ ମଧ୍ୟରେ ଟର୍ନର, ଫିଟର, ହାଇଡ୍ରୋଲିକ୍ସ ଟେକ୍ନିସିଆନ୍, ୱେଲ୍ଡର, ଇଲେକ୍ଟ୍ରିସିଆନ୍, ଇଲେକ୍ଟ୍ରୋନିକ୍ସ ମେକାନିକ୍, ସିଓପିଏ ଏବଂ ଇନଷ୍ଟ୍ରୁମେଣ୍ଟେସନ୍ ଅନ୍ତର୍ଭୁକ୍ତ ଥିଲା। ଏହି କାର୍ଯ୍ୟକ୍ରମକୁ ଏଲ ଏଣ୍ଡ ଡି ବିଭାଗ ର ସିନିୟର ମ୍ୟାନେଜର ଶ୍ରୀ ଏଲ୍ ମାରାଣ୍ଡି, ସଂଯୋଜନା କରୁଛନ୍ତି। ଉଲ୍ଲେଖନୀୟ ଯେ ଦକ୍ଷତାରେ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ସହିତ ଏହାକୁ ସ୍ୱୀକୃତି ଦେବା ଲକ୍ଷ୍ୟ ରେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ପୁରସ୍କାର ୨୦୧୧-୧୨ ମସିହାରେ ପ୍ରଚଳନ କରାଯାଇଥିଲା। ଏଥିସହିତ ବିଭିନ୍ନ ଟ୍ରେଡର ପ୍ରଥମ ସ୍ଥାନ ଅଧିକାରକାରୀମାନଙ୍କୁ ସିଆଇଆଇ କାର୍ଯ୍ୟ-ଦକ୍ଷତା ପ୍ରତିଯୋଗିତାରେ ଆର ଏସ ପି କୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ କରାଯାଇଥାଏ।

# ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା ରୋମାଂଚକ ଫାଇନାଲ : ପେନାଲ୍ଟିରେ ବଲାଙ୍ଗୀର ଚାମ୍ପିୟାନ

ବଲାଙ୍ଗୀର,୦୧/୧୨ (ନି.ପ୍ର): ଗତ ୨୭ତାରିଖରୁ ଆରମ୍ଭ ହୋଇଥିବା ୬୯ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ୧୭ବର୍ଷରୁ କମ ବାଳକ ବର୍ଗ ଫୁଟବଲ ମ୍ୟାଚର ଫାଇନାଲ ମ୍ୟାଚ ହର୍ଷୋଉଲ୍ଲାସର ସହ ଗାନ୍ଧୀ ଷ୍ଟାଡିୟମ ଠାରେ ସମାପନ ହୋଇଯାଇଛି। ମିଶନ ପଡିଆ ଠାରେ ଅନୁଷ୍ଠିତ ହୋଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ଢେଙ୍କାନାଳ ଦଳକୁ ମୟୁରଭଞ୍ଜ ଦଳ ୨-୦ରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିବାବେଳେ ଆର୍.ଏନ୍. ସିଂ ଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ଠାରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ବଲାଙ୍ଗୀର ଦଳ କେନ୍ଦୁଝର ଦଳକୁ ୩-୨ରେ ପରାସ୍ତ କରି ଫାଇନାଲ କୁ ପ୍ରବେଶ କରିଥିଲା। ସେମିଫାଇନାଲ ମ୍ୟାଚର ଉଭୟ ବିଜେତା ବଲାଙ୍ଗୀର ଓ ମୟୁରଭଞ୍ଜ ଦଳଙ୍କ ମଧ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ମଧ୍ୟାହ୍ନ ୧୨ ଟାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା।ମ୍ୟାଚ ର ପ୍ରଥମାର୍ଦ୍ଧରୁ ହିଁ ଆକ୍ରମଣାତ୍ମକ ଖେଳ ଦେଖାଇଥିବା ବଲାଙ୍ଗୀର ଓ ମୟୁରଭଞ୍ଜ ଦଳ ତୀବ୍ର ଆକ୍ରମଣ ସହିତ ଖେଳକୁ ନିଜ ନିଜ ନିୟନ୍ତ୍ରଣରେ ରଖିଥିଲେ।ଦୁହି ପକ୍ଷର ସମାନ ସଂଘର୍ଷ ଫଳରେ ଖେଳ ନିର୍ଦ୍ଧିଷ୍ଟ ସମୟରେ ୦-୦ରେ ସମାପ୍ତ ହେଲା। ମ୍ୟାଚର ଫଳାଫଳ ନିର୍ଣ୍ଣୟ ପାଇଁ ଟାଇ ବ୍ରେକର କରାଯାଇଥିଲା। ଦୁହି ଦଳ ତୀବ୍ର ଚାପରେ ଥିବା ସମୟରେ ଦକ୍ଷତା ଓ ସ୍ଥିରତା ଦେଖାଇ ବଲାଙ୍ଗୀର ଦଳ ଚମତ୍କାର ପ୍ରଦର୍ଶନ କଲା। ଟାଇ ବ୍ରେକରର ରୋମାଂଚକର ମୁହୂର୍ତରେ ପେନାଲ୍ଟି ରେ ବଲାଙ୍ଗୀର ଦଳ ମୟୁରଭଞ୍ଜ ଦଳକୁ ୩-୨ଗୋଲରେ ପରାସ୍ତ କରି ଚଳିତ ବର୍ଷର ରାଜ୍ୟ ବିଦ୍ୟାଳୟ ସମୂହ ୧୭ବର୍ଷରୁ କମ ବାଳକ ବର୍ଗର ଫୁଟବଲ ଚାମ୍ପିୟାନସିପ ହାସଲ କଲା। ପୁରସ୍କାର ବିତରଣ ସମାରୋହ ବଲାଙ୍ଗୀର ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ନିମନ୍ତ୍ରିତ ଅତିଥି ରୂପେ ବଲାଙ୍ଗୀର ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା, ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ର, ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଝାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ପ୍ରବୀର ପଣ୍ଡା ଓ ରୀନା କୁମାରୀ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ପ୍ରମୁଖ ଯୋଗଦେଇ ବଲାଙ୍ଗୀର ଦଳକୁ ବିଜେତା ଟ୍ରଫି ପ୍ରଦାନ କରିବା ସହ ମୟୁରଭଞ୍ଜ ଦଳକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ହେମନ୍ତ ପ୍ରଧାନ ସଂଯୋଜନା କରିଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଧନ୍ୟବାଦ ଦେଇଥିଲେ। ପର୍ଯ୍ୟବେକ୍ଷକ ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ରାଉତ ଯୋଗଦେଇଥିବା ବେଳେ ଜିଲ୍ଲାର ୧୪ଗୋଟି ବ୍ଲକର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟତ୍ରୀ, କ୍ରୀଡା ଶିକ୍ଷକ ଓ ଶିକ୍ଷୟତ୍ରୀ, ରାଜ୍ୟସ୍ତରୀୟ ଅଫିସିଆଲ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟତ୍ରୀ, ବିଭିନ୍ନ କ୍ରୀଡା ସଂଗଠନର କର୍ମକର୍ତା ସକ୍ରୀୟ ସହଯୋଗ କରିଥିଲେ।

## ଜାତୀୟ ରାଜପଥ ଗୋପ ଛକରୁ ବ୍ୟବସାୟୀଙ୍କୁ ଉଚ୍ଛେଦ

କେନ୍ଦ୍ରାପଡା,୦୧/୧୨ (ନି.ପ୍ର): ଚଣ୍ଡିଖୋଲ- ପାରାଦ୍ୱୀପ ଜାତୀୟ ରାଜପଥ ଗୋପ ଛକରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି । ଜିଲ୍ଲାର ଅନ୍ୟତମ ବରିଷ୍ଠ ପରିବାହକ ଭାବେ ପରିଚିତ ଗୋପ ହାଟର ଶହ ଶହ ବ୍ୟବସାୟୀ ଜାତୀୟ ରାଜପଥ ଉପରେ ବସି ବ୍ୟବସାୟ କରି ଆସୁଥିଲେ । ଯାହା ଫଳରେ ଜାତୀୟ ରାଜ ପଥରେ ଯାତାୟତ କରୁଥିବା ବଡ ବଡ ଆଇରନ ଟ୍ରକ, ଟ୍ୟାଙ୍କର ଏବଂ ପାରାଦ୍ୱୀପ ପୋର୍ଟକୁ ନେଇ ଯାଉଥିବା ସାମଗ୍ରୀ ଗୁଡିକୁ ଗାଡି ଚଳାଚଳାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲା । ଏଥି ସହିତ ଅନେକ ସମୟରେ ଦୁର୍ଘଟଣା ଘଟି ଲୋକ ଆହତ ହେବା ସହ ପ୍ରାଣ ହରାଉଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ରବିବାର ସକାଳେ ପୋଲିସ ସହାୟତା ଓ ଡାକବାଜି ଯନ୍ତ୍ର ଯୋଗୁଁ ବ୍ୟବସାୟୀ ମାନଙ୍କୁ ଜାତୀୟ ରାଜପଥରୁ ହଟାଯାଇ ବଜାର କମିଟି ଦ୍ୱାରା ନିର୍ମାଣ କରାଯାଇଥିବା ହାଟ ଭିତରକୁ ପଠାଯାଇଛି । ଏଥି ସହିତ ଜାତୀୟ ରାଜପଥରେ ଛିଡା କରୁଥିବା ଟ୍ରକ ଗୁଡିକୁ ମଧ୍ୟ ସେଠାରୁ ହଟା ଯାଇଛି । ବ୍ୟବସାୟୀ ମାନେ ଜାତୀୟ ରାଜପଥକୁ ମାଡି ବ୍ୟବସାୟ କରୁଥିବାରୁ ଯାତାୟତ କରୁଥିବା ଟ୍ରକ ଆମ୍ୱୁଲାନ୍ସ, ଦମକଳ ଗୁଡିକ ଘଂଟା ଘଂଟା ଧରି ଛିଡାହୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା । ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ବ୍ୟବସାୟୀ ମାନଙ୍କୁ ସଚେତନ କରାଯାଇଛି ଯେ, ପୁନର୍ବାର ଜାତୀୟ ରାଜପଥ କଡରେ ବସିବେ ନାହିଁ ।

# ପୁରୀ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ

ପୁରୀ,୦୧/୧୨ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ଆଜି ଜିଲ୍ଲା ସ୍କୁଲ ଠାରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଉଦଘାଟନ କରିବା ସହ ଯୁବବର୍ଗଙ୍କ ପ୍ରତିଭାର ଉନ୍ମେଷ ଦିଗରେ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। ପ୍ରତ୍ୟେକ ପିଲା ମଧ୍ୟରେ କିଛି ନା କିଛି ପ୍ରତିଭା ରହିଛି। ଏହାର ପରିପ୍ରକାଶ ପାଇଁ ଏହିଭଳି ପ୍ଲାଟଫର୍ମ ଉପଯୋଗୀ ସାବ୍ୟସ୍ତ ହୋଇଥାଏ।ପିଲା ଉପରେ ବାପା ମା ଅଯଥା ଚାପ ନଦେଇ ତା' ଆଗ୍ରହର ଶିକ୍ଷା ଲାଭ ଦିଗରେ ସହାୟକ ହେଲେ ତାହା ଅଧିକ ଫଳପ୍ରଦ ହେବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଯୁବ ଉତ୍ସବ ମାଧ୍ୟମରେ ଯୁବବର୍ଗଙ୍କ ସ୍ୱପ୍ନ ଓ ଇଚ୍ଛାକୁ ପୂର୍ଣ୍ଣ କରିବାର ସୁଯୋଗ ରହିଥାଏ। ଆଜି ବିଭିନ୍ନ ବ୍ଲକ ଓ ସହରାଂଚଳରୁ ଚୟନ ହୋଇ ଆସିଥିବା ପ୍ରତିଯୋଗୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରକୁ ପ୍ରେରଣ କରାଯିବ। ତେଣୁ ସମସ୍ତ ପ୍ରତିଯୋଗୀ ଯେକୌଣସି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପ୍ରଦାନ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିବା ବେଳେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଓ ଯୁବ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଏନଏସଏସ ଅଫିସର ଗୋଲକ ବିହାରୀ ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପରେ ଅପରାହ୍ନରେ ପୁରସ୍କାର ପ୍ରଦାନ କରାଯାଇଥିଲା। କବିତା ରଚନାରେ ପୁରୀ ମୁନିସିପାଲଟିର ଆର୍ଯ୍ୟମାନ କର ପ୍ରଥମ, ପିପିଲି ଏନଏସିର ସ୍ୱର୍ଣ୍ଣଲତା ନାୟକ ଦ୍ୱିତୀୟ, ସତ୍ୟବାଦୀ ବ୍ଲକର ବବିତା ବାରିକ ତୃତୀୟ, ଗଳ୍ପ ରଚନାରେ କୋଣାର୍କ ଏନଏସିର ବୈଶାଖୀ ପ୍ରସାଦ ପ୍ରଥମ, ପୁରୀ ମୁନିସିପାଲଟିର ଚିନ୍ମୟୀ ପଣ୍ଡା ଦ୍ୱିତୀୟ, ସତ୍ୟବାଦୀ ବ୍ଲକ ର ବିଶ୍ୱ ସାହୁ ତୃତୀୟ, ବକ୍ତୃତାରେ ବ୍ରହ୍ମଗିରି ବ୍ଲକ ର ଅକ୍ଷୟ ପରିଡା ପ୍ରଥମ, ସତ୍ୟବାଦୀ ବ୍ଲକ ର ଅନ୍ନପୂର୍ଣ୍ଣା ରଥ ଦ୍ୱିତୀୟ, ପିପିଲି ବ୍ଲକ ର ଜସ୍ମିନ ନୂର ଆଂଚଲ ତୃତୀୟ, ଚିତ୍ରାଙ୍କନରେ ପୁରୀ ମୁନିସିପାଲଟିର ଅଭୟ ପଣ୍ଡା ପ୍ରଥମ, ବ୍ରହ୍ମଗିରି ବ୍ଲକ ର ଦେବଦତ ଲେଙ୍କା ଦ୍ୱିତୀୟ ଓ ସତ୍ୟବାଦୀ ବ୍ଲକର ସାଇ ପ୍ରସାଦ ପଟ୍ଟନାୟକ ତୃତୀୟ, ବିଜ୍ଞାନ ପ୍ରଦର୍ଶନୀରେ ବ୍ରହ୍ମଗିରି ବ୍ଲକର ଅଭିପ୍ସା ମହାପାତ୍ର ପ୍ରଥମ, ପିପିଲି ଏନଏସିର ସେକ ରିଜୱାନ ଦ୍ୱିତୀୟ, ନିମାପଡା ଏନଏସିର ଶ୍ରୀକାନ୍ତ ଜେନା ତୃତୀୟ, ଲୋକ ସଂଗୀତରେ ପିପିଲି ଏନଏସିର ପିୟୁଷ ଦାସ ଓ ସାଥୀ ପ୍ରଥମ, ସତ୍ୟବାଦୀ ବ୍ଲକ ର ସତ୍ୟରଞ୍ଜନ ଦାଶ ଓ ସାଥି ଦ୍ୱିତୀୟ, ବ୍ରହ୍ମଗିରି ବ୍ଲକର ଅଂଶୁମାନ ମହାନ୍ତି ଓ ସାଥୀ ତୃତୀୟ ଏବଂ ଲୋକ ନୃତ୍ୟରେ ପୁରୀ ସଦର ବ୍ଲକର ବର୍ଷା ପି ମହାରଣା ଓ ସାଥୀ ପ୍ରଥମ, ପୁରୀ ମୁନିସିପାଲଟି ର ସିପ୍ରା ମିଶ୍ର ଓ ସାଥୀ ଦ୍ୱିତୀୟ ଓ ଡେଲାଙ୍ଗ ବ୍ଲକ ର ମୌସୁମୀ ବେହେରା ଓ ସାଥୀ ତୃତୀୟ ସ୍ଥାନ ହାସଲ କରିଥିଲେ। ସମସ୍ତ ବିଜେତା ଦଳକୁ ଟ୍ରଫି, ନଗଦ ଅର୍ଥ ରାଶି ଓ ସାର୍ଟିଫିକେଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର ପ୍ରଥମ ହୋଇଥିବା ଦଳ ଗୁଡିକ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଓ ରାଜ୍ୟର ଶ୍ରେଷ୍ଠ ଦଳ ମାନେ ଜାତୀୟ ସ୍ତର ପାଇଁ ଯୋଗ୍ୟ ହେବେ ବୋଲି ଜିଲ୍ଲା କ୍ରିଡା ଅଧିକାରୀ ସୂଚନା ଦେଇଥିଲେ।

# ଫକୀର ପଟ୍ଟନାୟକଙ୍କୁ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୦୧/୧୨ (ନି.ପ୍ର): ସମ୍ବଲପୁରୀ ଲୋକ ସଙ୍ଗୀତର ସର୍ବାଧିକ ଲୋକପ୍ରୀୟ ଗାୟକ ଫକୀର ପଟ୍ଟନାୟକଙ୍କ ପୂର୍ଣ୍ୟତିଥିରେ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ରବିବାର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମଂଚର ବରିଷ୍ଠ ସଦସ୍ୟ ଡ. ସ୍ୱୟଂପ୍ରକାଶ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫକୀର ପଟ୍ଟନାୟକଙ୍କ ସ୍ମୃତି ସୁରକ୍ଷା ପାଇଁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ପଦକ୍ଷେପ ଗ୍ରହଣ କରିବା ଉପରେ ମଂଚର ସଦସ୍ୟ ମାନେ ମତ ପ୍ରକାଶ କରିଥିଲେ। ସମ୍ବଲପୁରୀ ଭାଷାରେ ଅନେକ ଲୋକପ୍ରୀୟ ଗୀତ ବିଶ୍ୱସ୍ତରରେ ପ୍ରତିଷ୍ଠିତ ହୋଇପାରିଛି। ତେବେ ଫକିର ପଟନାୟକ ଗୀତ ମାଧ୍ୟମରେ ସମ୍ବଲପୁରୀ ଲୋକ ସଂସ୍କୃତିକୁ ବିଶ୍ୱ ସ୍ତରରେ ପ୍ରଚାର କରିବା ଦିଗରେ ସବୁଠାରୁ ପ୍ରଥମେ ଲୋକପ୍ରିୟ କରାଇ ପାରିଥିଲେ ବୋଲି ସଦସ୍ୟମାନେ ମତ ପୋଷଣ କରିଥିଲେ। ବର୍ତମାନ ମଧ୍ୟ ସମ୍ବଲପୁରୀ ଲୋକ ସଂଗୀତ ସମସ୍ତ ଗାୟକ ଫକୀର ପଟ୍ଟନାୟକଙ୍କ ଗୀତ ଗୁଡିକୁ ଅନୁକରଣ କରି ଆସୁଛନ୍ତି। ଯେ କୌଣସି ସମ୍ବଲପୁରୀ କାର୍ଯ୍ୟକ୍ରମରେ ଫକିର ପଟ୍ଟନାୟକଙ୍କ ମାଁ ସମଲେଇଙ୍କ ଭଜନ ଏବେ ବି ପରିବେଷଣ ହେଉଥିବା ସଦସ୍ୟ ମାନେ କହିଥିଲେ। ତାଙ୍କର ଲୋକ ସଙ୍ଗୀତ ପ୍ରତି ରହିଥିବା ଆକର୍ଷଣ ଯୋଗୁଁ ସମ୍ବଲପୁର ଅଂଚଳର ପାରମ୍ପାରିକ ଲୋକ ସଙ୍ଗୀତ ପରମ୍ପରାକୁ ଗୀତ ମାଧ୍ୟମରେ ପରିବେଷଣ କରି ଅମର କରି ପାରିଥିବା ଶ୍ରଦ୍ଧାଞ୍ଜଳି ସଭାରେ ମତ ପାଇଥିଲା। ସମ୍ବଲପୁରୀ ଲୋକ ସଙ୍ଗୀତ ପାଇଁ ଫକୀର ପଟ୍ଟନାୟକଙ୍କ ଅବଦାନ ସର୍ବଦା ଅତୁଳନୀୟ ରହିବ ବୋଲି ସଦସ୍ୟ ମାନେ କହିଥିଲେ। ଆସନ୍ତା ଡିସେମ୍ବର ୨୦ ଏବଂ ୨୧ ତାରିଖରେ ଡେରା ପରିସରରେ ଆୟୋଜିତ ହେବାକୁ ଥିବା ପଂଚମ ଜାତୀୟ ସମ୍ବଲପୁରୀ ସମ୍ମେଳନୀରେ ଫକୀର ପଟ୍ଟନାୟକଙ୍କ ବିଷୟରେ ଏକ ପ୍ରଦର୍ଶନୀର ଆୟୋଜନ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ଏହାସହ ଡେରା ପରିସରକୁ ସମ୍ବଲପୁରୀ ଲୋକ ସଂସ୍କୃତିର ପ୍ରଦର୍ଶନ କ୍ଷେତ୍ର ଭାବେ ବିକଶିତ କରିବାକୁ ମଂଚର ମୁଖ୍ୟ ସଂଯୋଜକ ମତ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ସୁଧୀର ମିଶ୍ର, ସୁଷମା ପ୍ରଧାନ, ପଙ୍କଜିନୀ ବୈଠାରୁ, ପ୍ରଥମ ନାରାୟଣ ପଣ୍ଡା, ଅମିତ ଦାଶ, ପ୍ରେମ ସାହାଣୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଅମିତାଭ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ ଭୂମି ପୂଜନ ଓ ଦେବ ଦମ୍ପତି ସମ୍ମିଳନୀ ଉତ୍ସବ

ନୂଆପଡ଼ା,୦୧/୧୨ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ପବିତ୍ର ମାଟିରେ ରାଷ୍ଟ୍ର ଶୌର୍ଯ୍ୟ ସମୃଦ୍ଧି ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ପୂଜନ ତଥା ଦେବ ଦମ୍ପତି ସମ୍ମିଳନୀ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ପ୍ରତିନିଧି ଭାବରେ ମିନିକେତନ ପାତ୍ର ଉପସ୍ଥିତ ରହିଥିଲେ । ସମାଜିକ ସଂସ୍କାର, ନାରୀ ସଶକ୍ତିକରଣ, ସଂସ୍କୃତିର ରକ୍ଷା, ପାରିବାରିକ ସୁସଂପର୍କ ପ୍ରତିଷ୍ଠା, ପରିବେଶ ସୁରକ୍ଷା, ନିଶାମୁକ୍ତ ରାଷ୍ଟ୍ର ଗଠନ, କୁସଂସ୍କାର ଦୂରୀଭୂତ ଉଦ୍ଦେଶ୍ୟରେ ଆଗାମୀ ଜାନୁଆରୀ ୬ ତାରିଖ ହେବାକୁ ଥିବା ଭବ୍ୟ ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମି ପୂଜନ କରାଯାଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦାନ କରି ଧ୍ୱଜାରୋହଣ କରିବା ସହ ଶୁଭଖମ୍ବ ସ୍ଥାପନ କରିଥିଲେ ଓ ମାନବୀୟ ମୂଲ୍ୟବୋଧ ବିଷୟରେ ଉପସ୍ଥିତ ସଜ୍ଜନ ମଣ୍ଡଳୀଙ୍କୁ ମାର୍ଗଦର୍ଶନ ଦେଇଥିଲେ । ମୁଖ୍ୟ ଯଜ୍ଞକର୍ତା ତୁଳସୀ ରାମ ମେହେର ଓ ତାଙ୍କ ଧର୍ମପତ୍ନୀ ଭଞ୍ଜନୀ ମେହେର ତଥା ଗ୍ରାମର ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥାପିତ ରହି ଭୂମି ପୂଜନ ହୋଇଥିଲା । ଦେବ ଦମ୍ପତି ପରସ୍ପରକୁ ମାଲ୍ୟାର୍ପଣ କରି ଦାମ୍ପତ୍ୟ ଜୀବନ ସୁଖମୟ ପାଇଁ ସଂକଳ୍ପ କରିଥିଲେ ।ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଦେବ ଦମ୍ପତି ଯୋଗଦେବା ସହ ଅଂଚଳରୁ ଅନେକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ । ଭଜନସଂଗୀତ ତଥା ଦିବ୍ୟପ୍ରବଚନ ମାଧ୍ୟମରେ ସମସ୍ତେ ସାମିଲ ହେବା ସହ ଯଜ୍ଞରେ ଅନ୍ନଭୋଗ ଗ୍ରହଣ କରିଥିଲେ । ଗଣ୍ଡାବାହାଲି ଗ୍ରାମର ବରିଷ୍ଠ କର୍ମକର୍ତା, ଯୁବଗୋଷ୍ଠୀ, ମହିଳାମଣ୍ଡଳୀ ତଥା ଗାୟତ୍ରୀ ଶକ୍ତିପୀଠ ସିନାପାଲି ଓ ହାତୀବନ୍ଧାର ସଦସ୍ୟ, ଜିଲ୍ଲା ସ୍ତରୀୟ କର୍ମକର୍ତା, ଉପଜୋନ ସ୍ତରୀୟ କର୍ମକର୍ତା ଓ ଅଂଚଳର ସମସ୍ତ ଶ୍ରଦ୍ଧାଳୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କ ସମୀକ୍ଷା: ଚାଷୀ ପଂଜିକରଣ ଓ ଧାନ ପରବର୍ତ୍ତୀ ଫସଲ ଉତ୍ପାଦନ ଉପରେ ଗୁରୁତ୍ୱ

ଭଦ୍ରକ,୦୧/୧୨ (ନି.ପ୍ର): ଜିଲାରେ ଚାଷୀ ପଂଜିକରଣ କାର୍ଯ୍ୟକୁ ସଠିକ୍ ଭାବେ ସଂପାଦନ କରିବା ସହ ଧାନ ଅମଳ ପରେ, ପରବର୍ତୀ ଫସଲ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସାକସେନା ଗୁରୁତ୍ୱ ଦେଇଛନ୍ତି। ଗତକାଲି ନିର୍ଦ୍ଦେଶକ ସାକସେନା ଭଦ୍ରକ ଗସ୍ତରେ ଆସି ଜିଲାରେ ଚାଲିଥିବା କୃଷି ବିଭାଗର ବିଭିନ୍ନ ଯୋଜନାକୁ ସମୀକ୍ଷା କରିଥିଲେ। ଜିଲା ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ଡିଆରସିଏସ୍ ଦୁଖିଆ ଟୁଡୁ, ମାର୍କଫେଡ୍ ଏରିଆ ମେନେଜର ରାଜକିଶୋର ଦାସଙ୍କ ସହ ୭ଟି ବ୍ଲକ୍‌ର କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀମାନେ ଯୋଗ ଦେଇଥିଲେ। ମୁଖ୍ୟତଃ ଜିଲାରେ ଚାଲିଥିବା ପ୍ରକୃତ ଚାଷୀଙ୍କ ଚିହ୍ନଟ ପାଇଁ ଚାଷୀ ପଂଜିକରଣ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀ ପଂଜିକରଣ ସମୟରେ ପଂଚାୟତ ଓ ଗାଁ ମାନଙ୍କରେ କ୍ୟାମ୍ପ କରି ଆର.ଆଇ ଓ ଗ୍ରାମ୍ୟ କୃଷି କର୍ମଚାରୀମାନେ ଚାଷୀମାନଙ୍କ ସହାୟତାରେ ତ୍ରୁଟିଶୂନ୍ୟ ଭାବେ ପଂଜିକରଣ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲାରେ ଧାନ ଅମଳ ପରେ ପରବର୍ତୀ ଫସଲ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଚଳିତ ୨୦୨୫-୨୬ ରେ ରବିରେ ଜିଲାରେ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଥିବା ବିଭିନ୍ନ ଫସଲ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଥିଲେ। ଚଳିତ ରବିରେ ସନଫ୍ଲାଓାର ୩ ଶହ ହେକ୍ଟରରେ ଚାଷ କରାଯିବା ସହ ଚିନା ବାଦାମ ୨ ଶହ ହେକ୍ଟର, ସୋରିଷ ୧୨ ଶହ ହେକ୍ଟର ଓ ରାଶି ୨ ଶହ ହେକ୍ଟର ମୋଟ ୧୯ ଶହ ହେକ୍ଟରରେ ତୈଳବୀଜ ଓ ୧୮ ହଜାର ହେକ୍ଟରରେ ମୁଗ, ବିରି ଡାଲିଜାତୀୟ ଚାଷ ହେବାର ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। ସେହିପରି ଡିଜିଟାଲ କ୍ରପ୍ ସର୍ଭେ କ୍ଷେତ୍ରରେ ସ୍ୱଚ୍ଛତା ରଖିବା ସହ ନମୁନା ମାଟି ସଂଗ୍ରହ ଓ ତାର ପରୀକ୍ଷା ସଠିକ୍ କରିବାକୁ ପରାମର୍ଶ ଦେଇଥିଲେ। ଏବଂ ଜିଲାରେ ବିହନ ଆବଂଟନ ପ୍ରକ୍ରିୟାର ସମୀକ୍ଷା କରିଥିଲେ। ଚାଷୀମାନଙ୍କୁ ସହଜ ଓ ସୁବିଧାରେ କିପରି ଉନ୍ନତମାନର ସାର ଉପଲବ୍ଧ ହେବ, ତାହା ଉପରେ ଗୁରୁତ୍ୱ ଦେଇଥିଲେ। ସିଏମ୍ କିସାନ ଯୋଜନାରେ କୃଷକମାନଙ୍କର ପଂଜିକରଣ କାର୍ଯ୍ୟ ଶୀଘ୍ର ସାରିବାକୁ କହିଥିଲେ।

# ଡାକ୍ତର ଟିମ୍ ଏବଂ ବିଭିନ୍ନ ଗଣମାଧ୍ୟମର ଭିଡିଓ ଜର୍ଣ୍ଣାଲିଷ୍ଟ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ

ମାଲକାନଗିରି,୦୧/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ସ୍ଥିତ ଡିଏନକେ ଖେଳ ପଡିଆରେ ରବିବାର ସକାଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ଟିମ୍ ଏବଂ ବିଭିନ୍ନ ଗଣମାଧ୍ୟମର ଭିଡିଓ ଜର୍ଣ୍ଣାଲିଷ୍ଟ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଛି । ୧୫ ଓଭର ବିଶିଷ୍ଟ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ ନିଷ୍ପତି ନେଇଥିଲା ଭିଡିଓ ଜର୍ଣ୍ଣାଲିଷ୍ଟ ଟିମ୍ । ନିର୍ଦ୍ଧାରିତ ୧୫ ଓଭରରେ ଦଳ ୬ ୱିକେଟ୍ ହରାଇ ୧୩୯ ରନ କରିବାରେ ସକ୍ଷମ ହୋଇଥିଲା । ୧୪୦ ରନ୍ ଲକ୍ଷ୍ୟକୁ ପିଛା କରିବାକୁ ପଡ଼ିଆକୁ ଓହ୍ଲାଇଥିବା ଚିକିତ୍ସିକ ଏକାଦଶ । ଦଳ ଜର୍ଣ୍ଣାଲିଷ୍ଟ ଟିମର ବୋଲରଙ୍କ ସାମ୍ନାରେ ସଂଘର୍ଷ କରିଥିଲା । ନିର୍ଦ୍ଧାରିତ ୧୫ ଓଭରରେ ୭ଟି ୱିକେଟ୍ ହରାଇ ମାତ୍ର ୧୨୫ ରନ୍ ସଂଗ୍ରହ କରିପାରିଥିଲା । ଯାହାଫଳରେ ଏହି ମ୍ୟାଚରେ ଜର୍ଣ୍ଣାଲିଷ୍ଟ ଟିମ୍ ୧୫ ରନରେ ବିଜୟ ହାସଲ କରିଛି । ଡାକ୍ତର ଏକାଦଶ ପକ୍ଷରୁ ଡା. ଅଭିଷେକ ୩୩ ବଲରେ ସର୍ବାଧିକ ୫୨ରନ ସଂଗ୍ରହ କରିଥିବା ବେଳେ ଭିଡିଓ ଜର୍ଣ୍ଣାଲିଷ୍ଟ ଦଳ ପକ୍ଷରୁ ସଂଜୟ ସର୍ବାଧିକ ୨୧ଟି ବଲ ଖେଳି ୨୨ ରନ ସଂଗ୍ରହ କରିଥିଲେ। ଏହି ବନ୍ଧୁତ୍ୱପୂର୍ଣ ମ୍ୟାଚକୁ ସହଯୋଗ କରିଥିଲା ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ । ମ୍ୟାଚର ବିଜୟୀ ଭିଡିଓ ଜର୍ଣ୍ଣାଲିଷ୍ଟ ଟିମକୁ ୨୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ବେଳେ ଉଭୟ ଟିମ୍‌ର ସର୍ବାଧିକ ଛକା ଏବଂ ଚୌକା ମାରିଥିବା ବ୍ୟାଟରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି । ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ର, ସମ୍ପାଦକ ବି. ଶ୍ରୀନିବାସ ପାତ୍ର, ମୁଖ୍ୟ ଉପଦେଷ୍ଟା ରତ୍ନାକର ଦାଶ, ସାମ୍ବାଦିକ ଜିତେନ୍ଦ୍ର ବେଉରିଆ ଏବଂ ଦେବବ୍ରତ ସାନା, ଏ. ଈଶ୍ୱର ରାଓ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ବିଜୟୀ ଟିମକୁ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଶ୍ରୀ ମିଶ୍ର ଓ ବରିଷ୍ଠ ସାମ୍ବାଦିକ ଶ୍ରୀ ବେଉରିଆ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର, ପୂର୍ବତନ ଭାରତୀୟ କ୍ରିକେଟ୍ ଦଳର ମ୍ୟାନେଜର ସତବୀର ସିଂ ରିୟାର ଓ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଜାତୀୟସ୍ତରୀୟ ଭିନ୍ନକ୍ଷମ ହୁଇଲ ଚେୟାର କ୍ରିକେଟ ପ୍ରତିଯୋଗିତା ଟ୍ରଫି ଉଦ୍‌ଘାଟିତ

ଧର୍ମଶାଳା,୦୧/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ହଲରେ ସାଂସଦ ଖେଳ ଇଣ୍ଡିଆ ୨୦୨୫ ମାଧ୍ୟମରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ଭିନ୍ନକ୍ଷମ କ୍ରିକେଟ ପ୍ରତିଯୋଗିତା ଅବସରରେ ଆଜି ଟ୍ରଫି ଉନ୍ମୋଚିତ ହୋଇଯାଇଛି। ମିଶ ଲୋରିଆଙ୍କ ସଂଚାଳନାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଉଦଘାଟକ ଭାବେ ଯାଜପୁର ସାଂସଦ ରବିନ୍ଦ୍ର ନରାୟଣ ବେହେରା, ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟବକ୍ତା ଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଅତିଥି ଭାବେ ଯାଜପୁର ବିଜେପି ସଭାପତି ଦେବଯାନୀ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ଆଶୁତୋଷ ପରିଡା, ବିଂଝାରପୁର ବିଜେପିନେତ୍ରୀ ବବିତା ମଲିକ, ଧର୍ମଶାଳା ବ୍ଲକ ଅଧକ୍ଷା ସୁଚିସ୍ମିତା ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଫକିରମୋହନ ଟୁଡୁ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ଖେଳରେ ଉତ୍ସାହ ଯୋଗାଇଦେବା ଲାଗି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସାଂସଦ ଖେଳ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରିକେଟ ପ୍ରତିଯେଗିତା କରାଯାଇ ଖେଳାଳିମାନଙ୍କୁ ଉତ୍ସାହ କରାଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନେ ସାଂସଦ ଖେଳ ଇଣ୍ଡିଆର ଟ୍ରଫିକୁ ଉନ୍ମୋଚନ କରିଥିଲେ। ଶେଷରେ ବିଜେପି ନେତା କାହ୍ନୁଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଧର୍ମଶାଳା ଷ୍ଟାଡିୟମରେ ଖେଲ ଇଣ୍ଡିଆ ୨୦୨୫ ମାଧ୍ୟମରେ ଅନୁଷ୍ଠିତ ଭିନ୍ନକ୍ଷମ କ୍ରିକେଟ ଟୁର୍ଣ୍ଣାମେଂଟରେ ମହାରାଷ୍ଟ୍ର, ଓଡିଶା, ଛତିଶଗଡ, ଗୋଆ, ହିମାଂଚଳ ପ୍ରଦେଶ, ରାଜସ୍ଥାନ ଆଦି ୬ ଗୋଟି ରାଜ୍ୟର କ୍ରିଡାବିତମାନେ ଏହି ପ୍ରତିଯୋଗୀତରେ ଅଂଶଗ୍ରହଣ କରିଛନ୍ତି। ଗତକାଲି ଫ୍ଲଡଲାଇଟରେ ଓଡିଶା ଓ ଗୋଆମଧ୍ୟରେ ମ୍ୟଚ ଅନୁଷ୍ଠିତ ହୋଇଥିବାବେଳେ ଓଡିଶା ଦଳ ବିଜୟୀ ହୋଇଥିଲା। ଓଡିସା ତରଫରୁ ସଙ୍କର ୫ଟି ଉଇକେଟ ନେଇଥିବାବେଳେ ଗୋଆ ଦଳର ହେମନ୍ତ ୨ଟି ଉଇକେଟ ନେଇଥିଲେ। ସେହିପରି ଓଡିଶା ଦଳର ଶଙ୍କର ୩୫ ରନ କରିଥିବାବେଳେ ଗୋଆ ଦଳର ମହେଶ ୩୫ ରନ ସଂଗ୍ରହ କରିଥିଲେ। ତେବେ ଆଜି ପ୍ରଥମ ମ୍ୟାଚ ଛତିଶଗଡ ଓ ମହାରାଷ୍ଟ୍ର ମଧ୍ୟରେ ହୋଇଥିବା ବେଳେ ମହାରାଷ୍ଟ୍ର ବିଜୟୀ ହୋଇଥିଲା।

# ଡିସେମ୍ବର ୫ ତାରିଖ ରାଜ୍ୟସ୍ତରୀୟ ଆନ୍ଦୋଳନ ପାଇଁ ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ମହାସଂଘର ପ୍ରସ୍ତୁତି ବୈଠକ

ଭଦ୍ରକ, ୦୧/୧୨ (ନି.ପ୍ର): ଆଜି ଭଦ୍ରକ ବାଇପାସସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାର ସମସ୍ତ ଏନ୍.ପି.ଏସ୍ ବର୍ଗର ଶୀର୍ଷ ନେତୃତ୍ୱଙ୍କୁ ନେଇ ପ୍ରାଥମିକ ଶିକ୍ଷକ ମହାସଂଘର ଆଗାମୀ ଡିସେମ୍ବର ୫ ତାରିଖ ରାଜ୍ୟସ୍ତରୀୟ ମହାଆନ୍ଦୋଳନ ପାଇଁ ଓଡିଶାର ସମସ୍ତ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ୨ଦଫା ଦାବି ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଦୁଇ ଦଫା ଦାବୀ ଗୁଡିକ ହେଲା - ୧) ପ୍ରାଥମିକ ଶିକ୍ଷକ ମାନଙ୍କର ମୂଳପଦବୀକୁ ଅପଗ୍ରେଡ କରି ଲେବୁଲ୍-୯ ଅନୁଯାୟୀ ମୂଳବେତନ ୩୫୪୦୦ ଟଙ୍କା ପ୍ରଦାନ କରିବା, ୨) ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଚ୍ଛେଦ ଉଚ୍ଛେଦ କରି ୨୦୦୧ ମସିହାଠାରୁ



ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକ ମାନଙ୍କର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହିତ ନୋସନାଲ ଇନକ୍ରିମେଂଟ ପ୍ରଦାନ କରିବା। ବୈଠକର ଚୂଡାନ୍ତ ନିଷ୍ପତି ଅନୁଯାୟୀ ଆସନ୍ତା ୩୦ ତାରିଖ ଦିନ ପ୍ରତ୍ୟେକ ବ୍ଲକ ସ୍ତରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ଦାବୀପତ୍ର ପ୍ରଦାନ କରାଯିବା ସହିତ ଆସନ୍ତା ୫ତାରିଖ (ଶୁକ୍ରବାର) ଠାରୁ ସର୍ବୈତନିକ ଛୁଟିନେଇ ଦାବୀ ହାସଲ ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣାରେ ବସିବା ପାଇଁ ନିଷ୍ପତି ହୋଇଛି। ଏହି ବୈଠକରେ ଶିକ୍ଷକ ନେତା ପର୍ଶୁରାମ ନାୟକ, ଉତମ କୁମାର ଦାସ, ଅରବିନ୍ଦ ଦୀକ୍ଷିତ, ସୁବ୍ରତ ଧଳ, ଜ୍ୟୋତିର୍ମୟ ଅଗସ୍ତି, ଅଜିତ ମହାରଣା, ନୀଳାଦ୍ରୀ ତ୍ରିପାଠୀ, ପ୍ରକାଶ ନାରାୟଣ ଜେନା, ତବରେଜ ଖାନ, ଗୟାଧର ଦାସ, ପ୍ରଣୟ ମହାପାତ୍ର, ପ୍ରକାଶ କୁମାର ନାୟକ, ରୂପକ ମିଶ୍ର, ପ୍ରଦୀପ ସେଠୀ, ନରେନ୍ଦ୍ର ସାହୁ, ସନ୍ତୋଷ ମଲ୍ଲିକ, ଦେବାଶିଷ ନାଥ, ନିରଞ୍ଜନ ଖିଲାର, ଓମ୍ ପ୍ରକାଶ ରାଉତ, ପ୍ରଭାସ ପଣ୍ଡା, ବିମଳ ଦାସ, ହେମନ୍ତ ମଲ୍ଲିକ, ଦୀପକ ସୂତାର, ତୋଫାନ କୁମାର ନାୟକ, ଝାନସୀ ରାଣୀ ରାଉତ, ପରମେଶ୍ୱର ପୃଷ୍ଟି, ଦେବାଶିଷ ବେହେରା, ବିପିନୀ ବିହାରୀ ଜେନା, ଆଲୋକ ମଲ୍ଲିକ, ସାଫଲ୍ୟ ମହାଳିକ, ଆନନ୍ଦ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### କିଟ୍‌ରେ ପୁଣି ଛାତ୍ର ...

ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଯାଂଚ କରି ମୃତ ଛାତ୍ରଙ୍କ ରୁମରୁ ଗୋଟିଏ ମୋବାଇଲ ଫୋନ ଓ ଏକ ଲାପଟପ୍ ଜବତ କରି ରୁମ୍ ସିଲ କରିଛି ପୋଲିସ।  ଏ ନେଇ ଇନଫୋସିଟି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ପୋଲିସ। ଛତିଶଗଡ଼ର ରାଇଘରରେ ରହୁଥିବା ପରିବାର ଭୁବନେଶ୍ୱର ପହଞ୍ଚିବା ପରେ ଶବ ବ୍ୟବଛେଦ କରାଯିବ ସୂଚନା ଦେଇଛି ପୋଲିସ। ତେବେ କିଟ୍ ଭଳି ଘରୋଇ ଅନୁଷ୍ଠାନରେ ପାଣି ଭଳି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁ ପାଠ ପଢୁଥିବା ରାଜ୍ୟ ବାହାରର ଏ ଛାତ୍ର ଜଣକ କାହିଁକି ପ୍ରାଣ ହରାଇଲେ, ଆତ୍ମହତ୍ୟା ପଛରେ କେଉଁ କାରଣ ଦାୟୀ ଏବଂ କେଉଁ ପରିସ୍ଥିତିରେ ରୁମ୍ ଭିତରେ ଝୁଲିପଡ଼ିଲେ, ତାକୁ ନେଇ ଛିଡ଼ା ହୋଇଛି ଅନେକ ପ୍ରଶ୍ନ। କାରଣ ଏ ବର୍ଷ କିଟରେ ଏହା ତୃତୀୟ ଘଟଣା। ଯା ପୂର୍ବରୁ ଗତ ଫେବ୍ରୁଆରୀରେ ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ହୁଲସ୍ଥୁଲ ହୋଇଥିଲା ପୁରା ଦେଶ। ଛାତ୍ରୀଙ୍କ ମୃତ୍ୟୁ ପରେ କିଟ୍ କର୍ତ୍ତୃପକ୍ଷଙ୍କ ଅଶୋଭନୀୟ ଆଚରଣ ଅନ୍ତର୍ଜାତୀୟ ସ୍ତରରେ ଆଲୋଡ଼ନ ବି ସୃଷ୍ଟି କରିଥିଲା। ଏ ଘଟଣାର ଅଢେଇ ମାସ ପୁଣି ଆତ୍ମହତ୍ୟା କରିଥିଲେ ଆଉ ଜଣେ ନେପାଳୀ ଛାତ୍ରୀ। ଆଉ ଏବେ ଛତିଶଗଡ଼ ଛାତ୍ରଙ୍କ ମୃତ୍ୟୁ ପରେ, କିଟ୍ କଣ ସୁଇସାଇଡ୍ ଜୋନ୍ ପାଲଟିଛି କି ବୋଲି ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ।

### ମହାରାଷ୍ଟ୍ରର ସୋଲାପୁରରେ...

ଅନିକେତ ତାଙ୍କ ନବବିବାହିତ ପତ୍ନୀ ମେଘନା ଏବଂ ଅନ୍ୟ ପାଞ୍ଚଜଣ ସମ୍ପର୍କୀୟଙ୍କ ସହିତ ସୋଲାପୁରର ତୁଳଜାପୁରରେ ଦେବଦର୍ଶନ କରିବା ପାଇଁ ରବିବାର ସନ୍ଧ୍ୟାରେ ପନୱେଲ ସ୍ଥିତ ନିଜ ଘରୁ ବାହାରିଥିଲେ।ଯେମିତି ତାଙ୍କ କାର ସୋଲାପୁର ର ଜାମ୍ବାଲବେଟ ନିକଟରେ ପହଁଞ୍ଚିଥିଲେ ,ହଠାତ ତାଙ୍କ କାର ସମ୍ମୁଖରୁ ଆସୁଥିବା ଟ୍ରକ ସହ ଧକ୍କା ହୋଇଛି।ଦୁର୍ଘଟଣାରେ କାରରେ ଯାତ୍ରା କରୁଥିବା ଗୌତମ ଭଗବାନ କାମ୍ବଲେ (୬୫),ଜୟା ଗୌତମ କାମ୍ବଲେ (୬୦),ସାରିକା ସଞ୍ଜୟ ତୁକାରାମ ବାଘମାରେ (୫୦)ଏବଂ ଅନ୍ୟ ଜଣଙ୍କର ମୃତ୍ୟ ହୋଇଛି।ଯେତେବେଳେନବବିବାହିତ ଜୋଡା ଅନିକେତ ଏବଂ ମେଘନା ଆହତ ହୋଇଛନ୍ତି।

# ବିଶ୍ୱ ଏଡ୍‌ସ ଦିବସ ପାଳିତ

ଭଦ୍ରକ , ୦୧/୧୨ (ନି.ପ୍ର): ଓଡିଶା ଏଡ୍‌ସ ନିୟନ୍ତ୍ରଣ ସମିତି, ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ମିଶନ୍ ପବ୍ଲିକ୍ ସ୍କୁଲ୍ ଏବଂ ଜିଲ୍ଲା ପ୍ରଶାସନଙ୍କ ମିଳିତ ଉଦ୍ୟମରେ ବିଶ୍ୱ ଏଡ୍‌ସ ଦିବସ ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗ ଦେବା ସହ ପତାକା ଦେଖାଇ ଏଡ୍‌ସ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ପଦଯାତ୍ରାରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲା ଆରକ୍ଷି ଅଧିକାରୀ ଅଂଶୁମାନଦ୍ୱିବେଦୀ, ଡେପୁଟୀ କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ସିଡିଏମଓ ଡ଼କ୍ତର ସୁଧି ରଞ୍ଜନ




ନାୟକ ସମେତ ସ୍ୱାସ୍ଥ୍ୟ କର୍ମୀ ଓ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଏଡ୍‌ସ ସଚେତନତା ପ୍ଲାକାର୍ଡ ଧରି ନଗର ପରିକ୍ରମା କରିଥିଲେ। ଏହି ବର୍ଷର ଥିମ୍ **"Overcoming Disruption, Transforming AIDS Response"** କୁ କେନ୍ଦ୍ର କରି ହୋଇଥିବା ଏହି କାର୍ଯ୍ୟକ୍ରମରେ,ସଂକ୍ରମଣ କୁ ରୋକିବା ଏବଂ ଚାଲୁଥିବା ସେବାମାନଙ୍କୁ ସୁଦୃଢ଼ କରିବାଇ ପାଇଁ ଜିଲ୍ଲାପାଳ ଜୋର ଦେଇଥିଲେ। ଆଚରଣ, ଚିନ୍ତାଧାରା ଓ ବ୍ୟବହାରରେ ପରିବର୍ତ୍ତନ ଆଣିପାରିଲେ ଏଡ୍ସ ଭଳି ମାରାତ୍ମକ ରୋଗକୁ ନିୟନ୍ତ୍ରଣ କରିହେବ ବୋଲି ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ୨୦୦୩ ମସିହାରୁ ୨୦୨୫ ଅକ୍ଟୋବର ସୁଦ୍ଧା ଜିଲ୍ଲାରେ ୩୦୧ଜଣ (ଆନୁମାନିକ ସଂଖ୍ୟା) ମୃତ୍ୟୁବରଣ କରିଥିବାବେଳେ ୧୨୭୩ ଜଣ ଏବେ ଏଡ୍ସ ଆକ୍ରାନ୍ତ ହୋଇଛନ୍ତି। ଏହାଛଡା ୨୦୦୩ରୁ ଅଦ୍ୟାବଧି ଜିଲ୍ଲାରେ ମୋଟ ୭ଲକ୍ଷ ୧୬ହଜାର ୨୭୬ ଜଣକଂର ରକ୍ତ ନମୁନା ପରୀକ୍ଷା କରାଯାଇଥିବା ସୂଚନା ଦେଇଥିଲେ।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ବିଶ୍ୱ ଏଡସ୍ ଦିବସ ପାଳିତ-୨୦୨୫

ଖୋର୍ଦ୍ଧା, ୦୧/୧୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷର ମିଳିତ ଆନୁକୁଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ମହାବିଦ୍ୟାଳୟ ଓ ନର୍ସିଂ ଛାତ୍ର, ଛାତ୍ରୀ ଙ୍କୁ ନେଇ ଏକ ଏଚଆଇଭି/ ଏଡସ୍ ସଚେତନ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା, ତତସହିତ ଏକ ଦୁଇ ଚକିଆ ଯାନର ଶୋଭାଯାତ୍ରା ବାଟଭୂଆସୁଣୀ ମନ୍ଦିର ଠାରୁ ଆରମ୍ଭ ହୋଇ ଜଟଣୀ ରେଳ ଷ୍ଟେସନ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ସମାପ୍ତ ହୋଇଥିଲା। ଏହାକୁ ଜିଲ୍ଲା




ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ ମିତ୍ର, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଓ ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷ ଅଧିକାରୀ ଡା. ସୁବ୍ରତ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ତତ୍ପରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଡା. ମିତ୍ର ଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷର ବିଷୟ ବସ୍ତୁ "ବ୍ୟାଘାତ କୁ ଅତିକ୍ରମ କରି ଏଡସ ପ୍ରତିକ୍ରିୟାକୁ ପରିବର୍ତ୍ତନ କରିବା" ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ବକ୍ତା ଭାବେ ପ୍ରାଣ ନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପକ ଶ୍ରୀ ସୁବୋଦ୍ଧ କୁମାର ଜଗଦେବ ଓ ଖୋର୍ଦ୍ଧା ନର୍ସିଂ ସ୍କୁଲର ଶ୍ରୀମତୀ ସ୍ୱର୍ଣ ପ୍ରଭା ସାହୁ ଏଚଆଇଭି/ଏଡସ୍ ସମ୍ବନ୍ଧୀୟ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ସଭାପତି ଡା. ମିତ୍ର ନିଜ ଉଦ୍ ବୋଧନରେ ଏଚଆଇଭି/ ଏଡସ୍ ର କାରଣ, ନିରାକରଣ, ପ୍ରତିକାର ଓ ଏ ବର୍ଷର ବିଷୟ ବସ୍ତୁ "ବ୍ୟାଘାତ କୁ ଅତିକ୍ରମ କରି ଏଡସ ପ୍ରତିକ୍ରିୟାକୁ ପରିବର୍ତ୍ତନ କରିବା" ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଉପସ୍ଥିତ ଛାତ୍ର ଛାତ୍ରୀ ନିଜ ଜୀବନରେ ଏହାକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ସର୍ବଶେଷରେ ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ରୀ ବିଧାନ ଚନ୍ଦ୍ର ନାୟକ ସାମାଜିକ ଯୋଗଯୋଗ ମାଧ୍ୟମ (ଫେସ୍ ବୁକ, ଇନ୍ଷ୍ଟାଗ୍ରାମ, ୟୁଟୁବ) କୁ ପ୍ରାଧାନ୍ୟ ଦେଇ ଏହାର ପୃଷ୍ଠାରେ ଆସୁଥିବା ବାର୍ତ୍ତାକୁ ବହୁଳ ଭାବେ ପ୍ରଚାର, ପ୍ରସାର ଓ ଅନୁସରଣ କରିବା ସହିତ ନିଶୁଳ୍କ ନମ୍ବର-୧୦୯୭ ରେ ଯୋଗାଯୋଗ କରି ଏଡସ୍ ସମ୍ବନ୍ଧୀୟ ଅଧିକ ବିବରଣୀ ଜାଣିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ପ୍ରାଣ ନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା, ଖୋର୍ଦ୍ଧା ନର୍ସିଂ ସ୍କୁଲ ର ଅଧାପିକା, ଅଧାପକ ଓ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷର କର୍ମଚାରୀ କିଶୋର କୁମାର କାନୁନଗୋ, ଅଶୋକ କୁମାର ଦାସ, ଜୟନ୍ତୀ ବାଳା ସାମନ୍ତରାୟ, ବିମଳ ଚନ୍ଦ୍ର ମାନସିଂହ, ଡ଼ିଆରପି, ଟିଆଇ କର୍ମଚାରୀ, ଓ ଆଇସିଟିସିର ପରାମର୍ଶ ଦାତା, ଦାତ୍ରୀ ମାନେ ଏବଂ ଜଟଣୀ ଓ ଖୋର୍ଦ୍ଧା ଆରକ୍ଷୀ ବନ୍ଧୁମାନେ କାର୍ଯ୍ୟରେ ସହୋଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ



ମୟୂରଭଞ୍ଜ, ୦୧/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗ ର ଆନୁକୂଲ୍ୟରେ ବାରିପଦା ସ୍ଥିତ ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲାସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଉପଲକ୍ଷେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ବ୍ଲକରୁ ଚୟନ ହୋଇ ଆସିଥିବା ୭୯ ଜଣ ପ୍ରତିଯୋଗୀ ମଧ୍ୟରେ ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୁଇଜ ପ୍ରତିଯୋଗିତାରେ ଓଏଭି, ଭାଲୁବସା, କପ୍ତିପଦା ର ବିଦୁସ୍ମିତା ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ,ଠାକୁରମୁଣ୍ଡା ର ଚନ୍ଦନ ମହାନ୍ତ, ରଘୁନାଥ ଉଚ୍ଚ ବିଦ୍ୟାଳୟ,ରାଇକମା ର ଆୟୁଷ ମହାନ୍ତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ଏହି ପ୍ରତିଯୋଗିତା କୁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଚାରକ ଭାବେ ଶିକ୍ଷକ ନୟନ ଗିରି,ଶିକ୍ଷୟତ୍ରୀ ସୁଲୋଚନା ମଙ୍ଗରାଜ ଯୋଗ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଏମପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର କଳିଆ ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ଓ ନଗଦ ରାଶି ଯଥାକ୍ରମେ ଟଙ୍କା ୨୦୦୦, ୧୫୦୦, ୧୦୦୦ ପୁରସ୍କାର ରାଶି ପ୍ରଥମ, ଦ୍ୱିତୀୟ, ତୃତୀୟ ଙ୍କୁ ପ୍ରଦାନ କରାଯାଇଥିଲା । ପ୍ରଥମ ହୋଇଥିବା ଛାତ୍ରୀ ବିଦୁସ୍ମିତା ସାହୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ରେ ଯୋଗ ଦେବେ । କାର୍ଯ୍ୟକ୍ରମ ପରିଚାଳନା ରେ ଶିକ୍ଷକ ମନୋଜ ପରିଡା, ଆୟୋଜକ ବିଦ୍ୟାଳୟ ଏମପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଶ୍ୱେଶ୍ୱର ଦ୍ୱିବେଦୀ, ଅବସରପ୍ରାପ୍ତ ଶିକ୍ଷକ ଡ଼ ଶଶିଧର ବିଶ୍ୱାଳ, ଆୟୋଜକ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଇକୋରୋ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଶିକ୍ଷାଗତ ଉତ୍କର୍ଷତାକୁ ସ୍ୱୀକୃତି ଦେଇ ଏବଂ ରେଳ ପରିବାର ମଧ୍ୟରେ ଯୁବ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା କ୍ଷେତ୍ରରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ ), ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଗତକାଲି ରେଳ କର୍ମଚାରୀଙ୍କ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।
ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରେଳ କର୍ମଚାରୀଙ୍କ ପିଲାମାନଙ୍କୁ (ମୋଟ ୧୩୫ ଜଣ) ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଇକୋରୋ/ ଖୋର୍ଦ୍ଧା ରୋଡ୍ ର ସଭାପତି ଶ୍ରୀମତୀ ଦିବ୍ୟା ତ୍ରିପାଠି, ଉପସଭାପତି ଶ୍ରୀମତୀ ଲୀନାଶ୍ରୀ ବେହେରା ଏବଂ ଇକୋରୋର ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ମନୋନୀତ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ, ଉତ୍ସର୍ଗତା ଏବଂ ଶିକ୍ଷାଗତ ସଫଳତାକୁ ପ୍ରଶଂସା କରି ବ୍ୟକ୍ତିଗତ ଭାବରେ ଏହି ପୁରସ୍କାର ପ୍ରଦାନ କରିଥିଲେ।
ଶ୍ରୀମତୀ ତ୍ରିପାଠୀ ପୁରସ୍କାରପ୍ରାପ୍ତ ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷତା ହାସଲ କରିବା ଏବଂ ସେମାନଙ୍କ ଶିକ୍ଷାଗତ ଯାତ୍ରାରେ ଉଚ୍ଚ ଆକାଂକ୍ଷା ସ୍ଥାପନ କରିବାକୁ ମଧ୍ୟ ପ୍ରେରଣା ଦେଇଥିଲେ ।
ଇକୋରୋ ଖୋର୍ଦ୍ଧା ରୋଡ୍ ର ଏହିପରି କଲ୍ୟାଣକାରୀ ପଦକ୍ଷେପ ଏବଂ ସ୍ୱୀକୃତି କାର୍ଯ୍ୟକ୍ରମ ମାଧ୍ୟମରେ ରେଳ ପରିବାରର ଶିକ୍ଷାଗତ ବିକାଶ ଏବଂ ସାମଗ୍ରିକ କଲ୍ୟାଣକୁ ସମର୍ଥନ କରିଆସୁଛି ଯାହା ଯୁବ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି ।

# ବେତନଟୀ ପ୍ରିମିୟର ଲିଗ୍ ପାଇଁ ନିଲାମ ଶେଷ : ଅଲରାଉଣ୍ଡର ପ୍ରୀତିଦେବ ଜେନା ଦାମୀ ଖେଳାଳୀ

ବେତନଟୀ,୦୧/୧୨ (ନି.ପ୍ର): ଡିସେମ୍ବର ୧୭ ତାରିଖରେ ବେତନଟୀ ଏମ୍‌ପିସି ହାଇସ୍କୁଲ ଖେଳପଡିଆରେ ହେବାକୁ ଥିବା ବେତନଟୀ ପ୍ରିମିୟର ଲିଗ ସିଜିନ-୧୨ ପାଇଁ ବେତନଟୀ ଏମପିସି ହାଇସ୍କୁଲ ସଭାଗୃହରେ ଖେଳାଳି ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଏଥିରେ ବାରିପଦା, ମୋରଡା, ଉଦଳା, ବାଙ୍ଗିରିପୋଷି, କୁଳିଅଣା, ଶାମାଖୁଣ୍ଟା, କପ୍ତିପଦା, ରାସଗୋବିନ୍ଦପୁର, ଚିତ୍ରଡ଼ା, ଖୁଣ୍ଟା, ବଡ଼ସାହି, ମାଣତ୍ରୀ ସମେତ ବେତନଟୀରୁ ଖେଳାଳି ଓ ଟିମ୍ ମାଲିକମାନେ ସାମିଲ ହୋଇଥିଲେ। ଆୟୋଜକ ବିସିସିର ସମ୍ପାଦକ ଦିଲ୍ଲୀପ ରାଉତ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ୧୧୬ ଜଣ ଖେଳାଳି ନାମ ପଞ୍ଜୀକରଣ କରିଥିଲେ। ବାହାନଡ଼ା ଟାଇଗର ମାଲିକ ପ୍ରିୟଜିତ ନାୟକ ଥିବା ବେଳେ ଆଇକନ୍ ଖେଳାଳି ଭାବେ ସଞ୍ଜୟ ପରିଚ୍ଛା, ଜଗନ୍ନାଥ ଉଆରିୟର୍ସ




ମାଲିକ ସମ୍ୱୀତ ଶାହା ଥିବାବେଳେ ଆଇକନ ଖେଳାଳି ଶୁଭାଶିଷ ଦେ , ଜୟ ଶ୍ରୀରାମ ଫାଇଟର ମାଲିକ ସନ୍ଦୀପ ମିଶ୍ର ଥିବା ବେଳେ ଆଇକନ୍ ଖେଳାଳି ଅନୁପ କୁମାର ପରିଡ଼ା, ୧୧- ଷ୍ଟାର୍ ମୋରଡା ମାଲିକ ସୌମ୍ୟ ମହାପାତ୍ର ଥିବାବେଳେ ଆଇକନ୍ ଖେଳାଳି ଆଦିତ୍ୟ ବସା, କାଳ ଭୈରବ ର ମାଲିକ ଜୟନ୍ତ କୁମାର ଗିରି ଥିବାବେଳେ ଆଇକନ୍ ଖେଳାଳି ସୈମ୍ୟ ରଞ୍ଜନ ଧୋଳ, ଆରିଅନ ଫାଇଟର ମାଲିକ ରାଜୀପ କୁମାର ପାତ୍ର ଥିବାବେଳେ ଆଇକନ ଖେଳାଳି ଚିନ୍ମୟ ପଣ୍ଡିତ ପ୍ରମୁଖ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ଉଦୀୟମାନ ଅଲରାଉଣ୍ଡ ପ୍ରିତିଦ୍ୱେ ଜେନାଙ୍କୁ ୧୧ ଷ୍ଟାର ମୋରଡା ସର୍ବାଧିକ ୩୦ ହଜାର ୧୦୦ ଟଙ୍କା ଦେଇ କିଣିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବ ପ୍ରକାଶଜ୍ୟୋତି ଆଦିତ୍ୟ, ସଠିଲୋ ସମିତି ସଭ୍ୟ କିଶୋର କୁମାର ନାୟକ, ସଞ୍ଜୁ ଦ୍ୱିବେଦୀ, ପ୍ରଶାନ୍ତ ନାଥ, ଜୀବନ ପରିଡା, ଶିକ୍ଷକ ହୃଷୀକେଶ ମହାନ୍ତ, ଯଶୋବନ୍ତ ବେହେରା, ଗୌରବ ନାଥ, କରନ କୁମାର ନାଥ, ରବୀନ୍ଦ୍ର କୁମାର ସାହୁ, ବିକାଶ ଦାସ, ଚନ୍ଦ୍ରଶେଖର ବେରା, ସରୋଜ ନାଥ, ରିଙ୍କୁ ସାହୁ, ଭୈରବ ନାଥ, ଭାଗ୍ୟରଞ୍ଜନ ବେହେରା, ମନୋଜ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

# ନୀଳମଣି କଲେଜରେ ଏଡ଼ସ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର , ୦୧/୧୨ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ, ରୋଭର ଓ ରେଞ୍ଜର ୟୁନିଟର ମିଳିତ ସହଯୋଗରେ ମହାବିଦ୍ୟାଳୟର ଅଧକ୍ଷ ଡ଼. ତପନ କୁମାର ବେହେରାଙ୍କ ଅଧକ୍ଷତାରେ ବିଶ୍ୱ ଏଡ଼ସ ଦିବସ ପାଳନ ଅବସରରେ ଏଚଆଇଭି/ ଏଡ଼ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧାପକ ସରୋଜ କୁମାର ପାଣି, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଗୌରାଙ୍ଗ ପଣ୍ଡା, ରୋଭର ଲିଡର




ପ୍ରଶାନ୍ତ ସିଂ ଓ ଯୁବରେଡକ୍ରସ କାଉନସେଲର ଡ. ଅନ୍ନପୂର୍ଣ୍ଣା ରଣା ପ୍ରମୁଖ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ମହାମାରୀ ଏଡ଼ସର କାରଣ ଓ ନିରାକରଣ ତଥା ବାଲେଶ୍ୱର ଜିଲ୍ଲାରେ ଏଡ଼ସର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀ ରଣଜିତ୍ ତପସ୍ୱୀ, ଜଗବନ୍ଧୁ ଦାସ, ପ୍ରିୟବ୍ରତ ମୁର୍ମୁ ଓ ରାଣୀ ମୁର୍ମୁ ପ୍ରମୁଖ ଏଡ଼ସ ମହାମାରୀର ଭୟାବହତା ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସଂଯମତା ଓ ସୁରକ୍ଷା ଏଡ଼ସ ମହାମାରୀରୁ ରକ୍ଷା ନିମିତ୍ତ ମୁଖ୍ୟ କବଚ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ରୋଭର ଲିଡର ପ୍ରଶାନ୍ତ ସିଂ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ରେଞ୍ଜର ଲିଡର ରଶ୍ମିତା ମହାପାତ୍ର ଅତିଥି ପରିଚୟ କରିଥିଲେ । ସ୍ୱେଚ୍ଛାସେବୀ ସୋହମ ସାହୁ, ନେହା ରାଉତ, କାନ୍ଦନ ହେମ୍ବ୍ରମ, ଶୁଭଶ୍ରୀ ମହାଳିକ, ଜୁଲି ମହାକୁଡ, ତନୁଶ୍ରୀ ସାହୁ, ଗୌରାଙ୍ଗ ସାହୁ ଓ କ୍ଷିତୀଶ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସ୍ୱେଚ୍ଛାସେବୀ ଯଶ ମାଝୀ, ରୀମା ଦାସ, ବିଶ୍ୱଜିତା ବେହେରା, କାଜଲ ସିଂ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ପ୍ରୋଗ୍ରାମ ଅଫିସର କାବେରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।


## 1st CORRIGENDUM

### Tender for the work

**"Supply, Installation, Testing & Commissioning of DG Sets (CPCB IV + GEN Set with AMF Pannel) with Movable Trolley including shed for Balasore Town.**

In continuation to this office Bib-Identification **No.SEPHBLS-26 of 2025-26 dt.12.11.2025.** The following amendments have been made to **Critical Dates.**

| 1 | Item/Clause | Description | Existing Critical Dates | Revised/Amended Critical Dates |
|---|---|---|---|---|
| | Critical Dates in NIT, Section-1 of DTCN | Last date and time of seeking clarification | 17:00 Hr. of dt.28.11.2025 | 17:00 Hr. of dt.05.12.2025 |
| | | Last date & time of bidding on-line | 17:00 Hr. of dt.03.12.2025 | 17:00 Hr. of dt.10.12.2025 |
| | | Date & time of opening Bid | 17:00 Hr. of dt.04.12.2025 | 17:00 Hr. of dt.11.12.2025 |

All other terms and conditions Un-Altered.

OIPR : 13053/11/0033/2526

Superintending Engineer,
P.H. Division, Balasor

ମଙ୍ଗଳବାର, ଡିସେମ୍ବର ୦୨, ୨୦୨୫
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ୧୨ଜଣ ମୃତକଙ୍କ ପରିବାରକୁ ଭାରତୀୟ ଷ୍ଟେଟବ୍ୟାଙ୍କ ପକ୍ଷରୁ ବୀମାରାଶି ପ୍ରଦାନ

ନୀଳଗିରି, ୦୧/୧୨ (ନି.ପ୍ର): ନୀଳଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ କେନ୍ଦ୍ରସରକାରଙ୍କ ଜୀବନଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୧୨ଜଣ ମୃତ ଜମାକାରୀଙ୍କ ଉତ୍ତରାଧିକାରୀଙ୍କୁ ୨୪ ଲକ୍ଷ ଟଙ୍କାର ଚେକରାଶି ପ୍ରଦାନ କରାଯାଇଛି। ଯାହାକୁ ନେଇ ଆଜି ଅପରାହ୍ନରେ ନୀଳଗିରି ସ୍ଥିତ ବ୍ୟାଙ୍କ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।ଏହି ବୈଠକରେ ଭାରତୀୟ ଷ୍ଟେଟବ୍ୟାଙ୍କର ଜୋନାଲ ମୁଖ୍ୟ ଉମାକାନ୍ତ ପୁଜାରୀ, ଆଞ୍ଚଳିକ ଅଧିକାରୀ ବିରେନ୍ଦ୍ର କୁମାର ସିଂ, ନୀଳଗିରି ଏନ୍ ଏ ସି ଭାରପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ନୀଳଗିରି ଶାଖା ପରିଚାଳକ ପ୍ରଫୁଲ୍ଲ ଶିଅଳ, ପ୍ରଶାନ୍ତ କୁମାର କେସି, ସନ୍ଦୀପ କୁମାର ସାହୁ, ସରୋଜ ମହାପାତ୍ର, ରାକେଶ ସେଠୀ, ବିଶ୍ୱଜିତ୍ ପାଲ୍, ଶିବରାମ ରାଉତ, ପ୍ରଦିପ ମହାପାତ୍ର , ସାଇବା ସିଂ ପ୍ରମୁଖ ଉପସ୍ଥିତରହି ଉକ୍ତ ଦୁଇଟି ଯୋଜନା ସମ୍ପର୍କରେ ଉପସ୍ଥିତ ହିତାଧିକାରି ଙ୍କୁ ଅବଗତ କରାଇଥିଲେ। କଣ୍ଟାବଣିଆ ଗ୍ରାମର ଭାଗବତ ବେହେରା, ରିଷିଆ ଗ୍ରାମର ମାଣିକ ସିଂ,ତେଣ୍ଡା ଗ୍ରାମର ସୁକୁରା ସିଂ,ବରହମପୁର ଗ୍ରାମର ତପସ୍ୱିନୀ ରଣା,ଓଲଡଙ୍ଗ ଗ୍ରାମର ପର୍ଶୁରାମ ସାମଲ,ଡମ୍ବୁରଘାଟୀ ଗ୍ରାମର ମୁଗ ସିଂ,କଣ୍ଡିଆଟିକର ଗ୍ରାମର ବିଶ୍ୱନାଥ ଆଚାର୍ଯ୍ୟ,କିଶୋରଚନ୍ଦ୍ରପୁର ଗ୍ରାମର ରଇବାରୀ ସିଂ,ଧୋବଶିଳା ଗ୍ରାମର ମଧୁସ୍ମିତା ବାରିକ,ତରତୁଆ ଗ୍ରାମର ଭାନୁପ୍ରିୟା ସାହୁ,ନରଣପୁର ଗ୍ରାମର ପାର୍ବତୀ ରାଉତ ପ୍ରମୁଖଙ୍କ ଉତ୍ତରାଧିକାରୀଙ୍କୁ ଏହି ଅର୍ଥରାଶି ପ୍ରଦାନ କରାଯାଇଥିଲା।ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନାରେ ୧୮ ରୁ ୫୫ ବର୍ଷୀୟ ଜମାକାରୀ ନିଜର ଖାତାରେ ବାର୍ଷିକ ୪ ଶହ ୩୬ଟଙ୍କା ଜମା କରୁଥିବାବେଳେ ପ୍ରଧାନ ମନ୍ତ୍ରୀ ସୁରକ୍ଷାବୀମା ଯୋଜନାରେ ୧୮ ବର୍ଷରୁ ୭୦ବର୍ଷ ବୟସ୍କ ପର୍ଯ୍ୟନ୍ତ ବାର୍ଷିକ ୨୦ଟଙ୍କା ଦେଇ ବୀମା କରିପାରିବେ।ଉଭୟ ଯୋଜନାରେ ସାମିଲ ଜମାକାରୀଙ୍କ ମୃତ୍ୟୁପରେ ତାଙ୍କର ଉତ୍ତରାଧିକାରୀମାନେ ଗୋଟିଏ ମାସ ମଧ୍ୟରେ ବୀମା ରାଶି ପାଇପାରିବେ ବୋଲି ଶାଖା ପରିଚାଳକ ପ୍ରଫୁଲ୍ଲ ଶିଅଳ ପ୍ରକାଶ କରିଛନ୍ତି।ପ୍ରଧାନମନ୍ତ୍ରୀ ଜୀବନ ସୁରକ୍ଷା ବୀମା ଯୋଜନାରେ ସାପ କାମୁଡା,ପାଣିରେ ପଡିବା,ଗଛରୁ ପଡିବା,ବଜ୍ରପାତ ଆଦିର ମୃତ୍ୟୁ ବୀମା ଅନ୍ତର୍ଭୁକ୍ତ ରହିଛି।

# ପାରାଦୀପ ବନ୍ଦର ଚିକିତ୍ସାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ



ପାରାଦୀପ, ୦୧/୧୨ (ନି.ପ୍ର): ଆଜି ବିଶ୍ୱ ଏଡ୍ସ ଦିବସ ଅବସରରେ ପାରାଦୀପ ବନ୍ଦର ଚିକିତ୍ସାୟ ପକ୍ଷରୁ ବିଶ୍ୱ ଏଡସ୍ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ କୁ ଆରମ୍ଭ ସ୍ୱରୁପ ପାରାଦୀପ ବନ୍ଦର ହସ୍ପିଟାଲ ରୁ ଏକ ପଦଯାତ୍ରା ଆରମ୍ଭ କରାଯାଇ ଅଫିସର୍ସ କ୍ଲବ ଠାରେ ଶେଷ ହୋଇଥିଲା। ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଉପସ୍ଥିତ ଜନସାଧାରଣଙ୍କୁ ଶପଥ ପାଠ କରାଇବା ସହିତ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ବନ୍ଦର ଉପାଧ୍ୟକ୍ଷ ଟି.ଭେନୁ ଗୋପାଲ, ବନ୍ଦର ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ, ଚିକିତ୍ସକ, ପାରା ମେଡିକାଲ କର୍ମଚାରୀଙ୍କ ସମେତ ବନ୍ଦରର ବିଭାଗୀୟ ମୁଖ୍ୟ, ଅଧିକାରୀ, ସିଆଇଏସଏଫ କର୍ମଚାରୀ, ପାରାଦୀପ ସାକ୍ଷରତା ସମିତି ସ୍ୱେଚ୍ଛାସେବୀ, ଏଡସ୍ ଉପରେ କାର୍ଯ୍ୟ କରୁଥିବା ଏନଜିଓ, ଟ୍ରାନସଜେଣ୍ଡର ଏବଂ ଜନସାଧାରଣ ଏହି ସମାବେଶରେ ସାମିଲ ହୋଇଥିଲେ।ଏବଂ ସମସ୍ତ କର୍ମଚାରୀ ପ୍ରତୀକାତ୍ମକ ଲାଲ ରିବନ ପିନ୍ଧି ସମାଜକୁ ଏଡ୍ସ ସଚେତନତା ବାର୍ତ୍ତା ଦେଇଥିଲେ। ଏହା ପରେ କ୍ୟାଡ୍ସ ସହଯୋଗ ରେ ବନ୍ଦର ଗେଟ-୧ ଏବଂ ୩ରେ ଟ୍ରକ୍ ଚାଳକମାନଙ୍କ ପାଇଁ ଏକ ସ୍କ୍ରିନିଂ ଶିବିର ଆୟୋଜନ କରାଯାଇ ୨୦୬ ଜଣଙ୍କର ସ୍କ୍ରିନିଂ କରାଯାଇଥିଲା । ସେଥି ମଧ୍ୟରେ କାହାରିକୁ ଏଡ୍ସ ପଜିଟିଭ ଚିହ୍ନଟ ହୋଇନଥିବା ବୋଲି ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଇଛି।

# ୫ରେ ପ୍ରାଥମିକ ଶିକ୍ଷକ ମହାସଂଘ ତରଫରୁ ବିଧାନସଭା ଘେରାଓ: ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବାଲିଆପାଳ , ୦୧/୧୨ (ନି.ପ୍ର): ପ୍ରାଥମିକ ଶିକ୍ଷକ ମହାସଂଘ ବାଲିଆପାଳ ତରଫରୁ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶରେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦୁଇ ଦଫା ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ମୂଳ ପଦବୀକୁ ଅପଗ୍ରେଡ କରି ଲେବେଲ ନଅ ଅନୁଯାୟୀ ମୂଳ ବେତନ ୩୫,୪୦୦ ପ୍ରଦାନ ତଥା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ ସହ ଛଅ ବର୍ଷର ଠିକା କାର୍ଯ୍ୟକାଳକୁ ମୂଳ ଚାକିରୀରେ ଗଣନା କରି ଛଅ ଟି ନୋସନାଲ ଇନ୍କ୍ରିମେଣ୍ଟ ପ୍ରଦାନ କରିବା ଦାବିରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନାଙ୍କୁ ସଂଘ ପକ୍ଷରୁ ଏହି ଦାବି ପତ୍ର ପ୍ରଦାନ କରାଯାଇଛି । ଆସନ୍ତା ଡ଼ିସେମ୍ବର ପାଞ୍ଚ ତାରିଖରେ ଭୁବନେଶ୍ୱରରେ ବିଧାନ ସଭା ଘେରାଓ ରେ ବାଲିଆପାଳ ବ୍ଲକ୍ ର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଆନ୍ଦୋଳନ କୁ ଜୋରଦାର କରାଯିବ ବୋଲି ସଂଘ ତରଫରୁ ଘୋଷଣା କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଶିକ୍ଷକ ନେତା ସୁବାସ ଚନ୍ଦ୍ର ଭଞ୍ଜ, ନିତାଇ ଚରଣ ରାଉଳ, ପୂର୍ଣ୍ଣେନ୍ଦୁ ଦାସ, ସୁଶାନ୍ତ ଗିରି, ବ୍ୟୋମକେଶ ସାହୁ, ଧନଞ୍ଜୟ ଦେ, ସତ୍ୟବ୍ରତ ତ୍ରିପାଠୀ, ଜ୍ୟୋତିପ୍ରକାଶ ଜେନା, ପବନ ଦେ, ସୁରଥ ପ୍ରମାଣିକ, ଅତୁଲ ସାହୁ, ଅରୁଣ ପତି, ନିହାର ରଞ୍ଜନ ଜେନା, ସନ୍ତୋଷ ଜେନା, ଜଗନ୍ନାଥ ଦାସ, ଧର୍ମପଦ ମହାପାତ୍ର, ଶକୁନ୍ତଳା ପ୍ରଧାନ, ହେମନ୍ତ ମହାନ୍ତି, କେଶବ ପାତ୍ର, ମନୋରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଏସଏଫ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ବିଏସଏଫ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଏସଏଫର ପ୍ରତିଷ୍ଠା ଦିବସରେ ସାହସୀ ଯୋଧାମାନଙ୍କୁ ମୋର ଶୁଭେଚ୍ଛା। ସୀମା ସୁରକ୍ଷାରେ ବିଏସଏଫ୍, ତାଙ୍କର ସାହସ, ଶୃଙ୍ଖଳା ଏବଂ ଅଟଳ ସମର୍ପଣର ପ୍ରତୀକ ଭାବେ ଦୃଢ଼ଭାବରେ ଦଣ୍ଡାୟମାନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ନେତୃତ୍ୱରେ ଭାରତର ସୁରକ୍ଷା ଚକ୍ର କବଚ ଆହୁରି ସୁଦୃଢ଼ ଏବଂ ସହନଶୀଳ ହୋଇଯାଇଛି। ଜାତି ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରୁଥିବା ସେବା ପାଇଁ ସମସ୍ତ ବିଏସଏଫ୍ କର୍ମଚାରୀଙ୍କୁ ମୋର କୋଟି କୋଟି ଅଭିବାଦନ।

# ମେଘାସନ ମହାବିଦ୍ୟାଳୟରେ ବିଶ୍ୱ ଏଡ଼୍ସ ଦିବସ ପାଳିତ

## ସଚେତନତା ହିଁ ଏକମାତ୍ର ବିକଳ୍ପ : ପ୍ରଫେସର ପ୍ରମୋଦ




ଉଦଳା, ୦୧/୧୨ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଆଜି ଡ଼ିସେମ୍ବର ୧ ତାରିଖ ସୋମବାର ଦିନ ବିଶ୍ୱ ଏଡ଼୍ସ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଲୋକଙ୍କୁ ସଚେତନ କରାଇବା ପାଇଁ ଏକ ଶୋଭାଯାତ୍ରା ଓ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ ମହାବିଦ୍ୟାଳୟର +୨ ଓ +୩ରେ ଥିବା ଜାତୀୟ ସେବା ଯୋଜନା, ସମର ଶିକ୍ଷାର୍ଥୀ ବାହିନୀ ଏବଂ ଯୁବ ରେଡ଼କ୍ରସର ଛାତ୍ରଛାତ୍ରୀ ମାନେ ମିଳିତ ଭାବରେ ସଚେତନତାର ବାର୍ତ୍ତା ଲେଖାଥିବା ପ୍ରଚାରପତ୍ର ହାତରେ ଧରି ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନମାନ ଦେଇ ନୁଦଡ଼ିହା ଓ ପିଙ୍ଗୁଗ୍ରାମ ପରିକ୍ରମା କରିଥିଲେ । ଏହାପରେ ମହାବିଦ୍ୟାଳୟ ପରିସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ରାଉତ ଏଥିରେ ଅଧକ୍ଷତା କରି ଏଡ଼୍ସରୁ ମୁକ୍ତି ପାଇଁ ସଚେତନତା ହିଁ ଏକମାତ୍ର ବିକଳ୍ପ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସସ୍ମିତା ଲାୟା, ଡ଼. କମଳିନି ପଣ୍ଡା, ଲାପ୍ଟନାଂଟ ଅରୁଣ କୁମାର ଜେନା ଓ ଅଧ୍ୟାପକ ବିଜୟ କୁମାର ନାୟକ ଆଲୋଚନାରେ ଅଂଶଗ୍ରହଣ କରି ଏଡ଼୍ସ ରୋଗର ଭୟାବହତା ଆଜି ସମଗ୍ର ପୃଥିବୀକୁ ଗ୍ରାସ କରିବା ସହ କିପରି ଚିନ୍ତାର କାରଣ ପାଲଟିଛି ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରି ଏଥିରୁ ମୁକ୍ତି ପାଇଁ ଆମକୁ କିପ୍ରକାର ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ଅବଗତ କରାଇଥିଲେ ।

# ୩ ପ୍ରକଳ୍ପର ଶିଳାନ୍ୟାସ କଲେ ସିମୁଳିଆ ବିଧାୟକ



ଖଇରା,୧।୧୨ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ରବିବାର ଦିନ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବରଦା ପଞ୍ଚାୟତରେ ୩ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏଥି ମଧ୍ୟରେ ୩୫ଲକ୍ଷ ବ୍ୟୟରେ ନୂତନ ପଞ୍ଚାୟତ ଭବନ,୨୫ଲକ୍ଷ ବ୍ୟୟରେ ମିଶନ ଶକ୍ତି ଗୃହ ଏବଂ ୧୦ଲକ୍ଷ ବ୍ୟୟରେ ନିର୍ମିତ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସ ର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସରପଞ୍ଚ ପରିକ୍ଷିତ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବରଦା ପଞ୍ଚାୟତ ବାଲେଶ୍ୱର ଭଦ୍ରକ ଜିଲାର ସୀମାନ୍ତବର୍ତ୍ତୀ ପଞ୍ଚାୟତ ହୋଇଥିବାରୁ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ସମିତି ସଭ୍ୟ ଅକ୍ଷୟ ଜେନା,ବଡଜୟିପୁର ସରପଞ୍ଚ ଅର୍ଣ୍ଣପୂର୍ଣ୍ଣା ମହାନ୍ତି,ରପେୟା ସରପଞ୍ଚ ପ୍ରତିନିଧି ଅଜୟ କୁମାର ସାମଲ,ମିଶନଶକ୍ତିର ବ୍ଲକ ସଂଯୋଜିକା ସୁଚିସ୍ମିତା ପରିଡା,ବ୍ଲକ ପରିଚାଳକ ପିତବାସ ବିଶ୍ୱାଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବରଦାରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ନୂତନ ଡାକ୍ତର ଯୋଗାଇଦେବାକୁ ସ୍ଥାନୀୟ ବାସିନ୍ଦାଙ୍କ ଦାବି ଉପରେ ବିଚାର କରିବାକୁ ବିଧାୟକ ପ୍ରତିଶୃତି ଦେଇଥିଲେ ।

# ବିଜେଡିରୁ ଇସ୍ତଫା ଦେଲେ ନଗେନ୍ଦ୍ର ବିଶ୍ୱାଳ

ବାସୁଦେବପୁର, ୦୧/୧୨ (ନି.ପ୍ର): ବିଜୁ ଜନତା ଦଳର ଟାଣୁଆ ନେତା ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ବିଜେଡିରୁ ଇସ୍ତଫା ଦେଇଛନ୍ତି। ଶ୍ରୀ ବିଶ୍ୱାଳ ଏହି ଇସ୍ତଫା ଦେବା ପରେ ପରେ ବାସୁଦେବପୁର ଓ ଭଦ୍ରକରେ ବିଜେଡିକୁ ଶକ୍ତ ଧକ୍କା ଲାଗିଛି। ଦଳର ପ୍ରାଥମିକ ସଦସ୍ୟ ପଦରୁ ଶ୍ରୀ ବିଶ୍ୱାଳ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ଜିଲ୍ଲା ସଭାପତିଙ୍କ ପାଖକୁ ଶ୍ରୀ ବିଶ୍ୱାଳ ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ପୂର୍ବରୁ ଭଦ୍ରକ ଜିଲ୍ଲାର ୩ ବ୍ଲକ୍ ଅଧକ୍ଷ ଇସ୍ତଫା ଦେଇଥିଲେ। ବନ୍ତ ବ୍ଲକ୍ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ, ଓ ଭଣ୍ଡାରିପୋଖରୀ ବ୍ଲକ୍ ଅଧକ୍ଷା ସୁମତି ସେଠି ବିଜେଡିରୁ ଇସ୍ତଫା ଦେଇଥିଲେ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମ ପଞ୍ଚାୟତର ରତାଙ୍ଗ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ରେ ମିଶିବେ ବୋଲି ସର୍ବ ସାଧାରଣରେ ଓ ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ୧୯୯୨ ମସିହାରେ କଳିଙ୍ଗ ବୀର ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଜୟଶ୍ରୀ ରାଉତରାୟଙ୍କ ଆଶୀର୍ବାଦ ପାଇ ଶ୍ରୀ ବିଶ୍ୱାଳ ରାଜନୀତିରେ ପ୍ରବେଶ କରିଥିଲେ। ଏବେ ମଧ ଶ୍ରୀ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ରାଜନୀତିରେ ସକ୍ରିୟ ଅଛନ୍ତି। ବାସୁଦେବପୁର ବ୍ଲକ ଓ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଅଧିକ ଉନ୍ନତି ହେବା ଆବଶ୍ୟକ ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ପ୍ରଧାନମନ୍ତ୍ରୀ ସଡ଼କ ମରଣଯନ୍ତା



ବୈଶିଙ୍ଗା, ୦୧/୧୨ (ନି.ପ୍ର): ଯେଉଁ ଦେଶର ରାସ୍ତା ସୁନ୍ଦର ସେ ଦେଶ ସେତେ ଉନ୍ନତ। ଆମ ଭାରତର କେନ୍ଦ୍ର ତଥା ରାଜ୍ୟ ସରକାର ସହର ସହିତ ଗ୍ରାମ ସଂଯୋଗ ପାଇଁ କୋଟି କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ସଡ଼କ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ଯୋଜନା କରୁଛନ୍ତି ସତ ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ନିମ୍ନମାନର କାର୍ଯ୍ୟ ପାଇଁ ବର୍ଷେ ଦୁଇ ବର୍ଷ ମଧ୍ୟରେ ଖରାପ ହୋଇଯାଉଛି। ଜିଲ୍ଲା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ୧୮ନମ୍ବଜାତୀୟ ରାଜପଥର ଜରକା ଠାରୁ ବୈଦିପୁର୍ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲେ ମଧ ବିଭାଗ ଏହି ରାସ୍ତାର ମରାମତି କରିବାର ନାମ ଧରୁନଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଯାନ ବାହାନ ଚଳା ଚଳରେ ବାଧା ଉପୁଜିଛି । ଏହି ରାସ୍ତାର ୭.୩୭୦କିମି ରାସ୍ତା ତିଆରି ନିମନ୍ତେ ୨ କୋଟି୪୮ ଲକ୍ଷ ୮୮. ୯୬୪ ଲକ୍ଷ ଅର୍ଥ ମଞ୍ଜୁରୀ କରାଯାଇତା ୨୮.୧୧.୨୧ରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏଂ ବିଧାୟକ ସନାତନ ବିଜୁଳି ଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ବେଳେ ୨୦୨୨ ମସିହା ଜୁଲାଇ ମାସ ରେ ଶେଷ ହେବା ସହିତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ ହେବାର ଚୁକ୍ତି ରହିଛି।ମାତ୍ର ଏହି ରାସ୍ତା ମରାମତି ନହେବାରୁ ଏହା ସିଧା ସଳଖ ବିଭାଗର ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି, ଅର୍ଥ ଥାଇ ମଧ ଅବଧି ଶେଷ ହେବାକୁ ଆହୁରି ଦେଢ଼ ବର୍ଷ ରହିଥିବାବେଳେ ମରାମତି ନହେବା କାରଣ କଣ ବୋଲି ସାଧାରଣ ରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ତାହା ନଦେଖିଲେ ବିଶ୍ୱାସ ହେବ ନାହିଁ । ଏହି ରାସ୍ତା ମରାମତି ହେବା ଠାରୁ ରକ୍ଷଣା ବେକ୍ଷଣର ଅବଧି ଶେଷ ହେଉଥିବା ବେଳେ ବଡ଼ସାହି ବିଧାୟକ ତାଙ୍କର ୫ ବର୍ଷ ଅବଧି ଶେଷ କରି ଦ୍ୱିତୀୟ ଥର ବିଧାୟକ ହୋଇଥିଲେ ମଧ ଏହି ଅଞ୍ଚଳ ଗସ୍ତ କରି ନାହାନ୍ତି କି ଏହି ରାସ୍ତାର ଅବସ୍ଥା ଦେଖି ନାହାନ୍ତି । ଉକ୍ତ ରାସ୍ତା ଦେଇ ସୁବର୍ଣ୍ଣ ରେଖା କେନାଲ ଯାଉ ଥିବା ବେଳେ ଓ ଏହି ରାସ୍ତା ଉପରେ କେନାଲ ନିମନ୍ତେ ଏକ ପୋଲ ନିର୍ମାଣ ରାସ୍ତା ଉପରେ ନିର୍ମିତ ହେବାକୁ ଥିବାରୁ ଏଥିପାଇଁ ଲୋକଙ୍କ ନିମନ୍ତେ ଓ ଯାନ ବାହାନ ଚଳା ଚଳର ସୁବ୍ୟବସ୍ଥା ନିମନ୍ତେ କେନାଲ ବିଭାଗ ମଧ ଯତ୍ନବାନ ହେବା ଜରୁରୀ ଅଟେ । ଏତଦ ବ୍ୟତିତ ଏହି ରାସ୍ତା ଜାରକା ରୁ ମେର୍ଦା ମଧ୍ୟରେ ମରାମତି ନସାରିବା ପୂର୍ବରୁ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲାଣି, କଂକ୍ରିଟ ରାସ୍ତା ଉପରୁ ଲୋକ ଙ୍କ ଭରସା ତୁଟି ଗଲାଣି, କଂକ୍ରିଟ ଉଠି ରାସ୍ତା ଯାକ ଖାଲରେ ଭର୍ତି ହେବାସହ ରାସ୍ତା ଉପରେ ହମ୍ପସ ନିର୍ମାଣ ଯୋଗୁ ଜରୁରୀକାଳୀନ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି, ବିଶେଷ ଭାବେ ୧୦୮ ଆମ୍ବୁଲାନ୍ସ ଓ ଦମକଳ ପାଇଁ ବିପଦ ସୃଷ୍ଟି କରୁଛି । ବିଭାଗୀୟ ଅଧିକାରୀ ଙ୍କ ନଜର ପଡୁ ନାହିଁ କି ରାଜନେତା ଙ୍କ ଦୃଷ୍ଟି ମଧ ନପଡିବାରୁ ୫ ଗୋଟି ପଞ୍ଚାୟତ ର ୫୦୦୦ ହଜାର ରୁ ଉର୍ଦ୍ଧ ଗ୍ରାମବାସୀ ଓ ଏହି ରାସ୍ତା ଦେଇ ଚଳା ଚଳ କରୁଥିବା ଯାତ୍ରୀବାହୀ ବସ ମଧ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଏତଦ ବ୍ୟତିତ ସାଇକେଲ ଯୋଗେ ଯିବା ଆସିବା କରୁଥିବା ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ ମାନେ ଦୁର୍ଘଟଣା ର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଯଥା ଶୀଘ୍ର ମରାମତି କରିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦାବି ହେଉଛି ।

ପ୍ରକାଶ ପାଇଲା....
ଡ. ଭାଗବତ ବେହେରାଙ୍କ ଲିଖିତ ଜଗନ୍ନାଥ ଚେତନା ସମ୍ବଳିତ ଦୁଇଟି ଆଧାତ୍ମିକ ଉପନ୍ୟାସ :




ପ୍ରାପ୍ତିସ୍ଥାନ: ତାରିଣୀ ବିଦ୍ୟାଭଣ୍ଡାର
ଷ୍ଟେସନ ରୋଡ଼, ବାଲେଶ୍ୱର-୧

1st DEATH ANNIVERSARY



ADHIP DAS
D.O.B.- 25.03.1948
D.O.D.- 02.12.2024
SUNHAT, BALASORE
Your Legacy & Memories live on with us every moment
DHWANI PRATIDHWANI

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida